visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.241, Bhubaneswar Tuesday, November 05, 2019 | ୨୨ତମ ବର୍ଷ ସଂଖ୍ୟା–୨୪୧ ଭୁବନେଶ୍ୱର ମଙ୍ଗଳବାର, ନଭେମ୍ବର ୦୫, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ପୁଣି ୬ ଅଧିକାରୀ ବରଖାସ୍ତ : ୫ ଜଣଙ୍କ ପେନସନ୍ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୪।୧୧(ପି.ଏନ): ଦୁର୍ନୀତି ବିରୁଦ୍ଧରେ କଡା ଆଭିମୁଖ୍ୟ ସ୍ୱରୂପ ମୁଖ୍ୟମନ୍ତ୍ରୀ ଆଜି ପୁଣି ୬ ଜଣ ଅଧିକାରୀଙ୍କୁ ଚାକିରୀରୁ ବରଖାସ୍ତ କରିଛନ୍ତି । ଏହାସହ ୫ ଜଣଙ୍କ ପେନସନ୍ ସୁବିଧା ସ୍ଥାୟୀ ଭାବେ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ମିଶାଇ ଗତ ଦୁଇ ମାସ ମଧ୍ୟରେ ୪୪ ଜଣ ଅଧିକାରୀଙ୍କୁ ଚାକିରୀରୁ ବରଖାସ୍ତ କରାଯାଇଥିବା ବେଳେ ୧୧ ଜଣଙ୍କ ପେନସନ୍ ସ୍ଥାୟୀ ଭାବେ ବନ୍ଦ କରାଯାଇଛି ଏବଂ ୧୦ ଜଣଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ସୋମବାର ଦିନ ସ୍ଥାୟୀ ଭାବେ ପେନସନ୍ ବନ୍ଦ କରାଯାଇଥିବା ଅଧିକାରୀମାନଙ୍କ ମଧ୍ୟରେ ୩ ଜଣ ଅବସରପ୍ରାପ୍ତ ଓଏଏସ୍ ଅଧିକାରୀ ରହିଛନ୍ତି । ସେମାନେ ହେଲେ ବରଗଡ ମ୍ୟୁନୁସିପାଲଟିର ପୂର୍ବତନ ନିର୍ବାହୀ ଅଧିକାରୀ ନବୀନ ସେଠ, ନୟାଗଡ ଜିଲ୍ଲା ଖଣ୍ଡପଡା ବ୍ଲକ୍ ର ପୂର୍ବତନ ବିଡିଓ ସନାତନ ସେଠୀ ଓ କୋରାପୁଟର ପୂର୍ବତନ ଆରଟିଓ ପୁରନ୍ଦର ପୁଜାରୀ । ଏମାନଙ୍କ ବ୍ୟତୀତ ସୁନ୍ଦରଗଡ ଜିଲ୍ଲା ବଣାଇ ଆରଡବ୍ଲୁ ସବୁ ଡିଭିଜନ୍ ର ଅବସରପ୍ରାପ୍ତ ସହକାରୀ ଯନ୍ତ୍ରୀ ନିରଂଜନ ଜେନା ଓ ମୟୁରଭଂଜ ଜିଲ୍ଲା ଖୁଂଟା ବ୍ଲକ୍ ର ପୂର୍ବତନ ଜୁନିୟର ଇଂଜିନିୟର ପିତାମ୍ବର ପ୍ରତିହାରୀଙ୍କ ପେନସନ୍ ମଧ୍ୟ ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଆଜି ବରଖାସ୍ତ ହୋଇଥିବା ଅଧିକାରୀମାନେ ହେଲେ ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ବ୍ଲକ୍ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ଦାସ , ସମ୍ବଲପୁର ଧାନକୁଡା ବ୍ଲକ୍ ଜୁନିଅର ଇଂଜିନିୟର ବୁଦ୍ଧିରାମ ଶୁନିଆନି , ନବରଙ୍ଗପୁର ପାପଡାହାଣ୍ଡି ବ୍ଲକ୍ ପ୍ରୋଗ୍ରେସ୍ ଆସିଷ୍ଟାଂଟ ସୁରେନ୍ଦ୍ର ଚନ୍ଦସ୍ର ମିଶ୍ର , ଅନୁଗୁଳ ଜିଲ୍ଲା ଜଙ୍ଗଲ ବିଭାଗ ୱାର୍କିଂ ପ୍ଲାନ୍ ଅଫିସ୍ ର ଫରେଷ୍ଟ ରେଂଜ ଅଫିସର ହେମନ୍ତ କୁମାର ପଣ୍ଡା , ବ୍ରହ୍ମପୁର ପୂର୍ତ୍ତ ବିଭାଗ ଏନଏଚ ଡିଭିଜନ୍ ର ସହକାରୀ ନିର୍ବାହୀ ଯନ୍ତ୍ରୀ ପୃଥ୍ୱୀରାଜ ଲେଙ୍କା ଏବଂ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍ ଜଳସମ୍ପଦ ବିଭାଗର ଆସିଷ୍ଟାଂଟ ଇଂଜିନିୟର ସୁଶୀଲ କୁମାର ସେଠ। ଉପରୋକ୍ତ ସମସ୍ତ ଅଧିକାରୀମାନେ ରାଜ୍ୟ ଦୁର୍ନୀତି ନିର୍ବାରଣ ବିଭାଗ ଦ୍ୱାରା ଦୁର୍ନୀତି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ।

## ସୁପ୍ରିମକୋର୍ଟରେ ଶ୍ରୀମନ୍ଦିର ସଂସ୍କାର ସମ୍ପର୍କିତ ମାମଲା

ନୂଆଦିଲ୍ଲୀ/ପୁରୀ, ୪।୧୧(ପି.ଏନ): ସୁପ୍ରିମକୋର୍ଟରେ ବିଚାରଧିନ ଶ୍ରୀମନ୍ଦିର ସଂସ୍କାର ସମ୍ପର୍କିତ ମାମଲାର ଆଜି ମଧ୍ୟବର୍ତ୍ତିକାଳୀନ ରାୟ ଆସିଛି । ଜଷ୍ଟିସ୍ ଅରୁଣ ମିଶ୍ରଙ୍କ ଦ୍ୱାରା ଗଠିତ ଖଣ୍ଡପୀଠରେ ସୁପ୍ରିମକୋର୍ଟ ୨୨ଟି ନିର୍ଦ୍ଦେଶନାମା ଜାରୀ କରିଛନ୍ତି ।ଜାରୀ ହୋଇଥିବା ଏହି ନିର୍ଦ୍ଦେଶ ଗୁଡିକ ମଧ୍ୟରେ ଶ୍ରୀମନ୍ଦିର ପାଇଁ ଜଣେ ପୂର୍ଣ୍ଣକାଳୀନ ପ୍ରଶାସକ ନିଯୁକ୍ତି, ଦର୍ଶନ ଲାଗି ଆସୁଥିବା ଭକ୍ତଙ୍କ ରହଣି ଲାଗି ବ୍ୟବସ୍ଥା ତଥା ୬୦ ହଜାର ଭକ୍ତ ରହିବାର ବନ୍ଦୋବସ୍ତ କରିବାକୁ ନିର୍ଦ୍ଦେଶ ରହିଛି । ସେହିପରି ସହରର ନାଳ ନର୍ଦ୍ଦମା ପାଣିର ଉପଯୁକ୍ତ ପରିଚାଳନା ପାଇଁ ଟ୍ରିଟମେଂଟ ପ୍ଲାଂଟ ବସାଇବା, ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ମିଶି ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସ୍କୁଲ କଲେଜ ପ୍ରତିଷ୍ଠା କରିବା ଆଦି ଅନ୍ତର୍ଭୁକ୍ତ ରହିଛି ।




ଖାରବେଳ ଭବନରେ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ବିଜେତା ଅଶ୍ୱଥ ନାରାୟଣଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଦାନ କରୁଛନ୍ତି

## ଧବଳେଶ୍ୱରଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

ଆଠଗଡ଼ / ଭୁବନେଶ୍ୱର, ୪।୧୧(ପି.ଏନ): କାର୍ତ୍ତିକ ମାସ ପାଇଁ ଚଳ ଚଂଚଳ ରହିଛି ଆଠଗଡର ବାବା ଧବଳେଶ୍ୱରଙ୍କ ପୀଠ । ଆଜି ମହା କାର୍ତ୍ତିକ ମାସର ଚତୁର୍ଥ ସୋମବାର ହୋଇଥିବାରୁ ପ୍ରଭୁ ଧବଳେଶ୍ୱରଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ଉଭୟ ଝୁଲା ପୋଲ ଏବଂ ଡଙ୍ଗା ଦ୍ୱାରା ଭକ୍ତମାନ ଦର୍ଶନ ପାଇଁ ଯାଇଥିଲେ । ଦର୍ଶନକୁ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ବ୍ୟାରିକେଟ୍ ବ୍ୟବସ୍ଥା କରାଯିବା ସହ ବ୍ୟାପକ ପୋଲିସ୍ ମୁତୟନ କରାଯାଇଥିଲା । ଝୁଲାପୋଲରେ ଭିଡ଼ ରୋକିବା ପାଇଁ ମଧ୍ୟ ପୋଲିସ୍ ମୁତୟନ କରାଯାଇଥିଲା । ସୋମବାର ରାତି ୩ ଟାରୁ ବାବା ଧବଳେଶ୍ୱରଙ୍କ ଦ୍ୱାର ଫିଟା ଯାଇଥିଲା । ପରେ ବାବାଙ୍କୁ ୧୦୮ ଗରା ଜଳରେ ସ୍ନାନ କରାଯାଇଥିଲା । ସମସ୍ତ ନୀତି ସମାପନ ହେବା ପରେ ଭୋର ୪ ଟାରୁ ସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା । ଭକ୍ତମାନେ ଶୃଙ୍ଖଳିତ ଭାବେ ଯାଇ ବାବାଙ୍କୁ ଦର୍ଶନ କରିଥିଲେ ।

## ଟାଟା ଷ୍ଟ୍ରାଇଭ୍ ଓ ଟେକ୍ ମହିନ୍ଦ୍ରା ସହ ୩ ଟି ଏମଓୟୁ ସ୍ୱାକ୍ଷର କଲେ ରାଜ୍ୟ ସରକାର

ଭୁବନେଶ୍ୱର, ୪।୧୧(ପି.ଏନ): ଓଡିଶାର ଯୁବକ ମାନଙ୍କୁ ଆର୍ନ୍ତଜାତୀୟ ମାନର ଦକ୍ଷ କରିବା ଏବଂ ନିଯୁକ୍ତି ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ୨ ଟି ସଂସ୍ଥା ସହିତ ଏମଓୟୁ ସ୍ୱାକ୍ଷର କରିଛନ୍ତି । ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଏବଂ ଇଡକୋ ସହ ଟାଟା ଷ୍ଟ୍ରାଇଭ୍ ଓ ଟେକ୍ ମହିନ୍ଦ୍ରା ମଧ୍ୟରେ ମୋଟ ୩ ଟି ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି । ସୋମବାର ଦିନ ସ୍ଥାନୀୟ ଖାରବେଳ ଭବନ ଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ , ଏମଏସଏମଇ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର , ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସମେତ ଓଏସଡିଏର ଅଧ୍ୟକ୍ଷ ସୁବ୍ରତ ବାକଚୀ ଓ ମୁଖ୍ୟ ଶାସନ ସଚିବ ଅସୀତ୍ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡିଶାର ପ୍ରଗତି ରେ ସହଯୋଗ କରିବାକୁ ହାତ ବଢାଇଥିବା ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ପ୍ରଥମ ଏମଓୟୁ ରାଜ୍ୟ ସରକାରଙ୍କ ଡିଟିଇ ଓ ଟି ଏବଂ ଟାଟା ସର୍ଭିସ୍ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା । ବିଭାଗର ନିର୍ଦ୍ଦେଶକ ରେଘୁ .ଜି ଏବଂ ଟାଟା ସର୍ଭିସ୍ ର ସିଇଓ ଅନୀତା ରାଜନ୍ ଏଥିରେ ସ୍ୱାକ୍ଷର କରିଥିଲେ । ଏହାଦ୍ୱାରା ରାଜ୍ୟର ସରକାରୀ ଆଇଟିଆଇ ଛାତ୍ରଛାତ୍ରୀଙ୍କ ଉନ୍ନତ ମାନର ତାଲିମ୍ ଦିଆଯାଇପାରିବ । ଦ୍ୱିତୀୟ ଟି ବିପିୟୁଟି , ସିଇଟି ଏବଂ ଟେକ୍ ମହିନ୍ଦ୍ରା ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ।ଏଥିରେ ଟେକ୍ ମହିନ୍ଦ୍ରାର ବି.କେ ମିଶ୍ର , ସିଇଟି ର ପ୍ରିନ୍ସିପାଲର ପି.କେ ପାତ୍ର ଓ ବିପିୟୁଟିର ରେଜିଷ୍ଟ୍ରାର ଏଚଏସ୍ ବେହେରା ସ୍ୱାକ୍ଷର କରିଥିଲେ । ତୃତୀୟଟି ଇଡକୋଓ ଟେକ୍ ମହିନ୍ଦ୍ରା ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା । ଫର୍ଚ୍ୟୁନ୍ ଟାୱାର ଠାରେ ଏକ ଆନ୍ତର୍ଜାତୀୟ ବିପିଓ ଖୋଲିବା ପାଇଁ ଏହି ଏମଓୟୁ କରାଯାଇଛି । ଏଥିରେ ଟେକ୍ ମହିନ୍ଦ୍ରାର ଏସପିଭି ବିକେ ମିଶ୍ର ଓ ଇଡକୋର ସିଜିଏମ୍ ବିକେ ଦାସ ସ୍ୱାକ୍ଷର କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଋଷିଆରେ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ପାଇଥିବା ଅଶ୍ୱଥ ନାରାୟଣଙ୍କୁ ୧୦ ଲକ୍ଷ ଟଙ୍କା ଏବଂ ତାଙ୍କ ମେଂଟର ରଜତ ସାମନ୍ତରାୟଙ୍କୁ ୫ ଲକ୍ଷ ଟଙ୍କା ର ଆର୍ଥିକ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ । ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ସିଭି ରମଣ କଲେଜର ଅଧ୍ୟକ୍ଷ ରସଂଜୀବ ରାଉତଙ୍କୁ ୱାଟର ଟେକ୍ନୋଲୋଜିରେ ସେଂଟର ଅଫ୍ ଇକ୍ସିଲେନ୍ସି ପ୍ରତିଷ୍ଠା ପାଇଁ ୫ କୋଟି ଟଙ୍କା ପ୍ରଦାନ କରିଥିଲେ ।

## ବିଚାରଧୀନ କଏଦୀର ମୃତ୍ୟୁ : ଚିକିତ୍ସାରେ ଅବହେଳା ଅଭିଯୋଗ

ରାଉରକେଲା, ୪।୧୧(ପି.ଏନ): ରାଉରକେଲା ସ୍ୱତନ୍ତ୍ର ଜେଲରେ ୨୦୧୭ ମସିହାରୁ ଏକ ହତ୍ୟା ମାମଲାରେ ଥିବା ଜଣେ ବିଚାରଧୀନ କଏଦୀର ମୃତ୍ୟୁକୁ ନେଇ କୌଣସି କାରଣ ଏଯାଏ ପଦାକୁ ଆସିନଥିବା ବେଳେ କଏଦୀର ପରିବାର ଲୋକେ ଏହାକୁ ଏକ ହତ୍ୟା ମାମଲା ବୋଲି ଅଭିଯୋଗ କରିବା ସହ ଉପଯୁକ୍ତ କ୍ଷତିପୂରଣ ଦାବି କରି ଶବ ଉଠାଇ ନଥିବା ଜଣାପଡିଛି । ମୃତ କଏଦୀ ହେଲେ ଜୋସେଫ ତିର୍କି (୩୬) । ସେ ୨୫-୮-୨୦୧୭ ରେ ବେଦବ୍ୟାସ ଅଂଚଳରେ ଘଟିଥିବା ଏକ ହତ୍ୟା ମାମଲାରେ ନିଜ ଭାଇ ସହ ଏହି ଜେଲକୁ ଆସିଥିଲେ । ତାର ଭାଇ ଅଜିତ ତିର୍କି ୨୪-୮-୨୦୧୮ ରେ ଜାମିନ ପାଇ ବାହାରକୁ ଯାଇଥିବା ବେଳେ ସ୍ୱର୍ଗତ ଜୋସଫ ଏହି ଜେଲରେ ଥିଲା । ତା'ର ବିଚାର ରାଉରକେଲା ଏଡିଜେ ପ୍ରଥମ ଶ୍ରେଣୀ ସେସନ କୋର୍ଟରେ ଚାଲିଥିଲା । ତେବେ ଗତକାଲି ଦିନ ପ୍ରାୟ ୧୨ଟା ୨୮ରେ ଯୋସେଫର ମୃତ୍ୟୁ ହୋଇଛି ବୋଲି ଜେଲ କର୍ତ୍ତୃପକ୍ଷ କହିଥିଲେ ବି ତାର ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ । ସୂଚନା ଅନୁଯାୟୀ, ଗତକାଲି ମୃତକ କୁଆଡେ ଉପବାସ କରିବା ସହ ସକାଳୁ ଚାହା ପିଇଥିଲେ । କିଛି ସମୟ ପରେ ତାଙ୍କୁ ବାନ୍ତି ଲାଗିବାରୁ ସେ ଡାକ୍ତରଖାନା ଆସି ଔଷଧ ନେଇଥିଲେ । ତେବେ ବାନ୍ତି ବାରମ୍ବାର ଆସିବାରୁ ପୁଣି ୨ଥର ଔଷଧ ନେଇ ଖାଇବା ପରେ ତାଙ୍କ ଅବସ୍ଥା ଗୁରୁତର ହୋଇ ପଡିଥିଲା । ପରେ ଦିନ ପ୍ରାୟ ୧୨.୧୦ରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଜେଲ୍ ପକ୍ଷରୁ ଅନୌପଚାରିକ ଭାବେ ସୂଚନା ମିଳିଛି । ତେବେ ଅନ୍ୟ ଏକ ସୂଚନାରୁ ଜଣାପଡିଛି ଯେ, ମୃତକ କୁଆଡେ ଗଂଜେଇ ଟାଣିଥିଲେ । ତେବେ ଏହାକୁ ଜେଲର ଅସ୍ୱିକାର କରିଛନ୍ତି । ତେବେ ଗତକାଲି ତାଙ୍କ ପରିବାର ଲୋକଙ୍କୁ ଦେହ ଖରାପ ଠାରୁ ମୃତ୍ୟୁ ଭିତରେ ଖବର ନଦେବା, ପରିବାର ଲୋକେ ଡାକ୍ତରଖାନାରେ ପହଁଚିବା ବେଳକୁ ମୃତକଙ୍କର ଶରୀର ମର୍ଗ ହାଉସକୁ ଚାଲି ଜିବା ନେଇ ପରିବାର ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେମାନେ ଆଜି ଡାକ୍ତରଖାନା ବାହାରେ ଜଗି ରହି କହିଛନ୍ତି ଯେ, ଅବହେଳା କରି ତାଙ୍କୁ ମାରିଦିଆ ଯାଇଛି । ଏଥିଲାଗି ସେମାନେ ରାଉରକେଲା ଜେଲ୍ କର୍ତ୍ତୃପକ୍ଷଙ୍କ ଅପାରଗତାକୁ ଦାୟୀ କରିବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୁରଣ ଦାବୀ କରିଛନ୍ତି । ଏଭଳି ସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇବାରେ ସମସ୍ୟା ହୋଇଛି । ତେବେ ଜେଲରେ ଦିଆଯାଉଥିବା ଖାଦ୍ୟ ଅତ୍ୟନ୍ତ ପୁଷ୍ଟିକର ଓ ଚର୍ବୀ ଯାତୀୟ ନୁହେଁ ବୋଲି ଜଣାପଡିଛି । ଅନ୍ୟପକ୍ଷରେ ଏଠାରେ ପ୍ରଶ୍ନ ଉଠିଛି, କେବେ ହେଲେ ଦେହ ଖରାପ ହେଉନଥିବା ୩୬ ବର୍ଷୀୟ ସୁସ୍ଥ ଯୁବକର ମୃତ୍ୟୁ କେମିତି ହେଲା, କେଉଁଠି ହୋଇଛି, ଜେଲ୍ ରେ ନା ଡାକ୍ତରଖାନାରେ । ସେନେଇ ତଦନ୍ତ ପରେ ସମସ୍ତକଥା ଜଣାପଡିବ ବୋଲି କୁହାଯାଇଛି । କିନ୍ତୁ ମୃତକର ପରିବାର ଲୋକେ ଯେଉଁ ଅଭିଯୋଗ ଆଣିଛନ୍ତି ସେ ନେଇ ସରକାର କି ପଦକ୍ଷେପ ନେବେ ତାହା ସମୟ ହିଁ କହିବ ।

## ମଙ୍ଗଳପୁର ପଂଚାୟତରେ ୪.୧୮ଲକ୍ଷ ଆତ୍ମସାତ : ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଲମ୍ବିତ, ସରପଂଚଙ୍କୁ କୈଫିୟତ ତଲବ

ଭଦ୍ରକ, ୪।୧୧(ପି.ଏନ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତରେ ୪ଲକ୍ଷ୍ୟ ୧୮ ହଜାର ଟଙ୍କା ସରକାରୀ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ ଉପରେ ବିଡିଓ ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ଦେବା ପରେ ଜିଲ୍ଲାପାଳ ତତ୍କାଳୀନ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ରମାକାନ୍ତ ପାଢ଼ୀଙ୍କୁ ନିଲମ୍ବିତ କରିଥିବା ବେଳେ ପଞ୍ଚାୟତର ସରପଞ୍ଚ ସାବିତ୍ରୀ ମଳିକଙ୍କୁ କୈଫିୟତ ତଲବ କରିଛନ୍ତି । ଜିଲାପାଳଙ୍କ କାର୍ଯ୍ୟାଳୟର ୧.୧୧.୧୯ ତାରିଖ ଚିଠି ନଂ ୫୮୨ରେ ପିଇଓଙ୍କୁ ନିଲମ୍ବିତ କରାଯାଇଛି । ଏଥି ସହ ୧.୧୧.୧୯ ତାରିଖ ଚିଠି ନଂ ୫୭୯ରେ ସରପଞ୍ଚଙ୍କୁ କୈଫିୟତ ତଲବ କରାଯାଇଛି । ଏଥିସହ ପଞ୍ଚାୟତର କନିଷ୍ଠଯନ୍ତ୍ରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଚିଠି ପାଇବାର ସପ୍ତାହକ ମଧ୍ୟରେ କୈଫିୟତ ଦେବାକୁ ନିର୍ଦ୍ଦେଶ ରହିଛି । ପ୍ରକାଶ ଯେ, ୨୦୧୭-୧୮ ଆର୍ଥିକ ବର୍ଷରେ ଏସଏଫସି, ସିଏଫସି ଅନୁଦାନରେ ପଞ୍ଚାୟତର ବିଭିନ୍ନ ଗ୍ରାମରାସ୍ତା ଆଲୋକୀକରଣ ପାଇଁ ୪ଲକ୍ଷ ୧୮ ହଜାର ଟଙ୍କା ଯୋଗାଇ ଦିଆଯାଇଥିଲା । ଏହି ପ୍ରକଳ୍ପ କାର୍ଯ୍ୟକାରିତାରେ ସରପଞ୍ଚ ଏବଂ ପିଇଓ ପଞ୍ଚାୟତରାଜ ବିଭାଗର ନିୟମାବଳୀକୁ ଉଲଘଂନ କରିବା ସହ ନିଜ କ୍ଷମତାର ଅପବ୍ୟବହାର କରିଥିବା ନିର୍ଦ୍ଦେଶରେ ଦର୍ଶାଯାଇଛି । ଏହି ପ୍ରକଳ୍ପ ପାଇଁ ପଲ୍ଲୀସଭା କିମ୍ବା ଗ୍ରାମସଭାରେ ରିଜୋଲ୍ୟୁସନ କରାଯାଇ ନଥିଲା । ତିହିଡ଼ି ବିଡିଓଙ୍କ ଠାରୁ ଏହି ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ଅନୁମୋଦନ ମିଳିନଥିଲା । ସରପଞ୍ଚ ଏବଂ ପିଇଓ ଯୁଗ୍ମ ଆକାଉଣ୍ଟରୁ ସେଲ୍ଫ ଚେକ୍ ମାଧ୍ୟମରେ ଟଙ୍କା ଉଠାଣ କରି ଠିକାଦାରଙ୍କୁ ପ୍ରଦାନ କରିଥିଲେ । ସରପଞ୍ଚ ପଞ୍ଚାୟତରେ ଗତ ୨୩.୮.୧୮ ତାରିଖ ଠାରୁ ବୈଠକ ଡକାଇ ନାହାନ୍ତି ବୋଲି ଜିଲାପାଳ ତାଙ୍କ ନିର୍ଦ୍ଦେଶ ଫର୍ଦ୍ଦରେ ଉଲ୍ଲେଖ କରିଛନ୍ତି । ତେବେ ସରପଞ୍ଚ ସମସ୍ତ ଅନିୟମିତତାର କୈଫିୟତ ଦେବାକୁ ନିର୍ଦ୍ଦେଶରେ କୁହାଯାଇଛି ।

## ବାତ୍ୟାର ଚିତ୍ର ୨ ଦିନରେ ସ୍ପଷ୍ଟ ହେବ : ଆଇଏମଡି ଡିଜିଏମ୍

ଭୁବନେଶ୍ୱର, ୪।୧୧(ପି.ଏନ): ଉତର ଆଣ୍ଡାମାନରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଲଘୁଚାପର ରୂପ ନେଇଛି । ଏହା ଦୁଇ ଦିନ ଭିତରେ ଅବପାତର ରୂପ ନେଇ ଉତର-ପଶ୍ଚିମ ଦିଗକୁ ଗତି କରିବା ସମ୍ଭାବନା ରହିଛି । ଏହାର ପରବର୍ତ୍ତୀ ସ୍ଥିତି ନେଇ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଏହା ବାତ୍ୟାର ରୂପ ନେବ କି ନାହିଁ କି ତାହା ଦୁଇ ଦିନ ଭିତରେ ସ୍ପଷ୍ଟ ହେବ । ସେହିପରି ଓଡିଶାକୁ ବାତ୍ୟା ଆସୁଛି କି ନାହିଁ ତାହା ମଧ୍ୟ ଦୁଇ ଦିନ ପରେ ସ୍ପଷ୍ଟ ହେବ । ବର୍ତ୍ତମାନ କେବଳ ଲଘୁଚାପ ରହିଛି । ଏବେଠାରୁ ବାତ୍ୟାର ପୂର୍ବାନୁମାନ କରିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି । ଲଘୁଚାପ ପ୍ରଭାବରେ ନଭେମ୍ବର ୮ରୁ ୧୦ ତାରିଖ ମଧ୍ୟରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବ । ଅନ୍ୟପଟେ ୬ ତାରିଖ ସୁଦ୍ଧା ଏହା ଅବପାତରେ ପରିଣତ ହେବ । ଅଧିକ ଘନୀଭୂତ ହୋଇ ଆଗକୁ ବଢିବ ବୋଲି ଇଣ୍ଡିଆନ ନ୍ୟାସନାଲ ସେଂଟର ଫର ଓସେନ ଇନଫର୍ମେସନ ସର୍ଭିସ ସୂଚନା ଦେଇଛି ।

## ଆସନ୍ତା କାଲି ପବିତ୍ର ଅଁଳା ନବମୀ : ଶ୍ରୀରାଧାଙ୍କ ପାଦ ଦର୍ଶନ

ସାକ୍ଷିଗୋପାଳ, ୪।୧୧(ପି.ଏନ): ଆସନ୍ତାକାଲି ପବିତ୍ର ଅଁଳା ନବମୀ । କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ନବମୀ ତିଥି । ଏହି ବିଶେଷ ତିଥିରେ ରାଜ୍ୟର ପ୍ରମୁଖ ବୈଷ୍ଣବ କ୍ଷେତ୍ର ସାକ୍ଷିଗୋପାଳଙ୍କ ପୀଠରେ ଶ୍ରୀରାଧାଙ୍କ ପାଦ ଦର୍ଶନ ଉପଲକ୍ଷେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ । ଏହି ଅବସରରେ ପ୍ରଭୁ ଶ୍ରୀକୃଷ୍ଣ ନଟବର ବେଶରେ ଓ ରାଧାରାଣୀ ଓଡ଼ିଆଣୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ । ମାସବ୍ୟାପୀ କାର୍ତ୍ତିକ ବ୍ରତ ପାଳନ ସାଙ୍ଗକୁ ଏହି ପବିତ୍ର ତିଥିରେ ରାଧା ପାଦ ଦର୍ଶନ ଓ ମନ୍ଦିର ବେଢ଼ାରେ ଅଁଳା ବୃକ୍ଷକୁ ପୂଜାର୍ଚ୍ଚନା କଲେ ମହାପୂଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ଯାହାକୁ ପାଥେୟ କରି ରାଜ୍ୟ ତଥା ରାଜ୍ୟ ବାହାରୁ ଏଠାକୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ । ଏହାକୁ ଦୃଷ୍ଟିରେ ରଖି ଭିଡ଼ ନିୟନ୍ତ୍ରଣ ଓ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାରିକେଟ୍ ନିର୍ମାଣ କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଂଚିଛି । ଆଜି ବିଳମ୍ବିତ ରାତିରେ ମନ୍ଦିର ଦ୍ୱାର ଫିଟା ଓ ଠାକୁରଙ୍କ ଅନ୍ୟାନ୍ୟ ନୀତିକାନ୍ତି ସମ୍ପନ୍ନ ପରେ ପରମ୍ପରା ମୁତାବକ ପ୍ରଥମେ ସେବାୟତ ପରିବାର ଦକ୍ଷିଣ ଦ୍ୱାରରେ ପ୍ରବେଶ କରି ଠାକୁର ଦର୍ଶନ କରିବେ । ଏହା ପରେ ସକାଳ ୬ଟା ଠାରୁ ସାଧାରଣ ଦର୍ଶନ ଆରମ୍ଭ ହେବ । ଭକ୍ତ ମାନେ ବ୍ୟାରିକେଟ୍ ଦେଇ ଯାଇ ସିଂହଦ୍ୱାରରେ ପ୍ରବେଶ ପୂର୍ବକ ଠାକୁର ଦର୍ଶନ ବେଢ଼ା ପରିକ୍ରମା କରି ଉତର ଦ୍ୱାରରେ ପ୍ରସ୍ଥାନ କରିବେ । ଭିଆଇପି ପାସ୍ ବ୍ୟବସ୍ଥାକୁ ଚଳିତ ବର୍ଷ କଡ଼ା କଡ଼ି କରାଯାଇଥିବା ସୂଚନା ମିଳିଛି । ତେବେ ମନ୍ଦିର ସେବାୟତ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ମାନଙ୍କ ନିମନ୍ତେ ଏହି ପାସ୍ ବ୍ୟବସ୍ଥା ରହିଥିବା ଏବଂ ଉପଜିଲ୍ଲାପାଳ ଏହାର ତଦାରଖ କରୁଥିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି । ପାସ୍ ଧାରୀ ମାନେ ଦକ୍ଷିଣ ଦ୍ୱାରରେ ପ୍ରବେଶ ପୂର୍ବକ ଠାକୁର ଦର୍ଶନ ଓ ବେଢ଼ା ପରିକ୍ରମା କରି ଉତର ଦ୍ୱାରରେ ପ୍ରସ୍ଥାନ କରିବେ ବୋଲି ଜଣାପଡିଛି । ଆଇନ୍ ଶୃଙ୍ଖଳା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ମନ୍ଦିର ଭିତରେ ଓ ବାହାରେ, ବଜାର ମଧ୍ୟରେ ଥିବା ରେଳ ଫାଟକ, ବସଷ୍ଟାଣ୍ଡ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ବ୍ୟାପକ ପୋଲିସ ମୁତୟନ କରାଯିବ । ପ୍ରାୟ ୨୦ ପ୍ଲାଟୁନ୍ ଫୋର୍ସ ଏହି ସୁରକ୍ଷା ଦାୟୀତ୍ୱରେ ନିୟୋଜିତ ହେବେ । ୩୦ ଜଣ ବରିଷ୍ଠ ପୋଲିସ ଅଧିକାରୀ ଏହାର ତଦାରଖ କରିବେ ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି ।

## ଆଦିବାସୀମାନଙ୍କ ବିକାଶରେ ବାଧକ ବାରିପଦା ପିଏ ଆଇଟିଡ଼ିଏ : ରବର ଚାଷୀ

ବାରିପଦା, ୪।୧୧(ପି.ଏନ): ୨୦୧୧ ଜନଗଣନା ଅନୁସାରେ ମୟୂରଭଞ୍ଜ ଜିଲ୍ଲାର ଜନସଂଖ୍ୟା ୨୫, ୧୯, ୭୩୮ ରହିଥିଲା ଏବଂ ଗ୍ରାମାଚଂଳରେ ବସବାସ କରୁଥିବା ଜନସଂଖ୍ୟା ୨୩,୨୬,୮୪୨ ଥିଲା । ଏହି ଜନ ସଂଖ୍ୟା ମଧ୍ୟରୁ ଆଦିବାସୀ ସମ୍ପ୍ରଦାୟଙ୍କ ସଂଖ୍ୟା ୫୮.୭୨ ପ୍ରତିଶତ ହାରରେ ୧୪, ୭୯,୫୭୬ ରହିଥିବା ବେଳେ ଗ୍ରାମାଚଂଳର ଜନସଂଖ୍ୟା ୬୧.୮୪ ପ୍ରତିଶତ ହାରରେ ୧୪,୩୯,୦୦୨ ରହିଥିଲା । ବର୍ତ୍ତମାନ ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଧୀନରେ ରହିଥିବା ଆଦିବାସୀ ସମ୍ପ୍ରଦାୟର ରବର ଚାଷୀମାନେ ସେମାନଙ୍କ ଅର୍ଥନୈତିକ ବିକାଶରେ ବାରିପଦା ପିଏ ଆଇଟିଡ଼ିଏ ବିଜନ କୁମାର ଥମ୍ଭ ବାଧକ ସାଜିଥିବାର ଅଭିଯୋଗ ବାଢ଼ିଛନ୍ତି । କେବଳ ଏତିକି ନୁହେଁ ସେମାନଙ୍କୁ ଜାତିଆଣା ଆକ୍ଷେପ କରିଥିବା ସହ ଥାନା କଚେରୀର ଭୟ ଦେଖାଇଥିବାର ସଙ୍ଗୀନ ଅଭିଯୋଗ ଆଣିଥିବା ବେଳେ ଏହାକୁ ସିଧାସଳଖ ଭାବେ ଖଣ୍ଡନ କରିଛନ୍ତି ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ କାର୍ଯ୍ୟାଳୟର ପ୍ରକଳ୍ପ ପ୍ରଶାସକ ଶ୍ରୀ ଥମ୍ଭ । ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀମାନେ ଏବେ ମଧ୍ୟ ପାଇନାହାନ୍ତି ସେମାନଙ୍କ ଅଧିକାର । ସରକାରୀ ବ୍ୟବସ୍ଥା ମଧ୍ୟରେ ସେମାନଙ୍କ ହକ୍ କୁ ସରକାର ଭେଳିକି ବନାଇ ଦେଇଛନ୍ତି । ଆଦିବାସୀମାନଙ୍କର ଆର୍ଥିକ, ସାମାଜିକ କ୍ଷେତ୍ରରେ ସାମଗ୍ରୀକ ବିକାଶ ନାମରେ ଯୋଜନା ପରେ ଯୋଜନା ପ୍ରଣୀତ ହେଉଥିଲେ ମଧ୍ୟ ସେମାନଙ୍କ ବିକାଶ ରଥର ଚକ ଆଗକୁ ଆଗେଇବା ପରିବର୍ତ୍ତେ ପଛକୁ ଠେଲି ହେବାରେ ଲାଗିଛି । ଅନୁସୂଚିତ ଜାତି ଓ ଜନଜାତିକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ରାଜକୋଷରୁ ପ୍ରତ୍ୟେକ ବର୍ଷ କୋଟି କୋଟି ଟଙ୍କା ବ୍ୟୟ ବରାଦ କରିଆସୁଥିବା ବେଳେ କେବଳ ପରିସଂଖ୍ୟାନ ଭିତରେ ଉନ୍ନତିର ବାସ୍ତବ ଚିତ୍ର ରହିଯାଉଛି ଏବଂ ଆଦିମ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ସାମଗ୍ରୀକ ବିକାଶ ଲକ୍ଷଚ୍ୟୁତ ହୋଇଥିବାର ଅଭିଯୋଗ ଆସିଛି । ୨୦୧୩ରେ ମୟୂରଭଞ୍ଜ ଜିଲ୍ଲାର ତତ୍କାଳୀନ ଲୋକପ୍ରିୟ ଜିଲ୍ଲାପାଳ ରାଜେଶ ପ୍ରଭାକର ପାଟିଲ ଆଦିମ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଜନସାଧାରଣଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରାଇବା ସଙ୍ଗେ ସଙ୍ଗେ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଇବା ନିମନ୍ତେ ମୟୂରଭଞ୍ଜ ଜିଲ୍ଲାର ଜଳବାୟୁ, ପରିବେଶ ଆଦିକୁ ନଜରକୁ ନେଇ ଆମ୍ବ, ମକା, ରବର, ପିଜୁଳି, କଦଳୀ ଓ କାଜୁ ଆଦି ଚାଷକୁ ଗୁରୁତ୍ୱ ଦେଇଥିଲେ । ଉକ୍ତ ଚାଷରେ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକରେ ବସବାସ କରୁଥିବା ହଜାର ହଜାର ଆଦିବାସୀ ବିଶେଷ ଭାବେ ଉପକୃତ ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ବାରିପଦା ପିଏ ଆଇଟିଡିଏଙ୍କ ଅଧୀନରେ ଥିବା ବଡ଼ସାହି, ବାରିପଦା, ଖୁଂଟା ଆଦି ବ୍ଲକରେ ଶହ ଶହ ରବର ଚାଷୀ ଆଜି ପୂର୍ବତନ ଜିଲ୍ଲାପାଳ ଶ୍ରୀ ପାଟିଲ ଏବଂ ପୂର୍ବତନ ପିଏ ଆଇଟିଡ଼ିଏ ତୁଷାରକାନ୍ତି ମହାନ୍ତିଙ୍କୁ ଝୁରିବାରେ ଲାଗିଛନ୍ତି । ବାରିପଦା ପିଏ ଆଇଟିଡ଼ିଏଙ୍କ କାର୍ଯ୍ୟାଳୟ ଅଧୀନରେ ଆସୁଥିବା ବାରିପଦା, ଖୁଂଟା, ବଡ଼ସାହି ଆଦି ବିଭିନ୍ନ ବ୍ଲକରେ ବସବାସ କରୁଥିବା ଆଦିମ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଜନସାଧାରଣଙ୍କ ଶହ ଶହ ଏକର ଜମିରେ ହଜାର ହଜାର ସଂଖ୍ୟାରେ ରବର ଗଛ ରୋପଣ କରାଯାଇଥିଲା ଏବଂ ଉକ୍ତ ଗଛର ନିୟମିତ ଯତ୍ନ ନେବା, ପ୍ରତ୍ୟେକ ବର୍ଷ ମୂଳକୁ କୋଡ଼ାଖୋସା କରି ସାର, ଔଷଧ ଓ ପାଣି ଆଦି ଦେବା ନିମନ୍ତେ ଅର୍ଥ, ସାର ଓ ଔଷଧ ଯୋଗାଇ ଦେଇ ଆସୁଥିଲେ । ଫଳରେ ଆଦିମ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଜନସାଧାରଣଙ୍କ ଜମିରେ ରବର ଗଛର ସବୁଜିମା ଲହଡ଼ି ଭାଙ୍ଗୁଥିଲା । ଆଦିମ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଜନସାଧାରଣ ରବର ଉତ୍ପାଦନ ମାଧ୍ୟମରେ ସେମାନଙ୍କ ପରିବାରର ମୁହଁରେ ଦୁଇ ଓଳି ଦୁଇ ମୁଠା ଆହାର ଯୋଗାଇ ଦେବା ସାଙ୍ଗକୁ ବସବାସ ନିମନ୍ତେ ଭଲ ସ୍ଥାୟୀ ଘରର ନିର୍ମାଣ, ଯାତାୟତର ସୁବିଧା ପାଇଁ ଗାଡ଼ି ଏବଂ ପିଲାମାନଙ୍କୁ ଡ଼ାକ୍ତର, ଇଞ୍ଜିନିୟର, କଲେକ୍ଟର ଆଦି କରାଇବା ନିମନ୍ତେ ସ୍ୱପ୍ନ ଦେଖିଥିଲେ । ହେଲେ, ଜିଲ୍ଲାପାଳ ଶ୍ରୀ ପାଟିଲଙ୍କ ବଦଳିର ପରବର୍ତ୍ତି ସମୟରେ ରବର ଚାଷୀମାନେ ଦେଖି ଆସୁଥିବା ସ୍ୱପ୍ନ ଦିବା ସ୍ୱପ୍ନରେ ପରିଣତ ହେବାକୁ ବସିଛି । ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଓ ପିଏ ଆଇଟିଡ଼ିଏ ବିଜନ କୁମାର ଥମ୍ଭ କାର୍ଯ୍ୟଭାର ସମ୍ଭାଳିବା ପରେ ହଠାତ୍ ପୂର୍ବରୁ ରବର ଚାଷୀମାନଙ୍କୁ ମିଳୁଥିବା ସମସ୍ତ ଆର୍ଥିକ ଅନୁଦାନକୁ ବନ୍ଦ କରି ଦିଆଗଲା । ସରକାରୀ ଆର୍ଥିକ ସହାୟତା ବନ୍ଦ ହେବା ଫଳରେ ଆଦିମ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଜନସାଧାରଣଙ୍କ ଜମିରେ ଲାଗିଥିବା ଲକ୍ଷାଧିକ ରବର ଗଛ ଉପଯୁକ୍ତ ଯତ୍ନ ଓ ରକ୍ଷଣାବେକ୍ଷଣର ଅଭାବରୁ ଧ୍ୱଂସ ପଥରେ ମୁହାଁଇବା ଆରମ୍ଭ କରିଛି । ଜମିଗୁଡ଼ିକ ଘାସ, ଲଟାବୁଦାରେ ପରିପୂର୍ଣ୍ଣ ହୋଇ ଜଙ୍ଗଲରେ ପରିଣତ ହେବାରେ ଲାଗିଛି । ୨/୩ ବର୍ଷ ମଧ୍ୟରେ ଯେଉଁ ରବର ଗଛରୁ ରବରର କ୍ଷୀର ଉତ୍ପାଦନ ଆରମ୍ଭ ହୋଇଥାନ୍ତା ତାହା ସରକାରୀ ଓ ଜିଲ୍ଲା ପ୍ରଶାସନର ଅପାରଗତା, ଆନ୍ତରିକତାର ଅଭାବ, ଦାୟିତ୍ୱ ହୀନତା କାରଣରୁ ମରିବା ଆରମ୍ଭ କରିଛି । ଏହା ଦେଖି ଚାଷୀମାନେ ହତାଶ ହୋଇପଡ଼ିଛନ୍ତି । ସେମାନେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଓ ବାରିପଦା ପିଏ ଆଇଟିଡ଼ିଏଙ୍କୁ ବାରମ୍ବାର ସାକ୍ଷାତ କରିବା ସହ ସେମାନଙ୍କ ସମସ୍ୟାଗୁଡ଼ିକୁ ନେଇ ଗୁହାରୀ ଜଣାଇ ଆସୁଥିଲେ ମଧ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବାର ରବର ଚାଷୀମାନେ ଅଭିଯୋଗ କରିଛନ୍ତି । ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ରାଜକିଶୋର ସିଂ ଓ ରଇବାରୀ ସିଂ ବର୍ଷେ ପୂର୍ବରୁ ଏକ ମାସରୁ ଅଧିକ ଦିନ ରବର ପ୍ଲାଂଟେସନରେ କାର୍ଯ୍ୟ କରିଥିଲେ ମଧ୍ୟ ଅଦ୍ୟାବଧି ସେମାନଙ୍କର ମଜୁରୀ ପାଇ ନାହାନ୍ତି ବୋଲି କହିଥିଲେ । ବଡ଼ସାହି ବ୍ଲକ ବେତନଟା ଗ୍ରାମର ରୁହିଆ ସିଂଙ୍କ ଅଭିଯୋଗ ଆଧାରରେ ୨୦୧୩-୧୪ରେ ତାଙ୍କ ଗ୍ରାମରେ ୮୪ ଆଦିବାସୀ ପରିବାରଙ୍କ ୧୨୪ ଏକର ଜମିରେ ରବର ଗଛ ଲଗାଯାଇଥିଲା । ୨୦୧୮ରେ ସରକାରୀ ସହାୟତା କିଛି ମାତ୍ରାରେ ମିଳିଥିବା ସମୟରେ ୨୦୧୯ରେ ଗୋଟାଏ ପଇସା ପାଇପାରି ନାହାନ୍ତି । କାର୍ଯ୍ୟ କରିଥିବା ଶ୍ରମିକମାନେ ସେମାନଙ୍କର ପ୍ରାପ୍ୟ ପାଇପାରି ନାହାନ୍ତି । ୨୦୧୩ ପୂର୍ବରୁ ଜମିରେ ବିଭିନ୍ନ କିସମର ଚାଷ କରି ପରିବାର ଭରଣପୋଷଣ କରିଆସୁଥିଲେ । ବର୍ତ୍ତମାନ ଜମି ଗଲା ଓ ରୋଜଗାରର ପନ୍ଥା ମଧ ଗଲା । ଜମି ଅର୍ଦ୍ଧମୃତ ଅବସ୍ଥାରେ ରହିଛି । ଜିଲ୍ଲାପାଳ ଓ ପିଏ ଆଇଟିଡ଼ିଏଙ୍କୁ ଦେଖାକରି ଆମର ବିଲୁପ୍ତ ପ୍ରାୟ ରବର ପ୍ଲାଂଟେସନ ଉପରେ ଅବଗତ କରାଇବା ପରେ ଆମକୁ ସହଯୋଗର ହାତ ବଢ଼ାଇବା ପରିବର୍ତ୍ତେ ଦୁର୍ବ୍ୟବହାର ଓ ପୁଲିସର ଭୟ ଦେଖାଇଥିଲେ ବୋଲି ଅଭିଯୋଗ କରିଛନ୍ତି । ସେହିପରି ପିଏ ଆଇଟିଡ଼ିଏ ବିଜନ କୁମାର ଥମ୍ଭ ରବର ଗଛ ସବୁ ଖାଇ ଦେଇ ମୋର ଚାକିରୀ ଖାଇବା ନିମନ୍ତେ ତୁମେ ସବୁ ଆଦିବାସୀ ଚାଲିଆସିଛ ବୋଲି କହିଥିଲେ । ଯାହା ଆମର ସ୍ୱାଭିମାନ ଉପରେ ଆଘାତ ପହଁଚାଇଛି । ୨୦୧୮ ମାର୍ଚ୍ଚ ପର୍ଯ୍ୟନ୍ତ ବ୍ରହ୍ମାନନ୍ଦ ବେହେରା ପିଏ ଆଇଟିଡ଼ିଏ ଥିବା ପର୍ଯ୍ୟନ୍ତ ସବୁ କିଛି ଠିକଠାକ୍ ରହିଥିଲା । ଶ୍ରୀ ଥମ୍ଭ ଆସିବାର ପରବର୍ତ୍ତି ସମୟରୁ ୪୩ ହଜାର ରବର ଗଛ ପ୍ଲାଂଟେସନରେ ଶ୍ରମିକମାନେ ଗତ ଦୁଇ ବର୍ଷ ୨ ଶହ ଦିନରୁ ଅଧିକ କାର୍ଯ୍ୟ କରିଥିବା ବେଳେ ସେମାନଙ୍କୁ ମାତ୍ର ୧୮ ଦିନର ମଜୁରୀ ମିଳିଛି । ସାର ଓ ଔଷଧ ଯୋଗାଇ ଦେଇ ନାହାନ୍ତି । ରବର ଚାଷୀମାନଙ୍କ ନିମନ୍ତେ ଆସୁଥିବା ସାର ଓ ଔଷଧଗୁଡ଼ିକୁ ଦିଆନଯାଇ ହୁଏତ କଳାବଜାରୀ କରାଯାଇପାରିଥାଏ ବୋଲି ବଡ଼ସାହି ବ୍ଲକ ମଧୁପୁର ଗ୍ରାମର କରମ ସିଂ ଅଭିଯୋଗ କରିଛନ୍ତି । ପୁଣି ରେଂଟ ସାହି ଗ୍ରାମ ଓ ରେଂଟ ସାହି ପ୍ରୋଜେକ୍ଟର ଉଦ୍ୟାନ ସାଥୀ ସମାୟ ଟୁଡୁଙ୍କ ଅଭିଯୋଗ ଦୁଇ ବର୍ଷ ପୂର୍ବରୁ ସବୁ କିଛି ଠିକ୍ ରେ ଚାଲିଆସୁଥିଲା । ପିଏ ଆଇଟିଡ଼ିଏ ଭାବେ ବିଜନ କୁମାର ଥମ୍ଭ ଓ ଏସଏମଏସ ଭାବେ ହରିଶ୍ଚନ୍ଦ୍ର ବେହେରା କାର୍ଯ୍ୟଭାର ଗ୍ରହଣ କରିବା ପରଠାରୁ ସବୁକିଛି ଓଲଟପାଲଟ ହୋଇଗଲା । ଆମକୁ ଡ଼ାକି ଆମ ପ୍ରତି କରିଥିବା ଜାତିଆଣା ଆକ୍ଷେପ ଆମର ସ୍ୱାଭିମାନ ଉପରେ ଆଘାତ ପହଁଚାଇଛି । କେବଳ ଏତିକି ନୁହେଁ ଘରେ ଘରେ ପଶି ସମସ୍ତଙ୍କୁ ଆରେଷ୍ଟ କରିଦେବାର ଧମକ ମଧ୍ୟ ଦେଇଛନ୍ତି । ତେଣୁ ହିତାଧିକାରୀମାନଙ୍କ ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପିଏ ଆଇଟିଡ଼ିଏ ଶ୍ରୀ ଥମ୍ଭ ଓ ଏସଏମଏସ ଶ୍ରୀ ବେହେରାଙ୍କୁ ତୁରନ୍ତ ବଦଳି ସହ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ରେଂଟ ସାହି ରବର ପ୍ରୋଜେକ୍ଟର ଉଦ୍ୟାନ ସାଥୀ ସମାୟ ଟୁଡୁ । ମଧୁପୁର ଗ୍ରାମର ଗୌରମୋହନ ସିଂଙ୍କ କହିବା ଅନୁସାରେ ଆମେ ଗରୀବ ଆଦାବାସୀ । ଆମକୁ ସରକାର ପଇସା ଯୋଗାଉ ନାହାନ୍ତି । ରବର ଗଛକୁ ବଂଚାଇ ରଖିବା ନିମନ୍ତେ ସଂଘର୍ଷ ଚଳାଇ ଆସୁଛୁ । ପଇସା ମାଗିବାରୁ ଆମ୍ଭମାନଙ୍କୁ ଡ଼ାକି ଜାତିଆଣା ଆକ୍ଷେପ କରାଯାଇଛି, ଯାହା ଆମ୍ଭ ହୃଦୟରେ ଗଭୀର ଆଘାତ ପହଁଚାଇଛି ବୋଲି ଅଭିଯୋଗ କରିଛନ୍ତି । ଏ ବିଷୟରେ ପିଏ ଆଇଟିଡ଼ିଏଙ୍କ ପ୍ରତିକ୍ରିୟା ଜାଣିବା ନିମନ୍ତେ ତାଙ୍କ ମୋବାଇଲ୍ ନଂ ରେ ଯୋଗାଯୋଗ କରିବାରୁ ଗଣମାଧ୍ୟମକୁ ଷ୍ଟେଟମେଂଟ ଦେବାର କ୍ଷମତା ତାଙ୍କୁ ମିଳିନାହିଁ । ତଥାପି ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି ।

## ଜାଲ୍ ସାର୍ଟିଫିକେଟ୍ ଦେଇ ନିଯୁକ୍ତି ମାମଲା; ୪ ଶିକ୍ଷକଙ୍କୁ ବହିଷ୍କାର

ଗଞ୍ଜାମ, ୪।୧୧(ପି.ଏନ): ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକରେ ୪ ଜଣ ଶିକ୍ଷକ ଜାଲ୍ ପ୍ରମାଣପତ୍ର ଦେଇ ନିଯୁକ୍ତି ପାଇଥିବା ସମ୍ପୂର୍ଣ୍ଣ ତଥ୍ୟ ଯାଂଚ୍ ରେ ଜଣାପଡିବା ପରେ ଏହି ୪ ଜଣଙ୍କୁ ତୁରନ୍ତ ବହିଷ୍କାର କରିବାକୁ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଧରାକୋଟ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମ୍ପୃକ୍ତ ୪ ଜଣ ନକଲି ଶିକ୍ଷକ ହେଲେ ନୂଆସାହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ନାହାକ, ବରଡାବିଲି ଉନ୍ନିତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଜ୍ଞା ଗୌଡ଼, ତନର୍ଜିପଲ୍ଲୀ ପ୍ରାଥମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକ ଅମରେଶ ପଣ୍ଡା ଏବଂ ଝିଲିମିଲି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ନାରାୟଣ ବେହେରା । ଏମାନଙ୍କ ବିରୋଧରେ ଥାନାରେ ମାମଲା ରୁଜ୍ଜୁ କରିବାକୁ ମଧ୍ୟ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗଞ୍ଜାମ ଜିଲ୍ଲାର ମୋଟ୍ ୨୩ ଟି ବ୍ଲକ ରହିଥିବା ବେଳେ ଅନେକ ସ୍ଥାନରେ ଜାଲସାର୍ଟିଫିକେଟ୍ ଦେଇ ପ୍ରାର୍ଥୀ ମାନେ ଶିକ୍ଷକତା କରୁଥିବା ଅଭିଯୋଗ ହେଉଛି । ଯାହାକୁ ନେଇ ଏଭଳି ନକଲି ଶିକ୍ଷକ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ଫଳରେ ଜିଲ୍ଲାର ସମସ୍ତ ଶିକ୍ଷକଙ୍କ ପ୍ରମାଣପତ୍ର ଯାଂଚ୍ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି । ଯାହାକୁ ନେଇ ନକଲି ଶିକ୍ଷକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।








# ଟି ଟାଇମ୍

## ନଡିଆଖିଆ କଙ୍କଡା

କର୍‌ସମସ୍ ଆଇଲାଣ୍ଡ ନାନା ପ୍ରଜାତିର କଙ୍କଡାଙ୍କ ବାସସ୍ଥାନ। ସେଠାରେ ଦେଖାଯାଉଥିବା ଏକ ପ୍ରଜାତିର ବିଶାଳକାୟ କଙ୍କଡାର ନାମ ହେଉଛି କୋକୋନଟ୍ କ୍ରାବ୍ ବା ନଡିଆ କଙ୍କଡ। ଗଛରେ ଚଢ଼ି ନଡିଆ ଖାଉଥିବାରୁ ଏହି ନାମ ତାର ରହିଛି। ନଡିଆ କଙ୍କଡାର ଓଜନ ଚାରି କିଲୋ। ଲମ୍ବ ୧ ମିଟର। ଏଗୁଡିକ ଉଭୟ ଭୋଜୀ। ନଡିଆ ଛଡା ମୂଷା, ଛୋଟ କଇଁଛ ଆଦି ମାରି ଖାଇଥାନ୍ତି। ନଡିଆ କଙ୍କଡା ସତୁରି ବର୍ଷ ବଞ୍ଚିପାରେ। କ୍ରିସମସ୍ ଦୀପରେ ଏହାକୁ ମାରି ଖାଇବା ଦଣ୍ଡନୀୟ ଅପରାଧ। କେହି ଧରାପଡିଲେ ଜରିମାନା ବାବଦରେ ଭାରତୀୟ ମୁଦ୍ରାରେ ଦେବାକୁ ପଡେ ପ୍ରାୟ ସାଢ଼େ ତିନି ଲକ୍ଷ ଟଙ୍କା।

## ମିଳିଲା କୋଟିଏ ବର୍ଷ ତଳର ଡାଇନାସୋର ପଦଚିହ୍ନ



ବିଶ୍ୱର ବିଭିନ୍ନ ସ୍ଥାନରୁ ଭିନ୍ନ ଭିନ୍ନ ସମୟରେ ଅନେକ ଐତିହାସିକ ସାମଗ୍ରି ମିଳିବାର ଆମେ ଦେଖିଛେ। ଯାହା ଖାଲି ସାଧାରଣ ଲୋକନୁହେଁ ଗବେଷକ ଏବଂ ବୈଜ୍ଞାନିକମାନଙ୍କୁ ମଧ ଦ୍ୱନ୍ଦରେ ପକାଇଥାଏ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତର ଅଷ୍ଟ୍ରେଲିଆରେ। ଏଠାରେ ଏକକୋଟି ବର୍ଷ ତଳୁ ବିଲୁପ୍ତ ହୋଇଥିବା ଏକ ବିରଳ ପ୍ରଜାତିର ଡାଇନାସୋରର ପଦଚିହ୍ନ ମିଳିଛି। କୁଇନ୍ସଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ଜୀବାଶ୍ମ ବିଭାଗର ବୈଜ୍ଞାନିକ ନିଜ ଟିମ ସହ ଅଷ୍ଟ୍ରେଲିଆର ଜୁରାସିକ ପାର୍କରେ ରିସର୍ଚ୍ଚ କରୁଥିଲେ। ଏହି ସମୟରେ ସେମାନଙ୍କର ନଜର ପଡିଥିଲା ଏକ ପଦ ଚିହ୍ନ ଉପରେ। ଏହାର ଆକାର ୫ଫୁଟ ୯ଇଞ୍ଚ ଥିଲା। ଏକ ମଣିଷର ଉଚ୍ଚତା ଠାରୁ ମଧ ଅଧିକ ଥିଲା। ଗବେଷଣା ପରେ ଜଣାପଡିଲା ଯେ ଏହା ଏକ ଡାଇନାସୋରର ପାଦଚିହ୍ନ। କୋଟିଏ ବର୍ଷ ତଳୁ ଏହି ପ୍ରଜାତିର ଡାଇନାସୋର ଏଠାରେ ବସବାସ କରୁଥିଲେ। ତେବେ ଖାଲି ଏତିକି ନୁହେଁ ଏହାର ଆଖପାଖ ଅଞ୍ଚଳରେ ୨୧ପ୍ରକାରର ଭିନ୍ନଭିନ୍ନ ଚିହ୍ନ ମିଳିଥିଲା ସେମାନଙ୍କୁ। ଯାହା ଗବେଷଣାକୁ ଆହୁରି ଏକ ରୋଚକମୂଳକୁ ନେଇଯାଇଛି।

## ପୁରାଣ କାହାଣୀ

# ହିରଣ୍ୟକଶ୍ୟପୁ ଓ ପ୍ରହଲ୍ଲାଦ କଥା

ଭଗବାନ ବିଷ୍ଣୁ ଭକ୍ତର ଡୋରିରେ ବନ୍ଧା। ପୃଥିବୀ ପୃଷ୍ଠରୁ ପାପଭାରା କମାଇବା ପାଇଁ ଓ ଦୈତ୍ୟମାନଙ୍କ ଅତ୍ୟାଚାରରୁ ସାଧୁ,ସନ୍ଥ ଓ ତାଙ୍କ ଭକ୍ତମାନଙ୍କୁ ଉଦ୍ଧାର କରିବା ପାଇଁ ସେ କେତେବେଳେ ବାମନ ଅବତାର ତ ପୁଣି କେତେବେଳେ କୃଷ୍ଣ, ରାମ, ମତ୍ସ୍ୟ, ବରାହ ଆଦି ଅବତାର ନେଇ ଜନ୍ମ ହୋଇଛନ୍ତି। ସେ ତାଙ୍କ ଭକ୍ତମାନଙ୍କ ପାଇଁ ଜଳରେ ଅଛନ୍ତି ସ୍ଥଳରେ ବି ଅଛନ୍ତି। ପାହାଡ ଉପରେ ଅଛନ୍ତି ଓ ଗଛ ଉପରେ ଅଛନ୍ତି। ଘର ଚାରିକାନ୍ଥ ଭିତରେ ଅଛନ୍ତି। ତାଙ୍କୁ ଯେତେବେଳେ ଯେଉଁଠି ଡାକିବ ସେ ସର୍ବଦା ଅବାର୍ଭିବା ହୋଇ ଯାଆନ୍ତି। ଏଇ ଯେମିତି ଭକ୍ତ ପ୍ରହଲ୍ଲାଦର ଡାକରେ ଭଗବାନ ନୃସିଂହ ଅବତାର ନେଇ ଖମ୍ବ ଭିତରୁ ବାହାରି ରାକ୍ଷସ ପିତା ହିରଣ୍ୟକସପକୁ ବଧ କରିଥିଲେ। ଏବେ ଆସନ୍ତୁ ଏହି ପ୍ରହଲ୍ଲାଦ ଓ ହିରଣ୍ୟକସିପୁ ବିଷୟରେ କିଛି ଜାଣିବା।

ହିରଣ୍ୟକସିପୁ ଥିଲା ଦୈତ୍ୟମାନଙ୍କ ରାଜା। ଦୌତ୍ୟମାନଙ୍କ ଔରସରୁ କୋଟିତ ଦେବତାମାନେ ଜନ୍ମ ଗ୍ରହଣ କରନ୍ତି। ଏଇ ଯେମିତି ରାକ୍ଷସ ରାଜା ହିରଣ୍ୟକସିପୁ ଔରସରୁ ପ୍ରହଲ୍ଲାଦ ନାମ୍ନୀ ଧାରୀ ଜଣେ ବାଳକ ଜନ୍ମ ହୋଇଥିଲା। ଜନ୍ମ ହେବା ପରଠାରୁ ସେ ଭଗବାନ ବିଷ୍ଣୁଙ୍କ ପ୍ରତି ସମର୍ପିତ ହୋଇ ଯାଇଥିଲା। କିନ୍ତୁ ହିରଣ୍ୟକସିପୁ ବିଷ୍ଣୁଙ୍କ ନାଁ ଶୁଣିଲେ ରାଗରେ ଜଳି ଯାଉଥିଲା। ପ୍ରହଲ୍ଲାଦର ଏପରି ହାବଭାବ ଦେଖି ହିରଣ୍ୟକସିପୁ ଗୁରୁକୁଳରେ ଛାଡିଥିଲା ପାଠପଢ଼ିବାକୁ। ହେଲେ ପ୍ରହଲ୍ଲାଦ ପାଠ ପଢ଼ିବ କ’ଣ ଗୁରୁକୁଳର ଅନ୍ୟ ପିଲାଙ୍କୁ ଭଗବାନ ବିଷ୍ଣୁଙ୍କ ସମ୍ବନ୍ଧରେ ଶିକ୍ଷାଦାନ କରିବା ଆରମ୍ଭ କରିଦେଲା। ଏହା ଦେଖି ଗୁରୁକୁଳର ସଦସ୍ୟମାନେ ଭୟଭୀତ ହୋଇଗଲେ। ଶେଷରେ କଥାଟାକୁ ହିରଣ୍ୟକସିପୁଙ୍କ କାନରେ ପକାଇଲେ। ଦୈତ୍ୟରାଜ ହିରଣ୍ୟକସିପୁ ପୁଅର ଏତାଦୃଶ୍ୟ



କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ମାରିବାକୁ ଉଦ୍ୟମ କଲେ। ପ୍ରହଲ୍ଲାଦକୁ ତେଲ କଡେଇରେ ପକାଇା ସହ ଜଳନ୍ତା ଅଗ୍ନିରେ ମଧ ପକାଇ ହତ୍ୟା କରିବାକୁ ଉଦ୍ୟମ କଲେ। ଗଭୀର ସମୁଦ୍ରରେ ତାକୁ ନେଇ ପୋପାଡିଦେଲେ। ସାପ ମେଳରେ ପୁଅକୁ ଛାଡିଦେଲେ। ହେଲେ ପ୍ରହଲ୍ଲାଦ ଏଥିରେ ବିଚଳିତ ନହୋଇ ପ୍ରତି ମୁହୁର୍ତ୍ତରେ ‘ଓଁ ବିଷ୍ଣୁ’ ମନ୍ତ୍ର ଉଚ୍ଚରେଣ କରି ଚାଲିଥିଲା। ଯାହାଫଳରେ ପ୍ରହଲ୍ଲାଦ ସବୁ ବିପତ୍ତିରୁ ବର୍ତ୍ତି ଯାଉଥିଲା। ପ୍ରହଲ୍ଲାଦର ମରଣ ହେଉ ନଥିବାରୁ ହିରଣ୍ୟକସିପୁ ଚିନ୍ତାରେ ପଡି ଯାଇଥିଲା। କାରଣ ସେ ତା ପୁଅ ହୋଇଥିଲେ ମଧ ବିଷ୍ଣୁଙ୍କ ପ୍ରତି ସମର୍ପଣ ଭାବନା ଦେଖି ହିରଣ୍ୟକସିପୁ ପ୍ରହଲ୍ଲାଦକୁ ଶତ୍ରୁ ଭାବେ ବିବେଚନା କରୁଥିଲା। ଶେଷରେ ପ୍ରହଲ୍ଲାଦ ତାର ବାପାକୁ ଭଗବାନ ବିଷ୍ଣୁଙ୍କ ସମ୍ବନ୍ଧରେ ବୁଝାଇବାକୁ ଆରମ୍ଭ କଲା। ହେଲେ ହିରଣ୍ୟକସିପୁ ଶେଷରେ ଅଥୟ ହୋଇ ପୁଣି ହତ୍ୟା ଉଦ୍ୟମ କଲା। ବିଚଳିତ ହୋଇ ପ୍ରହଲ୍ଲାଦକୁ ପଚାରିଲା। ତୋ ଭଗବାନ କେଉଁଠି ଅଛନ୍ତି ? ଡାକିଲୁ ତୋ ଭଗବାନଙ୍କୁ। ପ୍ରହଲ୍ଲାଦ ଉତ୍ତର ଦେଇଥିଲା ଭଗବାନ ସବୁଠି ଅଛନ୍ତି। ଏହି ଘର ଭିତରେ ଅଛନ୍ତି। ରାଗ ଜରଜରରେ ହିରଣ୍ୟକସିପୁ ଭଗବାନଙ୍କୁ ଖୋଜିବା ଉଦ୍ଦେଶ୍ୟରେ ଘରର ବିଭିନ୍ନ ଆସବାବପତ୍ର ଭାଙ୍ଗିବା ସହ ଚାରିପଟେ ଥିବା ଖମ୍ବ ଉଗଡିକ ଭାଙ୍ଗିଲା। ହିରଣ୍ୟକସିପୁର ଅତ୍ୟାଚାର ଏତେମାତ୍ରାରେ ବଢ଼ି ଯାଇଥିଲାଯେ ଶେଷରେ ଭଗବାନ ବିଷ୍ଣୁ ଖମ୍ବ ଭିତରୁ ନୃସିଂହ ଅବତାର ହୋଇ ବାହାରିଲେ। ଏବଂ ପାପୀ ହିରଣ୍ୟକସିପୁର ଛାତି ଫାଡି ବଧ କଲେ। ଚାରିଆଡେ ଭକ୍ତ ପ୍ରହଲ୍ଲାଦର ଯଶବାନା ଉଡିଲା।

## ପାହାଡ ଶୀର୍ଷରେ ଗ୍ରାମ

ଦୁନିଆରେ ଏଭଳି ଅନେକ ଲୋକେ ଅଛନ୍ତି, ଯିଏକି ପାହାଡ ତଥା ଉଚ୍ଚା ସ୍ଥାନରେ ଘର ତିଆରି କରିବା ପାଇଁ ପସନ୍ଦ କରନ୍ତି। କିନ୍ତୁ କିଛି ଲୋକେ ଏଭଳି ମଧ ଅଛନ୍ତି, ଯିଏକି ନିଜ ଜୀବନକୁ ବିପଦରେ ପକାଇ ଏଭଳି ସ୍ଥାନରେ ରହିବା ପାଇଁ ଚାହାନ୍ତି, ଯାହା ସୁରକ୍ଷିତ ନଥାଏ। ଏଭଳି ହିଁ ଏକ ସ୍ଥାନ ହେଉଛି ସ୍ପେନ୍‌ର କେଷ୍ଟେଲଫୋଲିଟ୍ ଡେ ଲା ରୋକା ଗ୍ରାମ, ଯାହା ବସାଲ୍ଟ ପାହାଡ ଶୀର୍ଷରେ ଅବସ୍ଥିତ। ସୂଚନା ଯୋଗ୍ୟ ଯେ, ପ୍ରାୟ ହଜାର ବର୍ଷ ପୂର୍ବେ ଏଠାରେ ପ୍ରଥମେ ଦୁଇଟି ଜ୍ୱାଳାମୁଖୀ ବିସ୍ଫୋଟ ହୋଇଥିଲା। ପ୍ରଥମ ବିସ୍ଫୋଟ ବଟେଟ୍ ଗ୍ରାମରେ ୨୧୭,୦୦୦ ବର୍ଷ ପୂର୍ବେ ଏବଂ ଦ୍ୱିତୀୟଟି ୧୯୨,୦୦୦ ବର୍ଷ ପୂର୍ବେ ହୋଇଥିଲା। ଧୀରେ ଧୀରେ ଏହି ଜ୍ୱାଳାମୁଖୀ ଜମିବାକୁ ଲାଗିଥିଲା ଏବଂ ତାହା ବସାଲ୍ଟ ପାହାଡରେ ପରିଣତ ହୋଇଯାଇଥିଲା। ଏହି ଚଟ୍ଟାଣ ଥଣ୍ଡା ହେବା ପରେ ଏଠାରେ ମଧ୍ୟକାଳୀନ ସମୟରେ ଏକ ଛୋଟ ଗ୍ରାମ ବସତି ସ୍ଥାପନ କରିଥିଲା। ଏହି ଗ୍ରାମର ଘରଗୁଡ଼ିକ ମଧ ଜ୍ୱାଳାମୁଖୀର ଚଟ୍ଟାଣରେ ହିଁ ତିଆରି। ୧୩ତମ ଶତାବ୍ଦୀରେ ଏହି ପାହାଡର କୋଣରେ ସେଣ୍ଟ ସାଲବୋଡୋର୍ ଚର୍ଚ୍ଚ ସ୍ଥାପିତ ହୋଇଥିଲା, ଯାହା ଆଜି ମଧ ସେଠାରେ ଥିବା ଦେଖିବାକୁ ମିଳେ। ଭୂମିଠାରୁ ପ୍ରାୟ ୫୦ ମିଟର ଉଚ୍ଚତାରେ ଏବଂ ପ୍ରାୟ ଏକ କିଲୋମିଟର କ୍ଷେତ୍ରରେ ବିସ୍ତାର ହୋଇଥିବା ଏହି କେଟେଲୋନିଆର କେଷ୍ଟେଲଫୋଲିଟ ଡେ ଲା ରୋକା ଗ୍ରାମ ପୁରାପୁରି ସଂକିର୍ଣ୍ଣ। ଏଠାରେ ଥିବା ଘର ଗୁଡିକ ପହାଡର ଶୀର୍ଷରେ ତିଆରି। ଫ୍ଲୁଭିୟା ଏବଂ ଟୋଲୋପେଲ୍ ନଦୀ ସୀମାରେ ଆସୁଥିବା ଏହି ଗ୍ରାମ ସ୍ପେନ୍‌ର ସବୁଠାରୁ ଛୋଟ ଗ୍ରାମ। ପାହାଡ ଶୀର୍ଷରେ ଥିବା ଏହି ଗ୍ରାମ କୌଣସି ବିପଦଠାରୁ କମ୍ ନୁହେଁ, କାରଣ ଏଠାକାର ଅନେକ ଘର ପାହାଡର ପୁରାପୁରି ଏଡ୍‌ଜରେ ତିଆରି।



### ହିନ୍ଦୁ ନାରୀମାନେ ସୀମନ୍ତରେ ସିନ୍ଦୂର ଲଗାନ୍ତି କାହିଁକି ?

ସୀମନ୍ତରେ ସିନ୍ଦୂର ଲଗାଇବା ସଧବା ନାରୀମାନଙ୍କର ସୂଚକ। ହିନ୍ଦୁ ବିବାହିତ ରମଣୀମାନେ ସିନ୍ଦୂର ଲଗାଇ ଥାଆନ୍ତି। କୁମାରୀ କନ୍ୟା ଓ ବିଧବା ସ୍ତ୍ରୀ ଏହା ଲଗାଇବା ନିଷେଧ। ଏହା ବ୍ୟତୀତ ସିନ୍ଦୂର ଲଗାଇବା ଦ୍ୱାରା ସ୍ତ୍ରୀମାନଙ୍କର ସୌନ୍ଦର୍ଯ୍ୟ ବୃଦ୍ଧିପାଇଥାଏ। ବିବାହ ସଂସ୍କାର ସମୟରେ ବର ନବବଧୂର ମସ୍ତକରେ ମନ୍ତ୍ରୋଚ୍ଚାରଣ ସମୟରେ ପାଞ୍ଚ ଅଥବା ସାତଥର ଦୁଇ ଆଙ୍ଗୁଠି(ବୃଦ୍ଧାଙ୍ଗୁଷ୍ଠି ଓ ବିଶି ଆଙ୍ଗୁଠି)ରେ ସିନ୍ଦୂର ପକାଇଥାଏ। ତାହାପରେ ବିବାହ କାର୍ଯ୍ୟ ସମାପ୍ତ ହୋଇଯାଇଥାଏ। ସେହିଦିନଠାରୁ ସ୍ତ୍ରୀଲୋକଟି ତା’ର ପତିର ଦୀର୍ଘାୟୁ ପାଇଁ ପ୍ରତିଦିନ ସିମନ୍ତରେ ସିନ୍ଦୂର ଲଗାଇଥାଏ। ସିମନ୍ତର ସିନ୍ଦୁର ସ୍ତ୍ରୀ ଶୃଙ୍ଗାରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ।

## ଚୀନ ତିଆରି କଲା ଅଦୃଶ୍ୟ ବ୍ରିଜ

ବେଜିଂ ବୈଷୟିକ ଜ୍ଞାନ କୌଶଳ କ୍ଷେତ୍ରରେ ଆଉଏକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛି ଚାଇନା। ନିକଟରେ ହୁନାନ୍ ପ୍ରାନ୍ତରରେ ଏକ ଅଦୃଶ୍ୟ ବ୍ରିଜ୍ ବନାଇଛନ୍ତି ଚୀନର ଇଞ୍ଜିନିୟରମାନେ। ଦୁଇଟି ପାହାଡ଼ ମଧ୍ୟରେ ସଂଯୋଗ ସ୍ଥାପନ ପାଇଁ ଏହି ବ୍ରିଜ୍ ତିଆରି ହୋଇଛି। ଚୀନର ସ୍ଥପତି ମାନେ କାଚରେ ଏହି ବ୍ରିଜ୍ ତିଆରି କରିଥିଲା ବେଳେ ଯାହା ଦୂରକୁ ଦୃଶ୍ୟମାନ ହେଉନାହିଁ। ବ୍ରିଜର ଲମ୍ବ ୪୩୦ମିଟର ହୋଇଥିଲା ବେଳେ ଭୂମିଠାରୁ ଏହା ୩୦୦ମିଟର ଉପରେ ରହିଛି। ଏହି ବ୍ରଜ୍ ପାଇଁ ୪୦୦ମିଲିୟନ୍ ପାଉଣ୍ଡ ଖର୍ଚ୍ଚ ହୋଇଥିବା କୁହାଯାଉଛି। ବ୍ରିଜ୍‌ର ଡିଜାଇନ୍ ଅପ୍ଟିକାଲ ଇଲ୍ୟୁଜନ୍ ଉପରେ ଆଧାରିତ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି। ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ। ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ। ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି। ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି। ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତ୍ତି ମିଳିଥାଏ। ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି। ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି। ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ। ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ। ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ। ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ। ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି।



## ବ୍ୟସ୍ତ ବହୁଳ ଦ୍ୱୀପ



ଯଦି କୌଣସି ଦ୍ୱୀପ ସମ୍ପର୍କରେ ଚିନ୍ତା କରୁଛନ୍ତି ଛୋଟ ଛୋଟ ସ୍ଥାନରେ ସବୁଜ ରଙ୍ଗ ସମ୍ମୁଖକୁ ଆସିଥାଏ। କିନ୍ତୁ ଏହି ଦ୍ୱୀପ ସମ୍ପର୍କରେ ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। ଏହି ଦ୍ୱୀପ ନାମ ଜାଣିଲେ ଆପଣ ଚିନ୍ତା କରିପାରନ୍ତି ଏଠାରେ ଗୋଟିଏ ମଧ୍ୟ ଗଛ ନଥିବ। କେବଳ ପଥର ଓ ପାହାଡିଆ ସ୍ଥାନ ହୋଇଥିବ। ସାଉଥ ଆଫ୍ରିକାର ଲେକ୍ ବ୍ୟାକ୍ଟ୍ରିଆ ଏକ ଛୋଟ ଦ୍ୱୀପ ରହିଛି। ଯାହାର ନାମ ମିଗିନଗୀ। ଏହା ଏକ ପଥୁରିଆ ଦ୍ୱୀପ। ପ୍ରାୟ ଅଧା ଏକର ଜାଗାରେ ଏହି ଦ୍ୱୀପ ରହିଛି। ସବୁ ସମୟରେ ଏହି ଦ୍ୱୀପକୁ ଲୋକେ ଯିବା ଆସିବା କରିଥାନ୍ତି। ୨୦୦୯ ସେନସସ୍ ଅନୁଯାୟୀ ଏଠାରେ ୧୩୧ ଲୋକ ରହୁଥିଲେ। ଏହି ଛୋଟ ସ୍ଥାନରେ ପାଞ୍ଚଟି ବାର୍ ରହିଛି। ଏହା ବିଶ୍ୱର ସବୁଠାରୁ ବ୍ୟସ୍ତବହୁଳ ଦ୍ୱୀପ।

## ଆଜିର ଭାଗ୍ୟ

**ମେଷ** – ଆଜିର ଦିନରେ ଆପଣଙ୍କ ମନ ଚଟଂଳ ରହିବ। ବିଭିନ୍ନ କାରଣରୁ ଅନ୍ୟମନସ୍କ ରହିପାରନ୍ତି। ଅନିଚ୍ଛା ସତ୍ତ୍ୱେ ବ୍ୟୟ କରିବାକୁ ପଡିପାରେ। ଗୃହ ଉପକରଣ କ୍ରୟ କରିବାରେ ବ୍ୟସ୍ତ ରହିପାରନ୍ତି। ଦିନଟି ମଧ୍ୟମ ଧରଣର ରହିବ।

**ବୃଷ** – ଆଜିର ଦିନରେ ଆପଣଙ୍କ ସବୁ କାର୍ଯ୍ୟ ସୁଚାରୁରୂପେ ହୋଇଯିବ। ଯେଉଁ ଆଡେ ଯିବେ ସେଠାରେ ସମ୍ମାନ ଲାଭ କରିପାରନ୍ତି। ଶୁଭଫଳ ପ୍ରାପ୍ତି ହୋଇପାରେ। ଧନ ପ୍ରାପ୍ତିର ଯୋଗ ରହିଛି। ଭୂମି, ଗାଡି କ୍ରୟ କରିପାରନ୍ତି।

**ମିଥୁନ** – ଆଜି ଦିନଟି ଆପେଣଙ୍କ ପାଇଁ ସେତେଟା ଭଲ ନହୋଇପାରେ। ବହୁ ପରିଶ୍ରମ ସତ୍ତ୍ୱେ କମ୍ ସଫଳତା ମିଳିବ। ହଠାତ୍ ଖର୍ଚ୍ଚାନ୍ତରେ ପଡିପାରେନ୍ତି। ଗୁପ୍ତ ଚିନ୍ତା ଲାଗି ରହିବ। ପ୍ରେମ କ୍ଷେତ୍ରରେ ଚିନ୍ତିତ ରହିବେ।

**କର୍କଟ** – ଯେଉଁ କର୍ମରେ ହାତ ଦେବେ ସେଠାରୁ ସଫଳତା ପ୍ରାପ୍ତି ହେବ। ବିଭିନ୍ନ ଦିଗରୁ ଲାଭବାନ୍ ହୋଇପାରନ୍ତି। ନୂତନ କର୍ମ ଆରମ୍ଭ ପାଇଁ ଆଜିର ଦିନଟି ଆପଣଙ୍କ ପାଇଁ ଶୁଭ ହୋଇପାରେ। ବିଭିନ୍ନ ସ୍ଥାନରୁ ପ୍ରତିଶୃତି ମିଳିବ।

**ସିଂହ** – ପରିଶ୍ରମ ତଥା ନିଜର ବୁଦ୍ଧି ବିବେକ ବଳରେ ଫଳ କରାୟତ କରିବେ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପିତୃବର୍ଗୀୟ ଲୋକଙ୍କର ସାନ୍ନିଧ ଲାଭ କରିବେ। ହଠାତ୍ ଦୂର ସ୍ଥାନକୁ ଭ୍ରମଣ କରିପାରନ୍ତି।

**କନ୍ୟା** – ହତାଶ ଓ ନିରାଶକ୍ଷ ମଧ ଦେଇ ଦିନଟି ଗତି କରିବ। ଧାର୍ମିକ ମନଭାବ ସୃଷ୍ଟି ହେବା ସହ ଧର୍ମ ଦିଗରେ ମନବଳାଇବେ। ଅବସାଦରୁ ମୁକ୍ତି ପାଇଁ ନିଜର ଇଷ୍ଟ ଦେବଙ୍କୁ ପ୍ରାର୍ଥନା କରନ୍ତୁ। ଆୟ ଅପେକ୍ଷା ବ୍ୟୟ ଅଧିକ ହେବ।

**ତୁଳା** – ଶରୀରରେ ପୀଡା ଅନୁଭବ କରିପାରନ୍ତି। ହଠାତ୍ ଖର୍ଚ୍ଚାନ୍ତରେ ପଡିବା ସମ୍ଭାବନା ରହିଛି। ଭାବି ଚିନ୍ତି କାର୍ଯ୍ୟ କରନ୍ତି ନଚେତ୍ ଅପମାନ ପାଇବା ଆଶା ରହିଛଇ। ଅଯଥା ଚିନ୍ତା ଆପଣଙ୍କୁ ଭାରାକ୍ରାନ୍ତ କରିବ।

**ବିଛା** – କାର୍ଯ୍ୟପୂର୍ଣ୍ଣ ହେବାର ସମସ୍ତ ସୁଯୋଗ ଥିବା ସତ୍ତ୍ୱେ କାମଟି ଝୁଲା ଅବସ୍ଥାରେ ରହିବ। ନିଜପ୍ରତି ଧ୍ୟାନ ଦେବା ଉଚିତ୍ କାରଣ ଶରୀରରେ ଅଘାତ ଲାଗବାର ସମ୍ଭାବନା ରହିଛି। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି। ମନ ଉଦାସ ରହିପାରେ।

**ଧନୁ** – ଆଜି ଦିନରେ ଆପଣ ଶତ୍ରୁମାନଙ୍କଠାରୁ ବିଜୟ ପ୍ରାପ୍ତ କରିପାରନ୍ତି। ନୂତନ କାର୍ଯ୍ୟସ୍ଥଳକୁ ଯାଇ ପୁରାତନ କାର୍ଯ୍ୟସ୍ଥଳ ତ୍ୟାଗ କରିପାରନ୍ତି। ଅନେକ ସ୍ଥରରୁ ବିପରିତ ଫଳ ମିଳିପାରେ ତଥା ଶରୀରରେ ବିଭିନ୍ନ ପ୍ରକାର ପୀଡା ଅନୁଭବ କରିପାରନ୍ତି।

**ମକର** – ଆର୍ଥିକ ସ୍ଥିତି ମନକୁ ଅସ୍ଥିତର କରିପାରେ। ଅର୍ଥ ଋଣ କରିପାରନ୍ତି। ସନ୍ତାନ ସନ୍ତତିଙ୍କୁ ନେଇ ଚିନ୍ତିତ ରହିବା ସହ ମାତୃ ସମ୍ବନ୍ଧିୟ ଚିନ୍ତା ମଧ ରହିବ। ଆଜିର ଦିନଟି ସେତେଟା ଆପଣଙ୍କ ପାଇଁ ଭଲ ନହୋଇପାରେ।

**କୁମ୍ଭ** – ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ଶରୀରର କୌଣସି ଅଙ୍ଗରେ ଆଘାତ ଲାଗିପାରେ। ମାନ ସମ୍ମାନ କ୍ଷେତ୍ରରେ ଜଗି ରଖି ଚଳନ୍ତୁ ନଚେତ୍ ମାନହାନୀ ଘଟିପାରେ। ହଠାତ୍ କୌଣସି ଖବର ପାଇଁ ମନ ଚିନ୍ତିତ

**ମୀନ** – ଦୂର ସ୍ଥାନକୁ ଯାତ୍ରା କରପାରନ୍ତି। ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ଦ୍ରବ୍ୟ ନଷ୍ଟ କିମ୍ବା ଶରୀରରେ ପୀଡା ଭୋଗି ପାରନ୍ତି। ବିଭିନ୍ନ ଦିଗରୁ ଅପମାନିତ ହେବା ଆଶଙ୍କା ରହିବି।




# ଭାରତରତ୍ନ ଚିନ୍ତାମଣି ନାଗେଶ ରାମଚନ୍ଦ୍ର ରାଓ



ମହାନ୍ ଦେଶଭକ୍ତ, ପ୍ରତିଭାଶାଳୀ ଗବେଷକ, ଯଶସ୍ୱୀ ସାରସ୍ୱତ ସ୍ରଷ୍ଟା, କୀର୍ତ୍ତନୀୟ ବୈଜ୍ଞାନିକ, ଅତ୍ୟାଶ୍ଚର୍ଯ୍ୟ ମେଧାବୀ ଛାତ୍ର, ଦକ୍ଷ ପ୍ରଶାସକ, ବିଦ୍ୟାନୁରାଗୀ ଶିକ୍ଷକ, ଭାଷା ବିଶାରଦ, ଦରଦୀ ମହାମାନବ, ବାଗ୍ମୀ ପୁରୁଷ ଚିନ୍ତାମଣି ନାଗେଶ ରାମଚନ୍ଦ୍ର ରାଓ ତା୩୦/୦୬/୧୯୩୪ରିଖରେ କର୍ଣ୍ଣାଟକ ପ୍ରଦେଶର ବାଙ୍ଗାଲୋରଠାରେ କରିଥିଲେ ଧରାବତରଣ। ତାଙ୍କର ପିତା ହନୁମନ୍ତ ନାଗେଶ ରାଓ ଓ ମାତା ନଗମା ନାଗେଶ ରାଓଙ୍କର ସେଥିଲେ ଏକମାତ୍ର ଅଲିଅଳ ସନ୍ତାନ। ପିଲାଟି ଦିନରୁ ତାଙ୍କର ଆଶ୍ଚର୍ଯ୍ୟ ପ୍ରକାର ଧୀଶକ୍ତିକୁ ଦେଖି ବଡ଼ ହେଲେ ନିଶ୍ଚିତ ସେ ଜଣେ ମହାନ୍ ବ୍ୟକ୍ତି ହେବେ ବୋଲି ସମସ୍ତେ କରିଥିଲେ ଅନୁମାନ। ସେଥିପାଇଁ ଆନନ୍ଦ ବିଭୋର ତାଙ୍କର ବିଜ୍ଞ ପିତା-ମାତା ପାଠ ପଢ଼ିବା ନିମିତ୍ତ ଗୃହ ମଧ୍ୟରେ ତାଙ୍କ ପାଇଁ ସୃଷ୍ଟି କରିଥିଲେ ଏକ ଆକର୍ଷଣୀୟ ଉତ୍ତମ ପରିବେଶ। ପ୍ରାଥମିକ ବିଦ୍ୟାଳୟର ପାଠ ସେ କୌଣସି ବିଦ୍ୟାଳୟରେ ନପଢ଼ି ନିଜ ପିତା-ମାତାଙ୍କ ତତ୍ତ୍ୱାବଧାନରେ ନିଜ ଗୃହରେ କରିଥିଲେ ଶୁଭାରମ୍ଭ। ହିନ୍ଦୀ ସାହିତ୍ୟ ଓ ଗଣିତ ଶିକ୍ଷାର ଗୁରୁ ଦାୟିତ୍ୱ ତାଙ୍କର ମାତା ବହନ କରିଥିବାବେଳେ ତାଙ୍କର ପିତା ଇଂରାଜୀ ବିଷୟରେ ଦେଇଥିଲେ ଶିକ୍ଷାଦାନ।

ନିଜର ପାଠପଢ଼ା ଚାଲୁରଖି ୧୯୪୦ ମସିହାରେ ସେ ମାଧ୍ୟମିକ ବିଦ୍ୟାଳୟରେ ଲେଖାଇଥିଲେ ନିଜର ନାମ। ଏଠାରେ ଅଧ୍ୟୟନ ସମୟରେ ସେ ନିଜର ସହପାଠୀମାନଙ୍କୁ ଜଣେ ଅଭିଜ୍ଞ ଶିକ୍ଷକ ଭଳି ଗଣିତ ଓ ଇଂରାଜୀ ବିଷୟରେ ଅତି ପ୍ରାଞ୍ଜଳ ଭାବରେ ବୁଝାଇ ସୁଝାଇ ଦେଉଥିଲେ ଶିକ୍ଷା। ୧୯୪୪ମସିହାରେ ସେ ପ୍ରଥମ ଶ୍ରେଣୀରେ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇ ସମାପ୍ତ କରିଥିଲେ ନିଜର ସପ୍ତମ ଶ୍ରେଣୀ ପାଠ୍ୟ ଖସଡ଼ା। ଏହି ଫଳାଫଳରେ ତାଙ୍କର ପିତା ଆନନ୍ଦିତ ହୋଇ ପୁରସ୍କାର ସ୍ୱରୂପ ତାଙ୍କୁ ଦେଇଥିଲେ ତତ୍କାଳୀନ ସମୟର ଚାରିଅଣା ପଇସା। ଅଧ୍ୟୟନ ନିଶାରେ ଅତ୍ୟଧିକ ଆତ୍ମବିଭୋର ହୋଇ ଏହା ପରେ ସେ ଅଧିକ ପଢ଼ିବା ନିମିତ୍ତ ବାସଭନାଗୁଡ଼ି ଠାରେ ଥିବା ଆଚାର୍ଯ୍ୟ ପାଠଶାଳା ଉଚ୍ଚ ବିଦ୍ୟାଳୟରେ ଲେଖାଇଥିଲେ ନିଜର ନାମ। ଏଠାରେ ଅଧ୍ୟୟନ କରୁଥିବା ସମୟରେ ରସାୟନ ବିଜ୍ଞାନ ପ୍ରତି ତାଙ୍କ ମନରେ ସୃଷ୍ଟି ହୋଇଥିଲା ଅସୀମ କୌତୁହଳ ଓ ଆଗ୍ରହ। ୧୯୪୭ମସିହାରେ ସେ ବିଦ୍ୟାଳୟସ୍ତରୀୟ ଶୀର୍ଷ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ସର୍ବିଙ୍କର ପାଲଟି ଯାଇଥିଲେ ଶ୍ରଦ୍ଧାର ପାତ୍ର। ଏହି ଜ୍ଞାନ ପାଗଳ ଛାତ୍ର ନିଜର ଉଚ୍ଚତର ଶିକ୍ଷା ଚାଲୁ ରଖି ବାଙ୍ଗାଲୋରର କେନ୍ଦ୍ରୀୟ ମହାବିଦ୍ୟାଳୟରେ ପଞ୍ଜିକୃତ କରିଥିଲେ ନିଜର ନାମ। ଏଠାରେ ସେ ଜଣେ ବିଜ୍ଞାନ ବିଭାଗର ଛାତ୍ର ଥିଲେ ମଧ୍ୟ ସଂସ୍କୃତ ବିଷୟ ପ୍ରତି ଆକର୍ଷିତ ହୋଇ ନିଜର ପ୍ରଚେଷ୍ଟା ଓ ଅଧ୍ୟବସାୟ ବଳରେ ଆହରଣ କରିଥିଲେ ଅକଳ୍ପନୀୟ ଜ୍ଞାନ। ବହୁ ପ୍ରଶଂସା ଓ ସମ୍ମାନ ସହିତ ୧୯୫୧ମସିହାରେ ସେ ମହୀଶୂର ବିଶ୍ୱ ବିଦ୍ୟାଳୟରୁ ପ୍ରଥମ ଶ୍ରେଣୀର ଉତ୍ତୀର୍ଣ୍ଣ ହୋଇ ବିଜ୍ଞାନରେ ହାସଲ କରିଥିଲେ ନିଜର ସ୍ନାତକ ଉପାଧି। ପାଠ ପଢ଼ା ନିଶାରେ ସଦାସର୍ବଦା ମଜ୍ଜିରହୁଥିବା ଏହି ମେଧାବୀ ଛାତ୍ର ନିଜର ଅଧ୍ୟୟନ ଚାଲୁରଖି ବହୁ ଯଶ, ଗୌରବ ଓ ଅବର୍ଣ୍ଣନୀୟ ଖ୍ୟାତି ସହିତ ରସାୟନ ବିଜ୍ଞାନରେ ହାସଲ କରିଥିଲେ ନିଜର ସ୍ନାତକୋତ୍ତର ପ୍ରମାଣପତ୍ର। ୧୯୫୩ମସିହାରେ ନିଜର ସ୍ନାତକୋତ୍ତର ଉପାଧି ସମାପ୍ତାନ୍ତେ ସେ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ ଖଡ଼ଗପୁରରେ ପି.ଏଚ୍.ଡ଼ି ଉପାଧି ନିମିତ୍ତ ଗବେଷଣା କରିବାପାଇଁ ପାଇଥିଲେ ଏକ ଛାତ୍ର ବୃତ୍ତି। ମାତ୍ର ପରଡ଼ିୟୁ ବିଶ୍ୱ ବିଦ୍ୟାଳୟରୁ ଗବେଷଣା କରିବା ନିମିତ୍ତ ଏକ ପ୍ରସ୍ତାବ ପାଇ ସେ ଖଗଡ଼ପୁର ଛାଡ଼ି ନିଜର ପି.ଏଚ୍.ଡ଼ି ପାଇଁ ଯାତ୍ରା କରିଥିଲେ ବିଦେଶ ରାଷ୍ଟ୍ର। ଏଠାରେ ସେ ଗବେଷଣା କରୁଥିବା ସମୟରେ ତାଙ୍କର ପ୍ରଥମ ଗବେଷଣା ନିବନ୍ଧଟି ଆଗ୍ରା ବିଶ୍ୱ ବିଦ୍ୟାଳୟର ସାମୟିକ ପତ୍ରିକାରେ ୧୯୫୪ମସିହାରେ ସର୍ବ ପ୍ରଥମେ ପ୍ରକାଶିତ ହୋଇ ସର୍ବିଙ୍କ ମୁଖରେ ହୋଇଥିଲେ ପ୍ରଶଂସିତ। ତାଙ୍କର ଏହି ସନ୍ଦର୍ଭଟି ରାସାୟନୀକ ପଦାର୍ଥର କଠିନାବସ୍ଥା ଓ ତା'ର ଉପାଦାନତତ୍ତ୍ୱଉପରେ ଥିଲା ପର୍ଯ୍ୟବେଶିତ।

୧୯୫୮ମସିହାରେ ବହୁ ଯଶ ଓ ଗୌରବ ସହିତ ସେ ରାସାୟନୀକ ପଦାର୍ଥର କଠିନାବସ୍ଥା ଓ ତା'ର ଉପାଦାନତତ୍ତ୍ୱ ଉପରେ କରିଥିଲେ ନିଜର ଗବେଷଣା। ଉକ୍ତ ଗବେଷଣା ସନ୍ଦର୍ଭଟି ଅମ୍ଳଜାନଜାରିତ ଧାତୁ ସ୍ଥାନାନ୍ତରିତ ପଦାର୍ଥ ଉପରେ ଥିଲା ପର୍ଯ୍ୟାବସିତ। ଯାହାକି ନୂତନ ବସ୍ତୁଗତ ଗୁଣ, ରାସାୟନୀକ ଗଠନର ନୂତନ ମୌଳିକ ଘଟଣା ଓ ଏହି ବସ୍ତୁମାନଙ୍କ ମଧ୍ୟରେ ଥିବା ସଂପର୍କର ଏକ ମୌଳିକ ଅବଧାରଣା ଅଟେ।

ଏହି ଶାଶ୍ୱତ ଦେଶ ପ୍ରେମୀ ଶିକ୍ଷାଦାନ ଦ୍ୱାରା ଆମ ରାଷ୍ଟ୍ରର ବିକାଶ ନିମିତ୍ତ ୧୯୫୯ ମସିହାରେ ବାଙ୍ଗାଲୋରକୁ ପ୍ରତ୍ୟାବର୍ତ୍ତନ କରି ସେଠାରେ ଥିବା ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନର "ସ୍ୱାଧୀନ ଗବେଷଣା କାର୍ଯ୍ୟକ୍ରମ" ବିଭାଗର ଜଣେ ପ୍ରାଧ୍ୟାପକ ରୂପେ ଗ୍ରହଣ କରିଥିଲେ ନିଜ କାର୍ଯ୍ୟଭାର। ଏଠାରେ ସେ ଜଣେ ବିଦ୍ୟାନୁରାଗୀ ଶିକ୍ଷକ ହିସାବରେ ଅର୍ଜନ କରିଥବଲେ ଅକଳ୍ପନୀୟ ଯଶ, ଗୌରବ ଓ ଖ୍ୟାତି। ସୂତ୍ରରୁ ରୂପେ ପରୀକ୍ଷଣ, ପର୍ଯ୍ୟବେକ୍ଷଣ ଓ ପର୍ଯ୍ୟାଲୋଚନା କରି ନୂତନ ତଥ୍ୟ ଉନ୍ମୋଚନ ନିମିତ୍ତ ସେ ଛାତ୍ର-ଛାତ୍ରୀମାନଙ୍କ ମଧ୍ୟରେ ବୃଦ୍ଧି କରାଉଥିଲେ ଆଗ୍ରହ ଓ ଶ୍ରଦ୍ଧା। ପ୍ରକୃତି ପ୍ରକୃତ ଜ୍ଞାନର ପ୍ରୟୋଗଶାଳା ହୋଇଥିବାରୁ ସେ ପ୍ରକୃତିକୁ ବୁଝି ଜ୍ଞାନ ଆହରଣ ନିମିତ୍ତ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କୁ ଦେଉଥିଲେ ପରାମର୍ଶ। ତାଙ୍କର ପ୍ରଶାସନିକ ଦକ୍ଷତା ଓ ଉତ୍ତମ ଶିକ୍ଷାଦାନ ପ୍ରଣାଳୀ ଦ୍ୱାରା ଏହି ଅନୁଷ୍ଠାନରୁ ବହୁସଂଖ୍ୟାରେ ଛାତ୍ର-ଛାତ୍ରୀମାନେ ନିଜ ନିଜ ଗବେଷଣାରେ ହୋଇଥିଲେ ସଫଳ। ଏହି ଅନୁଷ୍ଠାନରେ ସେ ଅଧ୍ୟାପକ ଥିବା ସମୟରେ ଭାରତୀୟ ବିଜ୍ଞାନ ଏକାଡ଼େମୀର ଜଣେ ସଦସ୍ୟ ରୂପେ ୧୯୬୪ ମସିହାରେ ନିର୍ବାଚିତ ହୋଇ ବିଜ୍ଞାନର ବିକାଶ ନିମିତ୍ତ କରିଥିଲେ ଅନେକ କାମ। ୧୯୬୦ ମସିହାରେ ସେ ଇନ୍ଦୁମତୀ ରାଓଙ୍କ ପାଣିଗ୍ରହଣ କରି ନିଜର ସୁଖମୟ ଦାମ୍ପତ୍ୟ ଜୀବନରେ ପୁତ୍ର ସଂଜୟ ଓ କନ୍ୟା ସୁଚିତ୍ରାର ହୋଇଥିଲେ ଜନକ।

ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ, ବାଙ୍ଗାଲୋରରେ କିଛି ବର୍ଷ କାର୍ଯ୍ୟ କଳାପରେ ସେ ଭାରତୀୟ ବୈଷୟିକ ଶିକ୍ଷାନୁଷ୍ଠାନ, ଖଡ଼ଗପୁରରେ ରସାୟନ ବିଭାଗର ଜଣେ ସ୍ଥାୟୀ ପ୍ରାଧ୍ୟାପକ ରୂପେ କରିଥିଲେ ଯୋଗଦାନ। ତାଙ୍କର ଶିକ୍ଷାଦାନ ପଦ୍ଧତି ଓ ଅଗାଧ ପାଣ୍ଡିତ୍ୟ ପାଇଁ ଉକ୍ତ ଅନୁଷ୍ଠାନର ସମସ୍ତ କର୍ମଚାରୀ, ସହକର୍ମୀ, ଛାତ୍ର-ଛାତ୍ରୀ, ପରିଚାଳନା ପରିଷଦ ସଦସ୍ୟ ଓ ସାଧାରଣ ଜନତାଙ୍କର ତାଙ୍କ ପ୍ରତିଥିଲା ଅମାପ ସ୍ନେହ ଶ୍ରଦ୍ଧା ଓ ସମ୍ମାନ। ୧୯୭୬ମସିହାରେ ସେ ପୁନଶ୍ଚ ଭାରତୀୟ ବିଜ୍ଞାନ ଅନୁଷ୍ଠାନ, ବାଙ୍ଗାଲୋରକୁ ଫେରିଆସି ଏହି ଯଶସ୍ୱୀ ଅନୁଷ୍ଠାନରେ ରସାୟନ ବିଜ୍ଞାନର ବିକାଶ ନିମିତ୍ତ ରାସାୟନର ଗଠନ ଓ କଠିନାବସ୍ଥା ସମ୍ବନ୍ଧରେ ଛାତ୍ର-ଛାତ୍ରୀମାନ ଅଧିକ ଜାଣିବାପାଇଁ ଏହି ବିଷୟରେ ଏକ ସ୍ୱତନ୍ତ୍ର ବିଭାଗ କରିଥିଲେ ପ୍ରତିଷ୍ଠା। ୧୯୮୪ରୁ ୧୯୯୪ମସିହା ପର୍ଯ୍ୟନ୍ତ ସେ ଏହି ଅନୁଷ୍ଠାନର ନିର୍ଦ୍ଦେଶକ ପଦ ଅଳଙ୍କୃତ କରି ନିଜର ଅକ୍ଳାନ୍ତ ଶ୍ରମ, ଆନ୍ତରିକ ଉଦ୍ୟମ ଓ ପ୍ରଶାସିନକ ଦକ୍ଷତା ଦ୍ୱାରା ଉକ୍ତ ଅନୁଷ୍ଠାନକୁ ଏକ ସୁଗନ୍ଧିତ ଜ୍ଞାନୋଦ୍ୟାନରେ ପରିଣତ କରାଇ ବିଶ୍ୱ ଦରବାରରେ ଭାରତର ଗୌରବ କରାଇଥିଲେ ବିକଶିତ।


Chintamani Nagesa Ramachandra Rao, Indian Chemist

ଭାରତୀୟ ବିଜ୍ଞାନ ଅନୁଷ୍ଠାନ, ବାଙ୍ଗାଲୋରର ନିର୍ଦ୍ଦେଶକ ଥିବା ସମୟରେ ସେ ବିଦେଶ ରାଷ୍ଟ୍ରର ପରଡ଼ିୟୁ, ଅକ୍ସଫୋର୍ଡ଼, କେମ୍ବ୍ରିଜ, କାଲିଫର୍ଣ୍ଣିଆ ଇତ୍ୟାଦି ସୁନମଧନ୍ୟ ବିଶ୍ୱବିଦ୍ୟାଳୟମାନଙ୍କର ପରିଦର୍ଶନ ପ୍ରାଧ୍ୟାପକ ରହି ନିଜର ବାଗ୍ମୀତା, ପାଣ୍ଡିତ୍ୟ ଓ ଶିକ୍ଷାଦାନ ପଦ୍ଧତି ଦ୍ୱାରା ସମଗ୍ର ବିଶ୍ୱରେ ଭାରତର ମର୍ଯ୍ୟାଦା ବୃଦ୍ଧି କରାଇବାରେ ହୋଇଥିଲେ ସକ୍ଷମ। ବର୍ତ୍ତମାନ ସେ ଆମ ରାଷ୍ଟ୍ରର ଜାତୀୟ ଗବେଷଣା କେନ୍ଦ୍ରର ପ୍ରାଧ୍ୟାପକ ଦାୟିତ୍ୱରେ ରହି ନିଜର ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳଦ୍ୱାରା ବିଜ୍ଞାନ କ୍ଷେତ୍ରରେ ଭାରତର ଗବେଷଣାକୁ କରାଇଛନ୍ତି ଅଧିକ କାର୍ଯ୍ୟକ୍ଷମ ଓ ଗତିଶୀଳ। ଏଥିସହ ସେ ମଧ୍ୟ ଜବାହାରଲାଲ ନେହେରୁ ଉଚ୍ଚସ୍ତରୀୟ ବିଜ୍ଞାନ ଗବେଷଣା କେନ୍ଦ୍ର, ବାଙ୍ଗାଲୋରର ଅବୈତନିକ ସଭାପତି ଦାୟିତ୍ୱ ବହନ କରି ଉକ୍ତ ଅନୁଷ୍ଠାନର ସାମଗ୍ରିକ ଭାବରେ ବହୁ ଉନ୍ନତି କରିବାରେ ହୋଇଛନ୍ତି ସମର୍ଥ। ୨୦୦୫ ମସିହାରୁ ସେ ଭାରତର ପ୍ରଧାନମନ୍ତ୍ରୀଙ୍କ ବିଜ୍ଞାନ ପରାମର୍ଶଦାତା ପରିଷଦର ମୁଖ୍ୟ ପଦବୀରେ ରହି ଦେଶସେବାରେ ନିଜକୁ ସଂପୂର୍ଣ୍ଣ ରୂପେ ନିଷ୍ଠାର ସହିତ କରିଛନ୍ତି ସମର୍ପିତ।

ନୂତନ ସତ୍ୟର ଆବିଷ୍କାର ପାଇଁ ସଦାସର୍ବଦା ବ୍ୟଗ୍ର ରହୁଥିବା ଏହି ମହାନ ବୈଜ୍ଞାନିକ ବସ୍ତୁବିଜ୍ଞାନ ସମ୍ବନ୍ଧୀୟ ଅନ୍ତର୍ଜାତୀୟ କେନ୍ଦ୍ରର ନିର୍ଦ୍ଦେଶକ ଦାୟିତ୍ୱରେ ରହି ସମଗ୍ର ବିଶ୍ୱରେ ବିଜ୍ଞାନର ବିକାଶ ପାଇଁ ନିଷ୍ଠାର ସହିତ କାର୍ଯ୍ୟକରି ଜଣେ ଯଶସ୍ୱୀ ଗୁଣବାନ ଅଧ୍ୟାପକ ଓ ଦକ୍ଷ ପ୍ରଶାସକ ରୂପେ ନିଜ ପାଇଁ ସୃଷ୍ଟି କରିଛନ୍ତି ଏକ ସ୍ୱତନ୍ତ୍ର ପରିଚୟ। ଜଣେ ବୈଜ୍ଞାନିକ ଭାବେ ଏହି ଯୋଗଜନ୍ମା ପୁରୁଷଙ୍କର ବିଜ୍ଞାନ ଜଗତକୁ ଦେଇଥିବା ଅତୁଳନୀୟ ଦାନ ପାଇଁ ସମଗ୍ର ବିଶ୍ୱର ଷାଠିଏ ଗୋଟି ବିଶ୍ୱ ବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧିରେ କରିଛନ୍ତି ବିଭୂଷିତ। ଇଂଲଣ୍ଡର ଫାରାଡ଼େ ସମିତି ଦ୍ୱାରା ୧୯୬୭ ମସିହାରେ ମାର୍ଲୋ। ପଦକ, ୧୯୬୯ ମସିହାରେ ଶାନ୍ତି ସ୍ୱରୂପ ଭଟ୍ଟନାଗର ପୁରସ୍କାର, ୧୯୭୪ରେ ଭାରତ ସରକାରଙ୍କ ପଦ୍ମ ପୁରସ୍କାର, ୧୯୭୫ ମସିହାରେ ଚନ୍ଦ୍ରଶେଖର ଭେଙ୍କଟରମଣ ପୁରସ୍କାର, ୧୯୮୦ମସିହାରେ ବିଜ୍ଞାନ ପାଇଁ ସତ୍ୟେନ୍ଦ୍ର ନାଥ ବୋଷ ପୁରସ୍କାର, ୧୯୮୧ରେ ଇଂଲଣ୍ଡର ରୟାଲ ସୋସାଇଟି ପୁରସ୍କାର, ୧୯୮୫ରେ ଭାରତ ସରକାରଙ୍କ ପଦ୍ମ ବିଭୂଷଣ, ୨୦୦୪ରେ ଭାରତର ବିଜ୍ଞାନ ପଦକ, ୨୦୦୫ରେ ଡ୍ୟାନ ଡେଭିଡ୍ ପୁରସ୍କାର, ଲିଜିଅନ ଅଫ ଅନର ଏବଂ ଅର୍ଡର ଅଫ ଦ ରାଇଜିଂ ସନ୍, ୨୦୦୮ରେ ଆବ୍ଦୁସ ସଲାମ ପୁରସ୍କାର ଓ ୨୦୧୨ରେ ନ୍ୟାସନାଲ ଅର୍ଡର ଅଫ୍ ସାଇଣ୍ଟିଫିକ୍ ମେରିଟ୍ ପୁରସ୍କାର ଇତ୍ୟାଦି ଅନେକ ପୁରସ୍କାର ଓ ସମ୍ମାନରେ ସେ ହୋଇଛନ୍ତି ସମ୍ବର୍ଦ୍ଧିତ।

ଏହି ଅବିଶ୍ରାନ୍ତ ଗବେଷକ ୧୫୦୦ ଗବେଷଣା ନିବନ୍ଧ ରଚନା କରି ଯେଉଁ ନୂତନ ତଥ୍ୟମାନ ବିଜ୍ଞାନ କ୍ଷେତ୍ରକୁ ପ୍ରଦାନ କରିଛନ୍ତି ତାହା ବହୁ ବୈଜ୍ଞାନିକ ଓ ବିଜ୍ଞାନ ଛାତ୍ର-ଛାତ୍ରୀଙ୍କ ଜ୍ଞାନଚକ୍ଷୁକୁ କରାଇଛି ଉନ୍ମୁଖ। ତାଙ୍କ ଦ୍ୱାରା ରଚିତ ୪୫ଖଣ୍ଡ ବିଜ୍ଞାନ ପୁସ୍ତକ ବିଶ୍ୱ ବିଜ୍ଞାନ ଜଗତକୁ ଗୋଟିଏ ଗୋଟିଏ ଅମୂଲ୍ୟ ଦାନ। ସେ ମଧ୍ୟ ଆମେରିକା, କାନାଡ଼ା, ଫ୍ରାନ୍ସ, ଜାପାନ, ଚେକୋସ୍ଲୋଭିଆ, ସର୍ବିଆ, ବ୍ରାଜିଲ, ସ୍ୱେନ୍, ଆଫ୍ରିକା, କୋରିଆ, ୟୁରୋପ ଇତ୍ୟାଦି ଅନେକ ବିଦେଶ ରାଷ୍ଟ୍ର ଦ୍ୱାରା ବହୁ ପ୍ରକାର ସମ୍ମାନ, ଉପାଧି ଓ ପଦକ ଦ୍ୱାରା ସମ୍ମାନିତ ହୋଇ ନିଜର ବ୍ୟକ୍ତିତ୍ୱ ଓ ଗୌରବ ବୃଦ୍ଧି କରିବା ସହିତ ସମଗ୍ର ବିଶ୍ୱ ଦରବାରରେ ଭାରତର ମହିମାକୁ କରାଇଛନ୍ତି ବ୍ୟାପ୍ତ। ୧୯୮୧ମସିହାରେ ସେ ବିଶ୍ୱ ସାଂସ୍କୃତିକ ପରିଷଦର ଜଣେ ପ୍ରତିଷ୍ଠାତା ସଦସ୍ୟ ରୂପେ ଉକ୍ତ ଅନୁଷ୍ଠାନର କାର୍ଯ୍ୟପରସିରକୁ ଉତ୍ତମ, ବ୍ୟାପକ ଓ ଗତିଶୀଳ କରାଇବାରେ ନିଭାଇଛନ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା। ରୁଷିଆର ରାଷ୍ଟ୍ରମୁଖ୍ୟ, ଫ୍ରାନ୍ସର ରାଷ୍ଟ୍ର ମୁଖ୍ୟ ଓ ଜାପାନ ସରକାର ଏହି କୀର୍ତ୍ତନୀୟ ବୈଜ୍ଞାନିକଙ୍କର ବିଜ୍ଞାନ ଜଗତକୁ ଥିବା ଅବଦାନରେ ଅଭିଭୂତ ହୋଇ ବହୁ ଉଲ୍ଲାସ ସହିତ ମହୋତ୍ସବ ମାଧ୍ୟମରେ କରିଛନ୍ତି ସମ୍ମାନିତ।

ବିଜ୍ଞାନର ପ୍ରଗତି ଓ ବିକାଶ କାର୍ଯ୍ୟରେ ନିଜକୁ ନିୟୋଜିତ କରି ସମଗ୍ର ବିଶ୍ୱରେ ଭାରତୀୟମାନଙ୍କ ସ୍ୱାଭିମାନର ପ୍ରତୀକ ପାଲଟି ଯାଇଥିବା ଏହି କୃତି ସନ୍ତାନଙ୍କୁ ଆମ ରାଷ୍ଟ୍ର ସରକାର ତା୦୪/୦୨/୨୦୧୪ରିଖରେ "ଭାରତରତ୍ନ" ସମ୍ମାନରେ ଭୂଷିତ କରାଇ ସଠିକ୍ ଭାବରେ ନିଜର ସାମ୍ବିଧାନିକ କର୍ତ୍ତବ୍ୟ କରିଛନ୍ତି ସଂପାଦନ।

**କୈଳାସ ଚନ୍ଦ୍ର ଜେନା,**
**ଆଡ୍‌ଭୋକେଟ୍,ସଭାପତି, ବଡ଼ାମ୍ବା, ଓକିଲ ସଂଘ, ଜି-କଟକ, ଦୂରଭାଷ- ୯୯୩୮୫୪୭୮୫୯, e-Mail ID:- kcj1454@gmail.com**

# ଜନସଂଖ୍ୟା ନିୟନ୍ତ୍ରଣ ନିୟମରେ ତୁରନ୍ତ ପରିବର୍ତ୍ତନ ହେଉ !



ଭୁବନେଶ୍ୱର (ପିଏନ୍): ମୁସଲମାନ ଦମ୍ପତିଙ୍କ ପାଇଁ ଦୁଇ ସନ୍ତାନ ନୀତି ଲାଗୁ କରିବା ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ। ସେ କହିଛନ୍ତି ଦୁଇ ସନ୍ତାନ ନୀତି ସମସ୍ତ ଧର୍ମର ଲୋକଙ୍କ ପାଇଁ ଲାଗୁ ହେବା ଦରକାର। ଭାରତ ଯଦି ଏହି ନୀତି ଲାଗୁ କରିବାରେ ବିଫଳ ହେବ ତେବେ ଝିଅମାନଙ୍କୁ ପରଦା ଆଢୁଆଳରେ ରହିବାକୁ ହେବ। ମନ୍ତ୍ରୀ ଗିରିରାଜ ବିହାର ପଶ୍ଚିମ ଚମ୍ପାରନର ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି ଜଣେ ହିନ୍ଦୁ ଦମ୍ପତିର ଯଦି ଦୁଇଟି ପୁଅ ତେବେ ମୁସଲମାନ ଦମ୍ପତିଙ୍କର ମଧ୍ୟ ଦୁଇଟି ପୁଅ ହେବା ଦରକାର। ଦେଶରେ ହିନ୍ଦୁ ସଂଖ୍ୟା କମିବାରେ ଲାଗିଛି। ବିହାରର ୭ଟି ଜିଲ୍ଲାରେ ହିନ୍ଦୁଙ୍କ ସଂଖ୍ୟା ହ୍ରାସ ପାଇଛି। ଜନସଂଖ୍ୟା ନିୟନ୍ତ୍ରଣ ନିୟମନରେ ପରିବର୍ତ୍ତନ ଅଣାଯିବା ଦରକାର। ଯଦ୍ଦ୍ୱାରା ଆମର ଝିଅମାନେ ସୁରକ୍ଷିତ ରହିପାରିବେ। ନହେଲେ ପାକିସ୍ତାନ ଭଳି ଆମ ଝିଅଙ୍କୁ ଘରେ ଲୁଚାଇ ରଖିବାକୁ ହେବ। ତାଙ୍କ ଯୁକ୍ତିରେ ତର୍କ ଥିବା ମନେ ହୁଏ। ଅବଶ୍ୟ ଜନସଂଖ୍ୟା ନିୟନ୍ତ୍ରଣକୁ ଧର୍ମ ସହ ଯୋଡ଼ିବା ଉଚିତ ନୁହେଁ। ଏହା ସମୟ ଓ ଦେଶର ଆବଶ୍ୟକତା। ସେହି ଦୃଷ୍ଟିରୁ ଦୁଇ ସନ୍ତାନ ନୀତି ଲାଗୁ କରାଯିବା ଉଚିତ। ଏଥିନେଇ ସରକାର ଗମ୍ଭୀରତାର ସହ ଚିନ୍ତା କରନ୍ତୁ। ଅନିୟନ୍ତ୍ରିତ ଜନସଂଖ୍ୟା ବୃଦ୍ଧି ଆମ ଆଗରେ ଏକ ବଡ଼ ସମସ୍ୟା ରୂପେ ଠିଆ ହୋଇଛି। ବର୍ତ୍ତମାନ ଜନସଂଖ୍ୟାର ମୋଟ ପରିମାଣ ପ୍ରାୟ ୭କୋଟି ୪ଲକ୍ଷରୁ ଉର୍ଦ୍ଧ୍ୱ। ଏଥିରୁ ଏସିଆ ମହାଦେଶର ୬୦% ଅର୍ଥାତ୍ ୪୨୯ କୋଟି, ଆଫ୍ରିକା ୧୨% - ୧୧୧ କୋଟି, ୟୁରୋପ ୧୧%-୭୪ କୋଟି, ଉତ୍ତର ଆମେରିକା ୮%-୫୬ କୋଟି, ଦକ୍ଷିଣ ଆମେରିକା ୫.୩% - ୪୦ କୋଟି ଓ ଅଷ୍ଟ୍ରେଲିଆ ୦.୩% ଅର୍ଥାତ୍ ୩ କୋଟି ଜନସଂଖ୍ୟା ବିଶିଷ୍ଟ ଅଟେ। କେବଳ ଚୀନ ଓ ଭାରତର ଲୋକସଂଖ୍ୟା ବିଶ୍ୱ ସମୁଦାୟର ୪୦% ଅଟେ। ଚୀନର ଲୋକସଂଖ୍ୟା ୧୪୦ କୋଟିରୁ ଅଧିକ ହୋଇଥିବାବେଳେ, ଭାରତର ଲୋକସଂଖ୍ୟା ୧୨୫ କୋଟିରେ ପହଞ୍ଚିଛି। ଶତକଡ଼ା ଦୃଷ୍ଟିରୁ ଚୀନର ଜନସଂଖ୍ୟା ୧୯.୫% ଓ ଭାରତର ଜନସଂଖ୍ୟା ବିଶ୍ୱ ଜନସଂଖ୍ୟାର ୧୭.୩୧%ରେ ପହଞ୍ଚିଛି। ୧୮୦୪ ମସିହାରେ ବିଶ୍ୱ ଜନସଂଖ୍ୟା ୧୦୦ କୋଟିଥିବାବେଳେ ୧୯୨୭ରେ ୨୦୦ କୋଟି, ୧୯୬୦ରେ ୩୦୦ କୋଟି, ୧୯୭୪ରେ ୪୦୦ କୋଟି, ୧୯୮୭ରେ ୫୦୦ କୋଟି, ୧୯୯୯ରେ ୬୦୦ କୋଟି, ୨୦୧୧ରେ ୭୦୦ କୋଟିରେ ପହଞ୍ଚିଛି। ଏହି ହାରରେ ବିଶ୍ୱର ଜନସଂଖ୍ୟା ୨୦୨୫ରେ ୮୦୦ କୋଟି, ୨୦୪୦ରେ ୯୦୦ କୋଟି ଓ ୨୦୬୧ରେ ୧୦୦୦ କୋଟି ଅତିକ୍ରମ କରିଯିବ। ୧୭୫୦ରେ ଭାରତର ଲୋକସଂଖ୍ୟା ୧୨ କୋଟି ୫୦ ଲକ୍ଷ ଥିବାବେଳେ, ୧୯୪୧ ବେଳକୁ ୩୮ କୋଟି ୯୦ ଲକ୍ଷରେ ପହଞ୍ଚିଥିଲଶ। ଏକ ବିକାଶଶୀଳ ଦେଶ ଭାବରେ ଏହି କ୍ରବର୍ଦ୍ଧିଷ୍ଣୁ ଲୋକସଂଖ୍ୟା କେବଳ ଭାରତର ଅର୍ଥନୀତି ଉପରେ ବୋଝ ହୋଇନାହିଁ, ଏହି ଦେଶକୁ ସବୁଠୁ ବଡ଼ ଗରିବ ଲୋକଙ୍କ ଦେଶ ଭାବରେ ପରିଚିତ କରିଛି। ଜନ୍ମ ନିୟନ୍ତ୍ରଣ ପାଇଁ ସଚେତନତା ଅବଶ୍ୟ ଜନସଂଖ୍ୟା ବୃଦ୍ଧି ହାରକୁ କମାଇଛି, ମାତ୍ର ଏହା ଯଥେଷ୍ଟ ନୁହେଁ। ୧୯୯୦ରେ ଜନସଂଖ୍ୟା ବୃଦ୍ଧି ହାର ବାର୍ଷିକ ୧୬କୋଟି ୩୦ଲକ୍ଷ ହୋଇଥିବାବେଳେ, ଏବେ ଏହାର ୧୩କୋଟି ୪୦ ଲକ୍ଷରେ ପହଞ୍ଚିଛି। ମୃତ୍ୟୁହାର ଏବେ ବାର୍ଷିକ ୫କୋଟି ୭୦ ଲକ୍ଷରେ ସ୍ଥିର ରହିଛି। ଜନସଂଖ୍ୟା ବୃଦ୍ଧି ପୃଥିବୀ ପାଇଁ ତିନୋଟି ବିରାଟ ଭୟଙ୍କର ସମସ୍ୟା ଠିଆ କରିଛି। ତାହାହେଲା ଅଙ୍ଗାରକାମ୍ଳ ଘନତ୍ୱବୃଦ୍ଧି, ବିଶ୍ୱତାପମାନ ବୃଦ୍ଧି ଏବଂ ଖାଦ୍ୟ, ଜଳ ଓ ଶକ୍ତି ସଙ୍କଟ। ଜଣେ ଲୋକ ହାରାହାରି ଦିନକୁ ୨୦ କିଲୋ ଅଙ୍ଗାରକାମ୍ଳ ଛାଡ଼ିବା ହିସାବରେ ବିଶ୍ୱବାସୀ ପ୍ରତିଦିନ ୯୦ ହଜାର କୋଟି ଟନ୍ ଅଙ୍ଗାରକାମ୍ଳ ବାୟୁମଣ୍ଡଳରେ ଗଚ୍ଛିତ ରଖୁଛନ୍ତି। ୧୯୫୦-୫୧ରେ ଆମ ଦେଶର ଯାନବାହାନ ସଂଖ୍ୟା ଥିଲା ୩ଲକ୍ଷ ୬ ହଜାର। ୨୦୧୦ ସୁଦ୍ଧା ପେଟ୍ରୋଲ, ଡିଜେଲ ଓ ଗ୍ୟାସରେ ଚାଲୁଥିବା ଏସବୁ ଯାନବାହାନ ସଂଖ୍ୟା ୧୦ କୋଟିରେ ପହଞ୍ଚିଛି। ଏମାନେ କେତେ ପରିମାଣରେ ପ୍ରଦୂଷଣ କରୁଛନ୍ତି ତାହା ଅକଳ୍ପନୀୟ। ଏତେ ଲୋକଙ୍କୁ ଶକ୍ତି ଯୋଗାଇବା ପାଇଁ ଅଧିକ ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା ହେଉଛି। ୧୦୦୦ ମେଗାୱାଟ ଶକ୍ତି ଉତ୍ପାଦନ କରୁଥିବା ଗୋଟିଏ ତାପଜ ଶକ୍ତି ପ୍ରକଳ୍ପ ସେକେଣ୍ଡକୁ ୨୭୫ କିଲୋ ଅଙ୍ଗାରକାମ୍ଳ, ୧୪ କିଲୋ ବିପଦଜନକ କଣିକା, ୫ କିଲୋ ସଲଫର ଛାଡ଼ିଥାଏ ବାୟୁମଣ୍ଡଳକୁ। ଏବେ ଚିନ୍ତା କରନ୍ତୁ ପରିସ୍ଥିତି କେଡ଼େ ଭୟାନକ। ବର୍ଦ୍ଧିତ ଜନସଂଖ୍ୟାର ଭୋକ ମେଣ୍ଟେଇବାକୁ ଯେଉଁ ସବୁଜ ବିପ୍ଳବ ହୋଇଥିଲା ସେଥିରେ ୧୯୫୦-୧୯୮୪ ମଧ୍ୟରେ ଶସ୍ୟ ଉତ୍ପାଦନ ଅବଶ୍ୟ ୨୫୦ ଗୁଣ ବୃଦ୍ଧି ପାଇଥିଲା, ମାତ୍ର ଅତ୍ୟଧିକ ରାସାୟନିକ ସାରା, କୀଟନାଶକ ଆଦିର ବ୍ୟବହାର ଜମିକୁ ବନ୍ଧ୍ୟା ଓ ପରିବେଶକୁ ଅତିମାତ୍ରାରେ ବିଷାକ୍ତ କରିଦେଲା। ୨୦୩୦ ବେଳକୁ ବର୍ତ୍ତମାନ ଚାହିଦାର ୫୦% ଅଧିକ ଖାଦ୍ୟ, ବ୍ୟବହାର ଉପଯୋଗୀ ଜଳ ଓ ଶକ୍ତି ଆବଶ୍ୟକ ହେବ ଯାହା ପୂରଣ ହେବା ଅସମ୍ଭବ ବୋଲି ବିଜ୍ଞାନୀମାନେ ଗବେଷଣାଲବ୍ଧ ତଥ୍ୟ ଉପସ୍ଥାପନ କରିଛନ୍ତି। ତେଣୁ ବ୍ରିଟେନ ସରକାର ମୁଖ୍ୟ ବୈଜ୍ଞାନିକ ପରାମର୍ଶଦାତା ମଣ୍ଡଳୀ ୨୦୩୦ ମସିହା ଠାରୁ ସଭ୍ୟତାର ପତନ ପର୍ବ ଆରମ୍ଭ ହେବ ବୋଲି ଭବିଷ୍ୟବାଣୀ କରିଛନ୍ତି। ବାସ୍ତବରେ ଆମ ପୃଥିବୀ ୮୦୦ କୋଟିରୁ ଅଧିକ ଲୋକସଂଖ୍ୟାର ଖାଦ୍ୟ ଓ ଜଳ ଚାହିଦା ମେଣ୍ଟାଇବାକୁ ଅସମର୍ଥ। ତେଣୁ ଅଧିକ ବୋଝ ହେଲେ, ପୃଥିବୀ ମାତ୍ରା ବୋହି ପାରିବ ନାହିଁ ଓ ଧ୍ୱଂସ ଅନିବାର୍ଯ୍ୟ ହୋଇପଡ଼ିବ। ୧୯୮୭ ଜୁଲାଇ ୧୧ ତାରିଖରେ ବିଶ୍ୱ ଜନସଂଖ୍ୟା ଯେତେବେଳେ ୫୦୦ କୋଟି ଛୁଇଁଲା, ସେତେବେଳେ ବିଭିନ୍ନ ଦେଶର ଚିନ୍ତାନାୟକ ଓ ନେତୃବର୍ଗ ଜନସଂଖ୍ୟାର ବିଷୟରେ ସଚେତନ ହେବାକୁ ଏହି ଦିନଟିକୁ ପାଞ୍ଚ ବିଲିଅନ ଦିବସ ଭାବେ ପାଳନ କଲେ। ୧୯୮୯ରେ ଜାତିସଂଘ ଗଭର୍ଣ୍ଣିଂ କାଉନ୍‌ସିଲ ପ୍ରସ୍ତାବ ଗ୍ରହଣ କରି ପ୍ରତିବର୍ଷ ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନସଂଖ୍ୟା ଦିବସ ଭାବେ ପାଳନ କରିଆସୁଛି। ଜନସଂଖ୍ୟା ଦିବସ ପାଳନ ଅବସରରେ ଜନସଂଖ୍ୟା ବୃଦ୍ଧି ଯୋଗୁଁ କିଭଳି ଖାଦ୍ୟ, ସମସ୍ୟା, ପାନୀୟଜଳ, ସ୍ୱାସ୍ଥ୍ୟ ବାସଗୃହ ଓ ଅପରାଧ ସମସ୍ୟା ବୃଦ୍ଧି ପାଇଥାଏ ତାହା ଯେ କୌଣସି ସଚେତନଶୀଳ ବ୍ୟକ୍ତିକୁ ବିଚଳିତ କରିଦେବ। ସ୍ୱାଧୀନତା ହାସଲର ଦୀର୍ଘ ୬୭ବର୍ଷ ଅତିବାହିତ ହୋଇଯାଇଥିଲେ ମଧ୍ୟ ଆମ ଦେଶର ସବୁ ନାଗରିକଙ୍କୁ ବାସଗୃହ ତ ଦୂରର କଥା, ପେଟକୁ ଭଲରୂପେ ମୁଠାଏ ଦାନା ଓ ପିଠିକୁ ଖଣ୍ଡିଏ କନା ଯୋଗାଇ ଦେବା ଏ ପର୍ଯ୍ୟନ୍ତ ସମ୍ଭବପର ହୋଇପାରିନାହିଁ। ଏବେ ବି ଏହା ସ୍ୱପ୍ନହୋଇ ରହିଯାଇଛି। ଜାତିର ଜନକ ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହାରଲାଲ ନେହେରୁ ଓ ବି.ଆର. ଆମ୍ବେଦକରଙ୍କ ଭଳି ମନୀଷୀମାନେ ଏକ ସମୃଦ୍ଧ ଭାରତବର୍ଷ ଗଠନର ଯେଉଁ ପରିକଳ୍ପନା କରିଥିଲେ ତାହା ବର୍ତ୍ତମାନ ସୁଦ୍ଧା ସଠିକ୍ ରୂପାୟନ ହୋଇପାରି ନାହିଁ। ବର୍ତ୍ତମାନର ନେତୃସ୍ଥାନୀୟ ବ୍ୟକ୍ତିମାନେ ସମୃଦ୍ଧ ଭାରତ ଗଠନ ପାଇଁ ଉଦ୍‌ବୋଧନ ଦେଇଥିବାବେଳେ ଓଡ଼ିଶା ସମେତ ଦେଶର ଲକ୍ଷ ଲକ୍ଷ ଦରିଦ୍ର, ବୁଭୁକ୍ଷୁ ଜନତା ଅସହ୍ୟ ଦୁଃଖଯନ୍ତ୍ରଣା ମଧ୍ୟରେ କାଳାତିପାତ କରୁଛନ୍ତି, ପେଟରେ ଓଦାକନା ପକାଇ ଭାଗ୍ୟକୁ ଆଦରି ରହୁଛନ୍ତି। ସେମାନଙ୍କ ଆକଳନ ଆଜିପର୍ଯ୍ୟନ୍ତ ସଠିକ ଭାବେ କରାଯାଇପାରିନଥିବା ବେଳେ ସେମାନଙ୍କ ପାଇଁ ଯେତେ ସବୁ ଯୋଜନା କାର୍ଯ୍ୟକାରୀ ହେଉଛି ତାହା କିପରି ଫଳପ୍ରଦ ହେଉଥିବା ତାହା ବିଚାର କରାଯାଇପାରେ। ଭାରତ ଓ ସମଗ୍ର ବିଶ୍ୱରେ ବୁଭୁକ୍ଷୁଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଅର୍ଥନୀତିଜ୍ଞ ହିସାବରେ ଭାରତରେ ପ୍ରଭାବଶାଳୀ ଆର୍ଥିକ ବିକାଶ ଘଟିଚାଲିଛି। ବାସ୍ତବତା ହେଲା ଏବେ ବି ୨୫ କୋଟିରୁ ଅଧିକ ଲୋକ ଅନାହାର ଓ ଅର୍ଦ୍ଧାହାରରେ ରହିବାକୁ ବାଧ୍ୟ ହେଉଛନ୍ତି ଓ ୫ବର୍ଷରୁ କମ୍ ବୟସର ୪୭ ପ୍ରତିଶତ ଶିଶୁ ପୁଷ୍ଟିହୀନତା ଭୋଗୁଛନ୍ତି। ଏହି ସ୍ଥିତି ୨୫ଟି ଆଫ୍ରିକୀୟ ଦେଶ ଠାରୁ ମଧ୍ୟ ଖରାପ। ଇଣ୍ଟରନ୍ୟାସନାଲ ଫୁଡ୍ ପଲିସି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ତଥ୍ୟ ଅନୁସାରେ ବିଶ୍ୱର ଅନାହାରପୀଡ଼ିତ ୮୮ଟି ଦେଶ ମଧ୍ୟରେ ଭାରତର ସ୍ଥାନ ୬୬। ତେଣୁ ଜନସଂଖ୍ୟା ବୃଦ୍ଧିର ଗମ୍ଭୀର ପରିଣାମ ଏବେ ଆମକୁ ଭୋଗିବାକୁ ପଡୁଛି। ଜନସଂଖ୍ୟା ବୃଦ୍ଧି ଯୋଗୁଁ ବସୁଧା ଉପରେ ଚାପ ବୃଦ୍ଧି ପାଉଛି। ପରିବେଶର ତାପମାତ୍ରା ବୃଦ୍ଧି ପାଉଥିବାବେଳେ ଖୋଲା ସ୍ଥାନ ତଥା ବାସଗୃହ ପାନୀୟ ଜଳ ଓ ଖାଦ୍ୟ ସମସ୍ୟା ଉତ୍କଟ ହେଉଛି। ଏହାର ଏକମାତ୍ର ସମାଧାନର ପନ୍ଥା ହେଉଛି ଜନସଂଖ୍ୟା ନିୟନ୍ତ୍ରଣ। ତେଣୁ ଦେଶର ମଙ୍ଗଳ ପାଇଁ ସରକାର ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଅବିଳମ୍ବେ ଶକ୍ତ ଆଇନ ଆଣିବା ଉଚିତ।

**(ସୌଜନ୍ୟ: ଡାକ୍ତର ନୀଳମାଧବ ପୃଷ୍ଟି, ପାଣିକୋଇଲି, ଯାଜପୁର, ଦୂରଭାଷ: ୯୪୩୯୪୮୨୫୨୬)**

# ମିଳିତ ଜାତିସଂଘର କଥା



ପ୍ରତ୍ୟେକ ସଦସ୍ୟ ଦେଶରେ ଜାତିସଂଘର କାର୍ଯ୍ୟାଳୟ ରହିଛି। ତେବେ ଏହାର ହେଡ୍‌କ୍ୱାର୍ଟର ଅଛି ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କ ଠାରେ। ଏହା ବ୍ୟତୀତ ଅନ୍ୟ ମୁଖ୍ୟ କାର୍ଯ୍ୟାଳୟ ଅଛି ଜେନେଭା, ନାଇରୋବି ଓ ଭିଏନାରେ। ଜାତିସଂଘ ଓ ଏହାର ବିଶେଷ ଏଜେନ୍ସୀଗୁଡ଼ିକ ବିଶ୍ୱବ୍ୟାପୀ ନିଜ ଅଭିଯାନ ଚାଲୁ ରଖିଛନ୍ତି। ଜାତିସଂଘର ଛଅଟି ମୁଖ୍ୟ ଅଙ୍ଗ ଅଛି। ସାଧାରଣ ପରିଷଦ, ନିରାପତ୍ତା ପରିଷଦ, ଅର୍ଥନୈତିକ ଓ ସାମାଜିକ ପରିଷଦ, ସଚିବାଳୟ, ଆନ୍ତର୍ଜାତୀୟ ବିଚାରାଳୟ, ଜାତସଂଘ ସଦସ୍ୟତା ପରିଷ। ଜାତିସଂଘ ସଦସ୍ୟତାର ପରିଷଦର ଶେଷ ପରାଧୀନ ରାଷ୍ଟ୍ର ପଲାଉର ସ୍ୱାଧୀନତା ପରେ ଏହି ପରିଷଦ ୧୯୯୪ ମସିହାରୁ କାର୍ଯ୍ୟ କରିବା ବନ୍ଦ କରିଛି। ଏହା ବ୍ୟତୀତ ଜାତିସଂଘର ଆଉ କିଛି ଶାଖା ଅନୁଷ୍ଠାନ ଅଛି। ଯେଉଁଗୁଡ଼ିକ ସାହାଯ୍ୟରେ ଏହା ନିଜର ଲକ୍ଷ୍ୟ ପୂରଣ ଦିଗରେ ଅଗ୍ରସର ହେଉଛି। ଏହି ମୁଖ୍ୟ ଅନୁଷ୍ଠାନଗୁଡ଼ିକ ହେଉଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ମିଳିତ ଜାତିସଂଘ ଶିଶୁ ପାଣ୍ଠି। ଜାତିସଂଘର ମୁଖ୍ୟ ହେଉଛନ୍ତି ଏହାର ସେକ୍ରେଟାରୀ ଜେନେରାଲ।

ଜାତିସଂଘ ଗଠନ ହେବା ପୂର୍ବରୁ ବିଭିନ୍ନ ଅନ୍ତରାଷ୍ଟ୍ରୀୟ ଅନୁଷ୍ଠାନ ଓ ସମ୍ମିଳନୀ ଦେଶ ଦେଶ ମଧ୍ୟରେ ଥିବା ସଂଘର୍ଷ ଦୂର କରିବା ପାଇଁ ଉଦ୍ୟମ କରି ଆସୁଥିଲେ। ସେଗୁଡ଼ିକ ମଧ୍ୟରେ ରହିଛି ଅନ୍ତରାଷ୍ଟ୍ରୀୟ ରେଡ୍‌କ୍ରସ, ୧୮୯୯ ଓ ୧୯୦୭ର ହେଗ୍ ସମ୍ମିଳନୀ। ପ୍ରଥମ ବିଶ୍ୱଯୁଦ୍ଧରେ ବିଶାଳ ଧନଜୀବନ ନଷ୍ଟ ଦେଖି ପ୍ୟାରିସ୍ ଶାନ୍ତି ସମ୍ମିଳନୀ ଦେଶ ଦେଶ ମଧ୍ୟରେ ବନ୍ଧୁତା ରକ୍ଷା ପାଇଁ ଲିଗ୍ ଅଫ ନେସନ୍ ଗଠନ କରିଥିଲା। ଏହି ଅନୁଷ୍ଠାନ କେତେକ ଅନ୍ତର୍ଜାତୀୟ ସୀମା ନିର୍ଦ୍ଧାରଣ ସହ ଡାକ, ବାୟୁ ପରିବହନ ଓ ଅଫିମ ନିୟନ୍ତ୍ରଣ ପାଇଁ ଆନ୍ତର୍ଜାତୀୟ ନୀତିନିୟମ ସୃଷ୍ଟି କରିବାରେ ସଫଳ ହୋଇଥିଲା। ପରେ ଏହି କାର୍ଯ୍ୟକ୍ରମଗୁଡ଼ିକ ଜାତିସଂଘ ଗ୍ରହଣ କରିନେଇଥିଲା। ତେବେ ଲିଗ୍ ଅଫ୍ ନେସନ୍‌ରେ କୌଣସି ଉପନିବେଶ ରାଷ୍ଟ୍ରଗୁଡ଼ିକର ସଦସ୍ୟତା ନଥିଲା। କେବଳ ଆମେରିକା, ସୋଭିଏତ୍ ସଂଘ, ଜର୍ମାନୀ, ଜାପାନ ପରି ଶକ୍ତିଶାଳୀ ଦେଶଗୁଡ଼ିକ ଏହାର ସଦସ୍ୟ ଥିଲେ। ଏହା ୧୯୩୧ ମଞ୍ଚୁରିଆ ଉପରେ ଜାପାନର ଆକ୍ରମଣ, ୧୯୩୫ର ଦ୍ୱିତୀୟ ଇଟାଲୀଇଥିଓପିଆ ଯୁଦ୍ଧ, ୧୯୩୭ରେ ଜାପାନର ଚୀନ ଉପରେ ଆକ୍ରମଣ ଓ ଆଡୋଲ୍ଫ ହିଟଲରଙ୍କ ନେତୃତ୍ୱରେ ଜର୍ମାନୀ ସାମ୍ରାଜ୍ୟର ନିରଙ୍କୁଶତା ଉପରେ କଟକଣା ଲଗାଇପାରିନଥିଲା। ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଓ ପରମାଣୁ ବୋମାର ଆବିଷ୍କାର ପରେ ସାରା ବିଶ୍ୱ ଏକମତ ହେଲା ଯେ ପୃଥିବୀ ତୃତୀୟ ବିଶ୍ୱଯୁଦ୍ଧକୁ ସହ୍ୟ କରିପାରିବ ନାହିଁ। ତେଣୁ ଲିଗ୍ ଅଫ୍ ନେସନରେ ଥିବା ତ୍ରୁଟି ବିଚ୍ୟୁତିକୁ ସୁଧାରିବା ପାଇଁ ୧୯୪୫ରେ ମିଳିତ ଜାତିସଂଘ ଗଠିତ ହେଲା। ୧୯୩୯ ମସିହାରେ ଆମେରିକୀୟ ଷ୍ଟେଟ ଡିପାର୍ଟମେଣ୍ଟରେ ଏହି ନୂତନ ବୈଶ୍ୱିକ ଅନୁଷ୍ଠାନର ମଜବୁତ୍ ଚେହେରାର ରୂପରେଖ ପ୍ରସ୍ତୁତ ହୋଇଥିଲା। ତତ୍କାଳୀନ ଆମେରିକୀୟ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ଡ.ରୁଜଭେଲ୍ଟ ମିଳିତ ସଦସ୍ୟ ଦେଶମାନଙ୍କ ନିମନ୍ତେ 'ୟୁନାଇଟେଡ୍ ନେସନ୍' ଶବ୍ଦ ସୃଷ୍ଟି କରିଥିଲେ। ଏହି ଶବ୍ଦ ପ୍ରଥମଥର ପାଇଁ ୧୯୪୨ ଜାନୁଆରୀ ୧ ତାରିଖରେ ବ୍ୟବହୃତ ହେଲା। ୨୬ଟି ଦେଶର ସରକାର ଯୁଦ୍ଧ ବନ୍ଦ ପାଇଁ ଆଟଲାଣ୍ଟିକ୍ ଚାର୍ଟରେ ସ୍ୱାକ୍ଷର କରିବା ସମୟରେ ଏହି ଶବ୍ଦ ବ୍ୟବହୃତ ହୋଇଥିଲା ରାଜିନାମାରେ। ୧୯୪୫ ଏପ୍ରିଲ ୨୫ ତାରିଖରେ ସାନ୍‌ଫ୍ରାନ୍‌ସିସ୍କୋଠାରେ ଜାତିସଂଘ ସମ୍ମିଳନୀ ଆରମ୍ଭ ହୋଇଥିଲା। ଏଥିରେ ୫୦ ସଦସ୍ୟ ଦେଶ ଓ ଏକାଧିକ ବେସରକାରୀ ଅନୁଷ୍ଠାନ ଯୋଗ ଦେଇ ଜାତିସଂଘର ଢ଼ାଞ୍ଚା ପ୍ରସ୍ତୁତ କରିଥିଲେ। ଜାତିସଂଘର ଜନ୍ମ ହେଲା ୧୯୪୫ ଅକ୍ଟୋବର ୨୪ ତାରିଖରେ। ସେତେବେଳେ ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ରାଷ୍ଟ୍ର-ଫ୍ରାନ୍ସ, ଚୀନ, ସୋଭିଏତ୍ ସଂଘ, ବ୍ରିଟେନ ଓ ଯୁକ୍ତରାଷ୍ଟ୍ର ବ୍ୟତୀତ ୪୬ଟି ଦେଶର ସଦସ୍ୟ ଥିଲେ ଏହି ସଂଘର। ୧୯୪୦ ମସିହା ଜାନୁଆରୀ ୬ ତାରିଖରେ ଲଣ୍ଡନର ୱେଷ୍ଟମିନିଷ୍ଟର ମେଥୋଡିଷ୍ଟ ସେଣ୍ଟ୍ରାଲ ହଲ୍‌ରେ ଜାତିସଂଘ ସାଧାରଣ ପରିଷଦର ଓ ନିରାପତ୍ତା ପରିଷଦର ପ୍ରଥମ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଯୁକ୍ତରାଷ୍ଟ୍ରର ନ୍ୟୁୟର୍କରେ ସଂଘର ମୁଖ୍ୟ କାର୍ଯ୍ୟାଳୟ ସ୍ଥାପନ ପାଇଁ ଏହି ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଥିଲା। ୧୯୫୨ରେ ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟ ସଂପୂର୍ଣ୍ଣ ହେଲା। ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟ ପରି ଜେନେଭା, ଭିଏନା ଏବଂ ନାଇରୋବି ଥିବା ଜାତିସଂଘ ମୁଖ୍ୟାଳୟଗୁଡ଼ିକ ମଧ୍ୟ ଅନ୍ତଃରାଷ୍ଟ୍ରୀୟ ଅଞ୍ଚଳର ମାନ୍ୟତା ପାଇଛି। ଜାତିସଂଘର ୫ଟି ମୁଖ୍ୟ ଅଙ୍ଗ ମଧ୍ୟରୁ ୪ଟିର ରହିଛି ନ୍ୟୁୟର୍କରେ। ତେବେ ଅନ୍ତଃରାଷ୍ଟ୍ରୀୟ ବିଚାରାଳୟ ରହିଛି ହେଗ୍‌ରେ। ଜାତିସଂଘର ଅନ୍ୟ ମୁଖ୍ୟ ସହଯୋଗୀ ଅନୁଷ୍ଠାନଗୁଡ଼ିକର ଅଫିସ ଜେନେଭା, ଭିଏନା ଓ ନାଇରୋବିରେ ଅଛି। ବିଭିନ୍ନ ଦେଶ ମଧ୍ୟରେ ଶାନ୍ତି ଓ ନିରାପତ୍ତା ରକ୍ଷା କରିବାର ଦାୟିତ୍ୱ ନିରାପତ୍ତା ପରିଷଦର। ଜାତିସଂଘର ଅନ୍ୟ ଅଙ୍ଗଗୁଡ଼ିକ ଏହାର ସଦସ୍ୟ ରାଷ୍ଟ୍ରମାନଙ୍କୁ କେବଳ ପ୍ରସ୍ତାବ ଦେଇପାରିବେ। କିନ୍ତୁ ନିରାପତ୍ତା ପରିଷଦ ସଦସ୍ୟ ରାଷ୍ଟ୍ରର ସରକାରଙ୍କୁ ନିଜର ନିଷ୍ପତ୍ତି ପାଳନ ପାଇଁ ବାଧ କରିପାରିବ। ଜାତିସଂଘର ସମ୍ବିଧାନର ଧାରା ୨୫ରେ ଏ ସଂପର୍କରେ ଉଲ୍ଲେଖ ରହିଛି। ନିରାପତ୍ତା ପରିଷଦର ନିଷ୍ପତ୍ତିକୁ ଜାତିସଂଘ ନିରାପତ୍ତା ପରିଷଦ ପ୍ରସ୍ତାବ ବୋଲି କୁହାଯାଏ। ଏହି ପରିଷଦର ୧୫ଜଣ ସଦସ୍ୟ। ଏମାନଙ୍କ ମଧ୍ୟରେ ୫ଜଣ ସ୍ଥାୟୀ ସଦସ୍ୟ, ଯଥା - ଚୀନ, ଫ୍ରାନ୍ସ, ଋଷିଆ, ଯୁକ୍ତରାଜ୍ୟ ଏବଂ ଯୁକ୍ତରାଷ୍ଟ୍ର। ଅନ୍ୟ ୧୦ଜଣ ଅସ୍ଥାୟୀ ସଦସ୍ୟ। ବର୍ତ୍ତମାନ ନିରାପତ୍ତା ପରିଷଦର ଅସ୍ଥାୟୀ ସଦସ୍ୟମାନେ ହେଉଛନ୍ତି - ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ଆଜାରବୈଜାନ, ଗୁଏଟ୍‌ମାଲା, ଲଗ୍‌ଜମ୍‌ବର୍ଗ, ମୋରକ, ପାକିସ୍ତାନ, ରିପବ୍ଲିକ ଅଫ୍ କୋରିଆ, ରୁଆଣ୍ଡା ଏବଂ ଟୋଗୋ। ପ୍ରତ୍ୟେକ ଅସ୍ଥାୟୀ ଆସନର ସମୟସୀମା ୨ବର୍ଷ। ପ୍ରତ୍ୟେକ ମାସରେ ନିରାପତ୍ତା ପରିଷଦର ଅଧ୍ୟକ୍ଷତା ଅକ୍ଷର କ୍ରମରେ ବଦଳେ। ଜାତିସଂଘ ସଦସ୍ୟତା : ୨୦୧୧ ମସିହା ଜୁଲାଇ ୧୪ ତାରିଖରେ ଶେଷ ରାଷ୍ଟ୍ର ଭାବରେ ଦକ୍ଷିଣ ସୁଦାନ ଜାତିସଂଘର ସଦସ୍ୟତା ଗ୍ରହଣ କଲା। ବର୍ତ୍ତମାନ ୧୯୩ଜଣ ସଦସ୍ୟ ଅଛନ୍ତି ଜାତିସଂଘର। ଏ ମଧ୍ୟରେ ସ୍ୱତନ୍ତ୍ର ଦୋ ଭାବରେ ସ୍ଥାନ ପାଇଛି ରୋମାନ୍ କ୍ୟାଥିଲିକ୍ ଧର୍ମାବଲମ୍ବୀଙ୍କ ସର୍ବୋଚ୍ଚ ଧର୍ମପୀଠର ମାନ୍ୟତା ପାଇଥିବା ଭଟିକାନ୍‌ସିଟି ବା ହୋଲିସି। ଜାତିସଂଘ ସମ୍ବିଧାନ ଅନୁଯାୟୀ ଜାତିସଂଘର ସଦସ୍ୟତା ଦ୍ୱାର ପ୍ରତ୍ୟେକ ଶାନ୍ତିପ୍ରିୟ ଦେଶମାନଙ୍କ ପାଇଁ ଉନ୍ମୁକ୍ତ। ଜାତିସଂଘ ସମ୍ବିଧାନକୁ ସ୍ୱାଭାବିକ ଭାବରେ ଗ୍ରହଣ କରିବା ନିମନ୍ତେ ସେମାନେ ପ୍ରସ୍ତୁତ ଥିବା ଆବଶ୍ୟକ। ତେବେ ନିରାପତ୍ତା ପରିଷଦର ଅନୁମୋଦନକ୍ରମେ ଏବଂ ସାଧାରଣ ପରିଷଦର ନିଷ୍ପତ୍ତିକ୍ରମେ ଜାତିସଂଘର ସଦସ୍ୟ ଭାବରେ ନୂଆ ରାଷ୍ଟ୍ରକୁ ଗ୍ରହଣ କରାଯାଏ।

**ନାରାୟଣ ଚନ୍ଦ୍ର ବିଶ୍ୱାଳ,** କଟିକଟା, ମଙ୍ଗଳପୁର, ଯାଜପୁର, ଦୂରଭାଷ : ୯୪୩୮୨୭୬୭୬୦

# ସଂସ୍କୃତି ଓ ପରମ୍ପରା ଭାଇଚାରା ସୃଷ୍ଟି କରିଥାଏ

ବାଲିଚନ୍ଦ୍ରପୁର (ପିଏନ୍): ବାଲିଚନ୍ଦ୍ରପୁରର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଏକ ନିଆରା ପରମ୍ପରା ସୃଷ୍ଟି କରିଛି। ଦୀର୍ଘ ୬୦ ବର୍ଷ ତଳେ ଆରମ୍ଭ ହୋଇଥିବା ଏହି ପୂଜା ଆଜି ବାଲିଚନ୍ଦ୍ରପୁରର ଘରେ ଘରେ ମା'ଙ୍କ ମେଢ ପୂଜା ହେବା ସହିତ ଆଲୋକମାଳାରେ ବଜାର ଝଲସୁଛି। ଏହି ପୂଜା ଏଠାରେ ଭାଇଚାରାର ପରମ୍ପରା ସୃଷ୍ଟି କରିବା ସହିତ ସଂସ୍କୃତିସମ୍ପନ୍ନ ଅଂଚଳ ଭାବେ ପ୍ରତିଷ୍ଠା ଲାଭ କରିଛି। ଏହି ମାଟିରେ ବହୁ ସାହିତ୍ୟକ, ସାଧୁ ସନ୍ଥ, ଜନ୍ମ ନେଇଥିଲା ବେଳେ ପ୍ରସିଦ୍ଧ ବୌଦ୍ଧ କୀର୍ତ୍ତିରାଜୀ ବିଶ୍ୱ ଦରବାରରେ ଆମକୁ ପରିଚୟ ସୃଷ୍ଟି କରିଛି। ଏଠାର ସଂସ୍କୃତି ଓ ପରମ୍ପରା ଜାତି ଭେଦ ଦୂର କରି ସମସ୍ତଙ୍କୁ ଭାଇଚାରର ବନ୍ଧନରେ ବାନ୍ଧି ପାରିଛି ବୋଲି ବାଲିଚନ୍ଦ୍ରପୁର ସ୍ଥିତ ଶ୍ୟାମ ସୁନ୍ଦର ବଜାର କମିଟିର ୩୧ତମ ବାଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଡ଼ଚଣା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ପ୍ରକାଶ କରିଥିଲେ। ଶ୍ୟାମସୁନ୍ଦର ବଜାର କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୩୧ତମ ବାର୍ଷିକ ଉତ୍ସବ ବଜାର ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବଳେ ସମ୍ମାନୀତ ଅତିଥି ଭାବେ ବାଲିଚନ୍ଦ୍ରପୁର ସରପଂଚ ଫନିନ୍ଦ୍ରନାଥ ପଣ୍ଡା, ସମିତି ସଭ୍ୟ ଅମୀୟ କୁମାର ବିଶ୍ୱାଳ ଓ ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ସାରଦା ପ୍ରସନ୍ନ ମହାନ୍ତି ଯୋଗ ଦେଇଥିଲେ। ମାହାଙ୍ଗା ବଡ଼ଚଣା ସାହିତ୍ୟ ସଂସ୍କୃତି ପରିଷଦର ସଭାପତି ଭକ୍ତ ଚରଣ ସାହୁ ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ବଜାର କମିଟିର ସାଧାରଣ ସମ୍ପାଦକ ତଥା ସାମ୍ବାଦିକ ପ୍ରଭାସ ଚନ୍ଦ୍ର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏକାଦଶୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବଜାରର ବୟୋଜ୍ୟୋଷ୍ଠ ବ୍ୟବସାୟୀ ସୁରେନ୍ଦ୍ର କୁମାର ବାନା, ଗୋପାଳ ଚନ୍ଦ୍ର ସାହୁ, ଦୁର୍ଲ୍ଲଭ ଚରଣ ନାୟକ, ଲକ୍ଷ୍ମୀଧର ପରମାଣିକ, ନକୁଳ ଚରଣ ଜେନା, ଧରଣୀଧର ସେଠୀ, ହାଡ଼ିବନ୍ଧୁ ସାହୁ, କ୍ଷୀରୋଦ କୁମାର ସାହୁ, ଦୁଃଶାସନ ସାହୁ, ରବିନ୍ଦ୍ର କୁମାର ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଜାର କମିଟି ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପୂର୍ବତନ ସଭାପତି ସ୍ୱର୍ଗତଃ ହରିହର ସାହୁଙ୍କୁ ମରଣୋତ୍ତର ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ହାପି କ୍ଲବ୍ ତରଫରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




## ମହା ସଂସ୍କୃତି ଜାଗରଣ ଯାତ୍ରା ଉଦଯାପିତ

# ଶ୍ରୀଜଗନ୍ନାଥ ସଂସ୍କୃତିକୁ ବ୍ୟାପକ କରାଯାଉ : ସାଂସଦ

ଭଦ୍ରକ,(ପିଏନ)- ଭଦ୍ରକ କାଳୀପୂଜାରେ ଚରମ୍ପା ରେଳ ଷ୍ଟେଶନ ନିକଟରେ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଆୟୋଜିତ 'ମହା ସଂସ୍କୃତି ଜାଗରଣ ଯାତ୍ରା' ଉଦଯାପିତ ହୋଇଯାଇଛି। ଉଦଯାପନୀ ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ ଯୋଗ ଦେଇ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବ୍ୟାପକ ଓ ବିସ୍ତୃତ କରାଯାଉ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ ଶ୍ରୀଜଗନ୍ନାଥ ସଂସ୍କୃତି ମାନବୀୟ ସଂସ୍କୃତିର ଅମୂଲ୍ୟ ସମ୍ପଦ ବୋଲି କହିବା ସହିତ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ସମିତିର ମୁଖ୍ୟପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମିତିର କାର୍ଯ୍ୟକ୍ରମ ସମ୍ପର୍କରେ ସମିତିର ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ସମିତିର ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିବା ସହିତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସମିତିର ଉପଦେଷ୍ଟା ନାରାୟଣ ଚନ୍ଦ୍ର ପ୍ରଧାନ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ପ୍ରଦାନ କରି ସମ୍ମାନିତ କରିଥିଲେ। ସମିତିର ସହପରିଚାଳକ ପଣ୍ଡିତ ବିଷ୍ଣୁ ମୋହନ ପଣ୍ଡା, ଉପଦେଷ୍ଟା ପଦ୍ମଲୋଚନ ମହାପାତ୍ର, ପ୍ରବଚକ ସୁଧାକର ଧନୀ, ବିଶ୍ୱମୈତ୍ରୀ ନାୟକ, ତପସ୍ୱିନୀ ପାଢୀ, ରବିନ୍ଦ୍ର ମହାନ୍ତି, କମଳାକାନ୍ତ ବେହେରା, କମଳାକାନ୍ତ ପ୍ରଧାନ, ଶିଶିର ଚନ୍ଦ୍ର ମିଶ୍ର, ପରମାନନ୍ଦ ପାଣିଗ୍ରାହୀ, ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପ୍ରତ୍ୟେହ 'ଦିବ୍ୟ ଚେତନା ଅଭିଯାନ' କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସଂକୀର୍ତନ ମଣ୍ଡଳୀକୁ ପ୍ରମାଣପତ୍ର ସହ ମହାପ୍ରଭୁଙ୍କ ବିଗ୍ରହ ପ୍ରଦାନ କରାଯାଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତନ ସେବା ବିକାଶ ପରିଷଦ, ଭଦ୍ରକର ସଂଗଠକ କମଳାକାନ୍ତ ମଲ୍ଲିକ ସହଯୋଗ କରିଥିଲେ। ସେହିପରି ଜାଗରଣ ଯାତ୍ରାର ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେବାନିବୃତ ପ୍ରଧାନ ଶିକ୍ଷକ ଗଗନ ବିହାରୀ ରାଉତ ଆମ ପରିବାର ଓ ସମାଜର ଚଳଣି ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ବୋଲି ମତ ପ୍ରକଟ କରିଥିଲେ। ମୁଖ୍ୟବକ୍ତା ଭାବେ ମହନ୍ତ ଆଶିଷ କୁମାର ଦେବଗୋସ୍ୱାମୀ, ସମ୍ମାନିତ ଅତିଥି ଭାବେ ବାବୁଲାଲ ଦାସ, ପଦ୍ମଲୋଚନ ମହାପାତ୍ର ଯୋଗ ଦେଇ ଜଗନ୍ନାଥ ସଂସ୍କୃତି ଏବଂ ଆମ ସାମଜିକ ଚିନ୍ତା ଚେତନା ଉପରେ ବକ୍ତବ୍ୟ ରଖିଥିଲେ। ଚରମ୍ପା ବରିଷ୍ଠ ନାଗରିକ ରବିନ୍ଦ୍ର ମହାନ୍ତି ଚାରିଧାମ ଭ୍ରମଣ କରିବାର ଅଭିଜ୍ଞତା ବର୍ଣ୍ଣନା କରିବା ସହିତ ଶ୍ରୀକ୍ଷେତ୍ର ଧାମକୁ ଶ୍ରେଷ୍ଠଧାମ ବୋଲି ପ୍ରତିପାଦନ କରିଥିଲେ। ପଣ୍ଡିତ ଭାଗିରଥୀ ନନ୍ଦଶର୍ମା ସଭାରେ ପୌରୋହିତ୍ୟ କରିଥିବା ବେଳେ ଶରତ ଚନ୍ଦ୍ର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ତିହିଡ଼ି ଅଂଚଳରୁ ଆସିଥିବା ସଂକୀର୍ତନ ମଣ୍ଡଳୀକୁ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା।

# ଶିଳ୍ପ ଓ ଘରୋଇ କ୍ଷେତ୍ରରେ ସ୍ଥାନୀୟ ଶିକ୍ଷିତ ବେକାରଙ୍କୁ ୮୦ ପ୍ରତିଶତ ସଂରକ୍ଷଣ ପାଇଁ ସ୍ୱତନ୍ତ୍ର ଆଇନ୍ କରିବାକୁ ଯୁବ ଆଇଏନ୍‌ଟିୟୁସି ଦାବୀ

ସମ୍ବଲପୁର,(ପିଏନ)- ଜିଲ୍ଲା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଯୁବ ଶାଖାର ଜିଲ୍ଲା କାର୍ଯ୍ୟକାରୀଣୀ ସ୍ଥାନୀୟ ସଂସ୍କୃତି ଭବନଠାରେ ତଥା ମହାତ୍ମାଗାନ୍ଧୀଙ୍କର ୧୫୦ତମ ଜନ୍ମ ବାର୍ଷିକୀ ଜିଲ୍ଲା ସଭାପତି ବବିତା ବଡପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ଯୋଗ ଦେଇ ପ୍ରଥମେ ମହାତ୍ମାଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ଗାନ୍ଧିଜୀଙ୍କ ଆଦର୍ଶ ଓ ବିଚାରଧାରା ଉପରେ ଆଲୋକପାତ କରି ବର୍ତମାନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ସମାଲୋଚନା କରିଥିଲେ। ସମ୍ବଲପୁରରେ ଗଢ଼ିଉଠିଥିବା ଶିଳ୍ପ କଳକାରଖାନା ଓ ରାଇସମିଲରେ କାର୍ଯ୍ୟରତ ଶ୍ରମିକଙ୍କୁ ସରକାରୀ ଧାର୍ଯ୍ୟ ସର୍ବନିମ୍ନ ମଜୁରି ମିଳୁନାହିଁ। ଏହା ସହ ସର୍ବନିମ୍ନ ସାମାଜିକ ସୁରକ୍ଷା ମଧ୍ୟ ଯୋଗାଇ ଦିଆଯାଉନାହିଁ। ମିଲର ଡିଲର ଯୋଗାଣ ବିଭାଗ ମଧୁଚନ୍ଦ୍ରିକା ହେତୁ ଦିନକୁ ଦିନ ଚାଷୀ ଓ ଦିନ ମଜୁରିଆ ଲୁଣ୍ଠନ ତଥା ଶୋଷଣର ଶିକାର ହୋଇ ଆସୁଛନ୍ତି। ରାଜ୍ୟରେ ବେକାର ସମସ୍ୟା ବଢ଼ି ଚାଲିଥିବାବେଳେ ଯୁବକ ଯୁବତୀ ମାନେ ସ୍ଥାନୀୟ ଅଂଚଳରେ ଥିବା




କଳକାରଖାନା ଓ ଘରୋଇ ସଂସ୍ଥାରେ ନିଯୁକ୍ତି ନପାଇ ବାହାର ଦେଶ ଓ ରାଜ୍ୟଙ୍କୁ ଦାଦନ ଖଟିବାକୁ ଯାଉଛନ୍ତି। ସେଠାରେ ସେମାନେ ଶୋଷିତ ଓ ନିର୍ଯ୍ୟାତନାର ଶିକାର ହେଉଛନ୍ତି। ତେଣୁ ରାଜ୍ୟର ସମସ୍ତ ଘରୋଇ ଶିଳ୍ପ କାରଖାନା ଓ ଘରୋଇ ସଂସ୍ଥା ମାନଙ୍କରେ ସ୍ଥାନୀୟ ଶିକ୍ଷିତ ବେକାରଙ୍କୁ କର୍ମନିଯୁକ୍ତି କ୍ଷେତ୍ରରେ ୮୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାର ଏନେଇ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ଯୁବ ଆଇ.ଏନ୍.ଟି.ୟୁସିର ରାଜ୍ୟସଭାପତି ସତ୍ୟବ୍ରତ ନାୟକ ଦାବୀ କରିଛନ୍ତି। ରାଜ୍ୟର ସମସ୍ତ ଠିକା ଶ୍ରମିକଙ୍କୁ ମାସିକ ସର୍ବନିମ୍ନ ୧୮ ହଜାର ଟଙ୍କା ଦରମା, ସମାନ କାମକୁ ସମାନ ଦରମା ତଥା ଆଉଟସୋର୍ସିଙ୍ଗ ନିଯୁକ୍ତି ବନ୍ଦ କରି ସ୍ଥାୟୀ ନିଯୁକ୍ତି ପାଇଁ ଦାବୀ କରିଛନ୍ତି। ସମ୍ବଲପୁର ଜିଲ୍ଲା କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ପରିବେଶ କ୍ଷେତ୍ରରେ ଶୋଚନୀୟ ଅବସ୍ଥା ପାଇଁ ରାଜ୍ୟ ସରକାର ତଥା ସ୍ଥାନୀୟ ପ୍ରଶାସନଙ୍କୁ ଦାୟୀ କରିଥିଲେ। କୃଷକର ତଥା କୃଷିର ବିକାଶ ପାଇଁ ଅନେକ ବ୍ୟବସ୍ଥା କଥା ସରକାର ଗଣମାଧ୍ୟମରେ ପ୍ରଚାର ପ୍ରସାର କରୁଛନ୍ତି। କିନ୍ତୁ ପ୍ରକୃତ ପକ୍ଷରେ ପ୍ରକୃତଚାଷୀମାନେ ଏ ସମସ୍ତ ଯୋଜନାରୁ କୌଣସି ଲାଭ ପାଇପାରୁନାହାଁନ୍ତି। କୃଷି ଜାତ ଦ୍ରବ୍ୟର କୃଷକ ଉପଯୁକ୍ତ ସହାୟକ ମୂଲ୍ୟ ନା ରାଜ୍ୟ ସରକାର ନା କେନ୍ଦ୍ର ସରକାର କେହି ଦେଉନାହାଁନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୦୦୦ ଟଙ୍କା କରିବା ପାଇଁ ଆମେଦାବୀ କରୁଛୁ। କୃଷକ ମାନଙ୍କ ପାଇଁ କୃଷି ମଙ୍ଗଳ ବୋର୍ଡ ଗଠନ କରିବା ପାଇଁ ରାଜ୍ୟ ସଭାପତି ସରକାରଙ୍କ ପାଖରେ ଦାବୀ କରୁଛନ୍ତି। ସମ୍ବଲପୁର ଜିଲ୍ଲାରେ କେନ୍ଦ୍ର ସରକାରଙ୍କ ବିଡ଼ି ଶ୍ରମିକ କଲ୍ୟାଣ ବୋର୍ଡରେ ପଞ୍ଜିକୃତ ବିଡ଼ିଶ୍ରମିକମାନେ ସ୍ଥିରିକୃତ ସ୍ୱାସ୍ଥ୍ୟ ସୁରକ୍ଷା, ସାମାଜିକ ସୁରକ୍ଷା ତଥା ଗୃହ ନିର୍ମାଣ ସାହାଯ୍ୟରୁ ବଂଚିତ ହେଉଛନ୍ତି। ତୁରନ୍ତ ସରକାର ସେମାନଙ୍କ ସମସ୍ୟା ସମାଧାନ କରିବା ପାଇଁ ଦାବୀ। ଏହି ବୈଠକରେ ସମ୍ବଲପୁର ଯୁବ ଆଇ.ଏନ୍.ଟି.ୟୁସିର ନୂତନକର୍ମକର୍ତା, ବ୍ଲକ ସଭାପତି, ମୁନିସପାଲଟି ସଭାପତି ଓ ଏନ୍.ଏ.ସି. ସଭାପତି ମାନେ ଯୋଗଦେବା ସହ ଯୁବ ଶାଖା ରାଜ୍ୟ କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ, ଅଜୟ କୁମାର ପାଇକରାୟ, ସରୋଜ ପ୍ରଧାନ, ସନ୍ଦିପ ଦେହୁରି, ରମେଶ ମାଝୀ, ଚକାଚରଣ ମାଝୀ, ଦିନେଶ କୁମାର ମହାକୁର, ସମ୍ବଲପୁର ସହର ସଭାପତି ସନ୍ତୋଷ ସାହୁ, ଜହରଲାଲ ମଣ୍ଡଳ, ସତ୍ୟନାରାୟଣ ସେନାପତି, ଲୋକନାଥ ନାଗ, ସୌରଭ ଭୋସାଗର, କେଶୋର ମେହେର, ଅର୍ନବ ବାବୁ, ଲକ୍ଷ୍ମୀପ୍ରିୟା ଭାରତୀ ଧଳ, ରାଧାକାନ୍ତ ମିର୍ଦ୍ଧା, କୁବେର ହାତୀ ପ୍ରମୁଖ ଯୋଗ ଦେଇଥିଲେ।

# ତିନିଦିନିଆ ମୟୂରଭଞ୍ଜ ଗସ୍ତରେ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦ ଉପଦେଷ୍ଟା ସୁଜିତ କୁମାର

ବାରିପଦା, (ପିଏନ)- ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଉପଦେଷ୍ଟା ସୁଜିତ କୁମାର ନଭେମ୍ବର ୨ରେ ୩ ଦିନିଆ ମୟୂରଭଞ୍ଜ ଗସ୍ତରେ ଆସି ବାରିପଦାରେ ପହଁଚିଛନ୍ତି। ଶନିବାର ଗସ୍ତର ପ୍ରଥମ ଦିନରେ ସୁଜିତ କୁମାର ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମାସ୍ଥିତ ବାରିପଦା ବ୍ଲକର ବଡ଼ଯୋଡ଼ ଅଂଚଳରେ ଦୁଇଟି ସବାଇ ଘାସ ନିର୍ମିତ ହସ୍ତକଳା ସାମଗ୍ରୀ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରିବା ସହ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ସହ ଆଲୋଚନା କରି ସେମାନଙ୍କର ବିଭିନ୍ନ ସମସ୍ୟା ବାବଦରେ ଅନୁଧ୍ୟାନ କରିଥିଲେ। ଏଥି ସହିତ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଆସୁଥିବା ବିଜୁ କୁଡ଼ିଆ ଯୋଜନା, ବିଧବା ଓ ଭିନ୍ନକ୍ଷମ ଭତା ଆଦି ବିଭିନ୍ନ ଉନ୍ନୟନ ମୂଳକ ଯୋଜନାଗୁଡ଼ିକର ସଫଳତାକୁ ନେଇ ସିଧାସଳଖ ଭାବେ ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ବଡ଼ସାହି ବ୍ଲକର ବିଭିନ୍ନ ଅଂଚଳ ପରିଦର୍ଶନ କରିବା ପରେ ରବିବାର କୁଳିଅଣା ବ୍ଲକର କଇଁଫୁଲିଆ, ଚାନ୍ଦୁଆ ଆଦି ଅଂଚଳକୁ ଯାଇ ସରକାରଙ୍କ ବିଭିନ୍ନ ଜନକଲ୍ୟାକାରୀ ଲୋକାଭିମୁଖୀ ଯୋଜନାର ସଫଳତା ଓ ଅଗ୍ରଗତି ସମ୍ପର୍କରେ କ୍ଷେତ୍ର ପରିଦର୍ଶନ ପୂର୍ବକ ସମୀକ୍ଷା କରିଥିଲେ। ଏହି ସମୟରେ ସେଠାରେ ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବିଜନ କୁମାର ଥମ୍ବ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବ ସାରସ୍ୱତ ସମ୍ମେଳନ-୨୦୧୯ ଉଦଘାଟିତ

ଭଦ୍ରକ, (ପିଏନ):ଭଦ୍ରକ ଜିଲା ସ୍ତରରେ ମାଧ୍ୟମିକ ସ୍ତରରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ସାହିତ୍ୟ ମନସ୍କ କରିବା ପାଇଁ ତିହିଡ଼ି ଦୀନଦୟାଲ ଭବନ ପରିସରରେ ଦୁଇଦିନିଆ କବିତା କର୍ମଶାଳା ତଥା ଯୁବ ସାରସ୍ୱତ ସମ୍ମେଳନ ଶନିବାର ଦିନ ଉଦଘାଟିତ ହୋଇଯାଇଛି। ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଉଦଘାଟନ ଦିବସରେ କବିତା କର୍ମଶାଳାରେ ଯୋଗଦେବା ସହ କବିତା ଲିଖନ ପ୍ରତିଯୋଗିତାରେ ମଧ୍ୟ ଅଂଶ ଗ୍ରହଣ କରିଥିଲେ। ତିହିଡ଼ି ଲେଖକ ସାମ୍ମୁଖ୍ୟର ସଭାପତି ବରିଷ୍ଠ ସାହିତ୍ୟିକ ଭଗବାନ ଚନ୍ଦ୍ର ନାୟକ ଉଦଘାଟନ କରିଥିଲେ। ପ୍ରଥମ ଦିବସରେ ଅନୁଷ୍ଠିତ ୩ ଗୋଟି ଅଧିବେଶନରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୋମନାଥ ପାଢ଼ୀ, 'ଘାସଫୁଲ' ସମ୍ପାଦକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଓ ଶେଷ ଅଧିବେଶନରେ ସାହିତ୍ୟିକ ପି. ହୃଷିକେଶ ସଭାପତିତ୍ୱ କରିଥିଲେ। ବିଭିନ୍ନ ଅଧିବେଶନରେ ତିହିଡ଼ି ଯୁକ୍ତ ତିନି ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବେନ୍ଦ୍ର ସାମଲ, ଅଧ୍ୟାପକ ବିଶ୍ୱରଂଜନ ଦାସ, ବାସୁଦେବପୁର ତୃପ୍ତି ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ନିଗ୍ଧାରାଣୀ ମହାନ୍ତି, ପ୍ରାଧ୍ୟାପକ କମଳାକାନ୍ତ ଜେନା, ମତୋ ଯୁକ୍ତ ତିନି ମହାବିଦ୍ୟାଳୟ ଅଧ୍ୟକ୍ଷ ବିଭୂତି ଭୂଷଣ ଜୟଦେବ ବିଶ୍ୱାଳ, ସାହିତ୍ୟିକ ଭଗବାନ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ତମ୍ଭକାର ବିଭୂତି ଭୂଷଣ ସେନାପତି ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଗୀତିକାର ପଂଚାନନ ନାୟକ ସ୍ୱାଗତ ଭାଷଣ, ପଣ୍ଡିତ ବିକାଶ ଶତପଥି ବେଦପାଠ ଓ ତିହିଡ଼ି ସଂଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଦର୍ଶନ ନାୟକ ସଂଗୀତ ପରିବେଷଣ କରିଥିଲେ। ସମ୍ମେଳନର ପ୍ରତିଷ୍ଠାତା ବିଷ୍ଣୁ ସେଠୀ ଭଦ୍ରକ ଜିଲାର ବିଭିନ୍ନ ଐତିହ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ସେହିପରି ଭଦ୍ରକର ମନ୍ତେଇ ନଦୀ ସମ୍ପର୍କରେ ମଥୁରୀ ମୋହନ ବେହେରା, ନୀଳମାଧବ ସେନାପତି, ଶଶୀଭୂଷଣ ମଲିକ, ବିଶ୍ୱମୈତ୍ରୀ ନାୟକ, ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ପଣ୍ଡା, ରଂଜନ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବୟିତ୍ରୀ ସଂଯୁକ୍ତା ଭାରତୀ ଓ କବି ମନୋଜ ପାଣିଗ୍ରାହୀ କବିତା ଗୁଡ଼ିକର ସଂଯୋଜନା କରିଥିଲେ। ଆଶୁ କବିତା ପ୍ରତିଯୋଗିତାରେ ଘଂଟେଶ୍ୱର ମହାବିଦ୍ୟାଳୟର ଛାତ୍ରୀ ବର୍ଷାରାଣୀ ନାୟକ ପ୍ରଥମ, ବାସୁଦେବପୁର ତୃପ୍ତି ମହାବିଦ୍ୟାଳୟର ଛାତ୍ରୀ ଶୁଭଲକ୍ଷ୍ମୀ ପରିଡ଼ା ଦ୍ୱିତୀୟ ଓ ମତୋ ମହାବିଦ୍ୟାଳୟର ଛାତ୍ରୀ ସରୋଜିନୀ ମୁଦୁଲି ତୃତୀୟ ହୋଇ ପୁରସ୍କୃତ ହୋଇଥିଲେ।

# ଜଳବାୟୁ ପରିବର୍ତନ ଯୋଗୁ ୨୧୦୦ ସୁଦ୍ଧା ଅତ୍ୟଧିକ ଗରମ ପାଇଁ ଓଡ଼ିଶାରେ ପ୍ରତିବର୍ଷ ୪୨ ହଜାର ଲୋକଙ୍କ ମୃତ୍ୟୁ ହେବା ଅନୁମାନ କରାଯାଉଛି




ଭୁବନେଶ୍ୱର, (ପିଏନ): ଯଦି ବର୍ତମାନର ହାରରେ ଗ୍ରିନ୍‌ହାଉସ ଗ୍ୟାସ ନିର୍ଗମନ ଚଳିତ ଶତାବ୍ଦୀ ଶେଷ ପର୍ଯ୍ୟନ୍ତ ଜାରି ରହିବ ତେବେ ଓଡ଼ିଶାରେ ଅତ୍ୟଧିକ ଗରମ ଦିନ ସଂଖ୍ୟାରେ ୩୦ ଗୁଣା ବୃଦ୍ଧି ଘଟି ୨୧୦୦ ସୁଦ୍ଧା ୪୮.୦୫କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି ଯାହା ୨୦୧୦ରେ ୧.୬୨ ରହିଥିଲା। ସମଗ୍ର ଭାରତରେ, ଅତ୍ୟଧିକ ଗରମ ଦିନ ସଂଖ୍ୟା ଆଠ ଗୁଣ ବୃଦ୍ଧି ପାଇ ୫.୧(୨୦୧୦)ରୁ ୪୨.୮ (୨୧୦୦ ସୁଦ୍ଧା)ରେ ପହଚିଂବ ବୋଲି ଆଜି ଭୁବନେଶ୍ୱରରେ ଉନ୍ମୋଚନ କରାଯାଇଥିବା ଏକ ନୂତନ ସର୍ବେକ୍ଷଣ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କ୍ଲାଇମେଟ ଇମ୍ପାକ୍ଟ ଲ୍ୟାବ ପକ୍ଷରୁ ୟୁଚିକାଗୋର ଟାଟା ସେଂଟର ଫର ଡେଭେଲପମେଂଟ ସହଯୋଗରେ କରାଯାଇଥିବା ଭାରତରେ ଜଳବାୟୁ ପରିବର୍ତନ ଓ ପାଣି ାଗ ଝଟକା ଜନିତ ମନୁଷ୍ୟ ଓ ଅର୍ଥନେତିକ କ୍ଷତିକୁ ନେଇ ପ୍ରସ୍ତୁତ କରାଯାଉଥିବା ଆକଳନ ସିରିଜ ମଧ୍ୟରୁ ଏହା ହେଉଛି ପ୍ରଥମ ସର୍ବେକ୍ଷଣ ରିପୋର୍ଟ। ଅତ୍ୟଧିକ ଅଙ୍ଗାରକାମ୍ଳ ନିର୍ଗମନ ସ୍ଥିତିରେ, ରାଜ୍ୟରେ ହାରାହାରି ଗ୍ରୀଷ୍ମ ତାପମାତ୍ରା ଯାହା ୨୦୧୦ରେ ୨୮.୮୭ ଡିଗ୍ରି ସେଲସିଅସ ଥିଲା ତାହା ୨୧୦୦ ସୁଦ୍ଧା ୩୨.୧୯ ଡିଗ୍ରି ସେଲସିଅସକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଏହା ଜାତୀୟ ହାର ଠାରୁ ବହୁତ ଅଧିକ। ଜାତୀୟ ସ୍ତରରେ ଏହି ହାର ବର୍ତମାନର ୨୪ ଡିଗ୍ରି ସେଲସିଅସ ସ୍ତରରୁ ବୃଦ୍ଧି ପାଇ ଶତାବ୍ଦୀ ଶେଷ ସୁଦ୍ଧା ୨୮ ଡିଗ୍ରି ସେଲସିଅସରେ ପହଂଚିବ। ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ ଏହାର ପାଖାପାଖି ରହିବ, ସେଠାରେ ତାମପାତ୍ରାରେ ୩.୦୭ ଡିଗ୍ରି ସେଲସିଅସ ବୃଦ୍ଧି ହେବ ବୋଲି ଆକଳନ କରାଯାଇଛି। ୩୩ ପ୍ରକାର ବିଶ୍ୱସ୍ତରୀୟ ଜଳବାୟୁ ମଡେଲରୁ ଉଚ୍ଚ ସ୍ତରର ସ୍ଥାନୀୟ ଜଳବାୟୁର ସମ୍ପୂର୍ଣ୍ଣ ବିବରଣୀ ତଥ୍ୟକୁ ଅନୁଶୀଳନ କରି, ଏହି ସର୍ବେକ୍ଷଣ ରିପୋର୍ଟ କେତେକ ଉଦବେଗଜନକ ଫଳାଫଳ ଜଣାଇଛି, ଯାହା ବିଶ୍ୱ ସ୍ତରୀୟ ତାପମାତ୍ରାରେ ହେଉଥିବା ବୃଦ୍ଧିକୁ ସୀମା ଭିତରେ ରଖିବା ଲାଗି ଜରୁରୀକାଳୀନ ଭିତିରେ ଜଳବାୟୁ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରୁଛି। 'ଅତ୍ୟଧିକ ଗରମ ଜନିତ ଘାତପ୍ରତିଘାତ ଅନୁଭବ କରିବାର ଇତିହାସ ଓଡ଼ିଶାର ରହିଛି। ୧୯୯୮ରେ, ଓଡ଼ିଶାରେ ଅସ୍ୱାଭାବିକ ଗ୍ରୀଷ୍ମ

ପ୍ରଭାବ ସ୍ଥିତି ଦେଖାଦେଇଥିଲା ଯେଉଁଥିରେ ୨୦୪୨ ଜଣଙ୍କ ମୃତ୍ୟୁ ହୋଇଥିଲା। ଯଦିଓ ବ୍ୟାପକ ସଚେତନତା ଅଭିଯାନ ଜରିଆରେ ୧୯୯୮ର ପରବର୍ତି ସମୟରେ ଏଭଳି ମୃତ୍ୟୁ ସଂଖ୍ୟାକୁ ଅନେକାଂଶରେ କମ କରାଯାଇପାରିଛି, ତଥାପି ପ୍ରତିବର୍ଷ କିଛି ନା କିଛି ମୃତ୍ୟୁ ରେକର୍ଡ କରାଯାଉଛି। ଜଳବାୟୁ ପରିବର୍ତନ ଅନୁଶୀଳନ ଅନୁସାରେ ଅତ୍ୟଧିକ ଗରମ ଦିନରେ ୩୦ ଗୁଣା ବୃଦ୍ଧି ହେବ ବୋଲି ଆକଳନ କରାଯାଇଥିବାରୁ ତାହାର ମୁକାବିଲା କରିବା ଲାଗି ବିର୍ଯ୍ୟୟ ପ୍ରତିରୋଧୀ ବ୍ୟବସ୍ଥାକୁ ବିଶେଷ କରି ସମାଜର ସମ୍ବେଦନଶୀଳ ବର୍ଗଙ୍କ ପାଇଁ କାର୍ଯ୍ୟକାରୀ କରିବା ନିମନ୍ତେ ଜରୁରୀକାଳୀନ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ପ୍ରଦୀପ କୁମାର ନାୟକ, ମୁଖ୍ୟ ମହାପ୍ରବନ୍ଧକ, ଓଡ଼ିଶା ରାଜ୍ୟ ବିର୍ଯ୍ୟୟ ପ୍ରଶମନ ପ୍ରାଧିକରଣ କହିଛନ୍ତି। ଏହି ସର୍ବେକ୍ଷଣ ଅନୁଯାୟୀ, ଅତ୍ୟଧିକ ଅଙ୍ଗାରକାମ୍ଳ ନିର୍ଗମନ ସ୍ଥିତିରେ ୩୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳ ମଧ୍ୟରୁ ୧୬ଟିରେ ଗରମ ସ୍ଥିତି ପଂଜାବରୁ ଅଧିକ ଉତପ୍ତ ହେବ। ପଂଜାବ ହେଉଛି ଏବେ ଦେଶର ସବୁଠୁ ଉତପ୍ତ ରାଜ୍ୟ ଯେଉଁଠାରେ ବାର୍ଷିକ ହାରାହାରି ତାପମାତ୍ରା ୩୨ ଡିଗ୍ରି ସେଲସିଅସରୁ ସାମାନ୍ୟ ତଳକୁ ରହିଛି (୨୦୧୦ ସୁଦ୍ଧା)। ୨୧୦୦ ସୁଦ୍ଧା ପଂଜାବ ଭାରତର ସବୁଠୁ ଉତପ୍ତ ରାଜ୍ୟ ହୋଇ ରହିବ ଓ ସେହି ସମୟରେ ଏହାର ହାରାହାରି ବାର୍ଷିକ ତାପମାତ୍ରା ୩୬ ଡିଗ୍ରି ସେଲସିଅସ ରହିବ ବୋଲି ଆକଳନ କରାଯାଇଛି। ଏହି ସର୍ବେକ୍ଷଣରରୁ ଜଣାପଡ଼ିଛି ଯେ, ହାରାହାରି ଗ୍ରୀଷ୍ମ ତାପମାତ୍ରାରେ ବୃଦ୍ଧି ଓ ଅତ୍ୟଧିକ ଗରମ ଦିବସ ସଂଖ୍ୟାରେ ବୃଦ୍ଧିର ପ୍ରଭାବ ମରଣଶୀଳତା ଉପରେ ପଡ଼ିବ। ତାପମାତ୍ରାରେ ବୃଦ୍ଧି ଯୋଗୁ ଓଡ଼ିଶାରେ ୪୨,୩୩୪ ଜଳବାୟୁ ଜନିତ ମୃତ୍ୟୁ ଦେଖିବାକୁ ମିଳିବ ବୋଲି ଆକଳନ କରାଯାଇଛି। ପ୍ରତିବର୍ଷ ହୃଦଘାତରେ ରାଜ୍ୟରେ ଯେତିକି ମୃତ୍ୟୁ ହେଉଛି ଏହାର ତାହାର ପାଂଚ ଗୁଣାରୁ ଅଧିକ ହେବ। ଅତ୍ୟଧିକ ତାପମାତ୍ରା ଯୋଗୁ ହେବାକୁ ଥିବା ସମୁଦାୟ ୧,୫୪୩,୭୦୮ ମୃତ୍ୟୁର ୬୪% ଛଅଟି ରାଜ୍ୟ, ଉତର ପ୍ରଦେଶ (୪୦୨,୨୮୦), ବିହାର (୧୩୬,୩୭୨), ରାଜସ୍ଥାନ (୧୨୧,୮୦୯), ଆନ୍ଧ୍ର ପ୍ରଦେଶ (୧୧୬,୯୨୦), ମଧ୍ୟପ୍ରଦେଶ (୧୦୮,୩୭୦) ଓ ମହାରାଷ୍ଟ୍ର (୧୦୬,୭୪୯)ରେ ଘଟିବ ବୋଲି ଆକଳନ କରାଯାଇଛି। ୨୦୧୦ରୁ ୨୦୧୮ରେ ଗ୍ରୀଷ୍ମ ପ୍ରବାହ ଯୋଗୁ ଭାରତରେ ୬୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ସେଥି ମଧ୍ୟରୁ ୯୦%ରୁ ଅଧିକ ମୃତ୍ୟୁ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା ଓ ପଶ୍ଚିମବଙ୍ଗରେ ଘଟିଥିଲା।

# ବିହାରୀ ସମ୍ପ୍ରଦାୟଙ୍କ ଗଣପର୍ବ ଛଠ୍ ପାଳିତ

## ବ୍ରତଧାରୀ ଅସ୍ତଗାମୀ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଅର୍ପଣ କଲେ

ବାରିପଦା, (ପିଏନ)- ବାରିପଦା ପୌରପରିଷଦରେ ବିହାରୀ ସମ୍ପ୍ରଦାୟ ପକ୍ଷରୁ ସେମାନଙ୍କ ଗଣପର୍ବ ଛଠ୍ ମହୋତ୍ସବ ଧୁମଧାମ ସହକାରେ ପାଳିତ ହୋଇଛି। ହିନ୍ଦୁ ଧର୍ମ ଓ ପରମ୍ପରା ଅନୁସାରେ ବିଭିନ୍ନ ସମ୍ପ୍ରଦାୟ ସକଳ ଶକ୍ତିର ଆଧାର ସୂର୍ଯ୍ୟଦେବଙ୍କୁ ଉଦୟ ସମୟରେ ପୂଜାର୍ଚ୍ଚନା କରୁଥିବା ବେଳେ ବିହାରୀ ସମ୍ପ୍ରଦାୟ ଅସ୍ତଗାମୀ ସୂର୍ଯ୍ୟଙ୍କ ପୂଜାର୍ଚ୍ଚନା ଅତ୍ୟନ୍ତ ନିଷ୍ଠା, ଭକ୍ତି ଏବଂ ପାରମ୍ପରିକ ବିଧିବିଧାନ ଅନୁସାରେ କରିଥାନ୍ତି। ପର୍ବର ପ୍ରଥମ ଦିବସରେ ନାହାୟ ଖାଏକଦୁ ଭାତ୍, ଦ୍ୱିତୀୟ ଦିନରେ ଖରନା, ତୃତୀୟ ଦିବସରେ ଉପବାସ ରହି ନଦୀରେ ସ୍ନାନ ପରେ ଧୂପଦୀପ, ଭୋଗରାଗ, ନୈବେଦ୍ୟ ଅର୍ପଣ ସହ ପୂଜାର୍ଚ୍ଚନା ଶେଷ କରିବା ପରେ ବ୍ରତୀମାନେ ଅସ୍ତାଚଳ ଶିଖରରେ ରହିଥିବା ଅସ୍ତଗାମୀ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ପ୍ରଦାନ ଏବଂ ଚତୁର୍ଥ ଦିବସ ଅର୍ଥାତ୍ ସପ୍ତମୀ ତିଥିରେ ଉଦିତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ ପୂର୍ବକ ବ୍ରତୀମାନେ ପାରାନ୍ ନୀତି ସମ୍ପାଦନ ପୂର୍ବକ ପୂଜାନୀତି ଶେଷ କରିଥାନ୍ତି। ବିହାରୀ ସମ୍ପ୍ରଦାୟଙ୍କ ମଧ୍ୟରେ ଉକ୍ତ ଛଠ୍ ପୂଜା ପାଳନ କଲେ ବ୍ରତଧାରୀମାନଙ୍କ ମାନସିକ ପୂର୍ଣ୍ଣ ହେବା ସାଙ୍ଗକୁ ପରିବାରରେ ମଙ୍ଗଳ, ସୁଖ ସମୃଦ୍ଧି, ଯଶଖ୍ୟାତି ବୃଦ୍ଧି ହେବାର ବିଶ୍ୱାସ ରହିଆସିଛି। ଧାର୍ମିକ ଗ୍ରନ୍ଥ ପୁରାଣ ବର୍ଣ୍ଣନା ଅନୁସାରେ ସତ୍ୟ ଯୁଗରେ ସୁକନ୍ୟା ଏବଂ ମହାଭାରତରେ ବର୍ଣ୍ଣନା ଅନୁସାରେ ଦ୍ୱାପର ଯୁଗରେ ଦ୍ରୌପଦୀ ସୂର୍ଯ୍ୟପୂଜା କରୁଥିବାର ଉଲ୍ଲେଖ ରହିଛି। ବାରିପଦା ପୌରପରିଷଦରେ ବସବାସ କରୁଥିବା ଉତର ଭାରତୀୟ ଏବଂ ବିହାରୀ ସମ୍ପ୍ରଦାୟ ମଧ୍ୟରେ ଏହି ଛଠ୍(ଛଠି ମୈୟା)ଙ୍କ ପୂଜାକୁ ନେଇ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଚଳିତ ବର୍ଷ ବାରିପଦା ସହରର ଷ୍ଟେସନ ବନ୍ଧ, ଦାରୋଗାଡ଼ାହିସ୍ଥିତି ନଦୀ ଘାଟ, ବୁଢ଼ାବଳଙ୍ଗ ନଦୀର ଚିପଟ ଅସ୍ତିଆ ଓ ମଧୁବନ ଡ଼ଙ୍ଗାଘାଟ ସାହିରେ ଛଠ୍ ପର୍ବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି। ପୂଜାଘାଟ ଶହ ଶହ ଲୋକମାନଙ୍କ ସମାଗମରେ ପରିପୂର୍ଣ୍ଣ ହୋଇଉଠିଥିଲା। ଛଠି ମୈୟାଙ୍କ ଭଜନ ସଂକୀର୍ତନର ପରିବେଶ ମଧ୍ୟରେ ବ୍ରତୀମାନେ ସପରିବାର ନଦୀ ଘାଟରେ ଡାଲାରେ ଫଳ, ପୁଷ୍ପ, ଆଖୁଗଛ, ଧୂପଦୀପ ଆଦି ଧରି ଉପସ୍ଥିତ ହୋଇଥିବାର ଦେଖିବାକୁ ମିଳିଥିଲା।

# ଧାମରାରେ ବୋଇତ ବନ୍ଦାଣ ପ୍ରସ୍ତୁତି ବୈଠକ

ଭଦ୍ରକ, (ପିଏନ)- ୨୦ ବର୍ଷରେ ପହଂଚିଲା ଧାମରା ବୋଇତ ବନ୍ଦାଣ ଉତ୍ସବ। ଚଳିତବର୍ଷ ଚିରାଚରିତ ଢଙ୍ଗରେ ଚାନ୍ଦବାଲି ପୁରୁଣା ବନ୍ଦର ନଗରୀରୁ ଧାମରା ବନ୍ଦର ନଗରୀକୁ ଆସିବେ ୭ ସାଧବ। ପ୍ରତିବର୍ଷ ଧାମରାରୁ ଚାନ୍ଦାବାଲି ଏବଂ ଚାନ୍ଦବାଲିରୁ ଧାମରାକୁ ସାତ ସାଧବ ବୋଇତ ନେଇ ପୂର୍ବ ପରମ୍ପରାକୁ ବଜାଇ ରଖିବା ଉଦ୍ଦେଶ୍ୟରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରୁଛନ୍ତି। ଏହି ଐତିହାସିକ ପରମ୍ପରାକୁ ଆଗକୁ ନେବା ପାଇଁ ଧାମରା ବୋଇତ ବନ୍ଦାଣ କମିଟି ଆଉ ପାଦେ ଆଗେଇ ଯାଇଥିଲା। ଅବିଭକ୍ତ ବାଲେଶ୍ୱର ଜିଲାର ପୁରୁଣା ବନ୍ଦର ଅଂଚଳର ସଂସ୍କୃତି ପ୍ରେମୀ ଅନୁଷ୍ଠାନମାନଙ୍କୁ ନେଇ ଧାମରା ବୋଇତ ବନ୍ଦାଣ କମିଟି ସମୁଦ୍ରରେ ବୋଇତ ଚଳାଇବା ଯୋଜନା ପ୍ରସ୍ତୁତି କରିଥିଲା। ୨୦୧୬ ବର୍ଷରେ ବାଲେଶ୍ୱର ଜିଲାର ବଳରାମଗଡି, କଷାଫଳ ଏବଂ ଚାନ୍ଦିପୁର ମତ୍ସ୍ୟଜୀବୀ ସଂଘର କର୍ମକର୍ତାମାନଙ୍କୁ ସାଧବ କରାଇ ଧାମରା ବନ୍ଦର ନଗରୀକୁ ଅଣାଯାଇଥିଲା। ଚଳିତ ବର୍ଷ ଚାନ୍ଦବାଲି ପୁରୁଣା ବନ୍ଦର ଅଂଚଳରୁ ସାତ ସାଧବ ବୋଇତ ନେଇ ଧାମରାକୁ ଆସିବେ। ଆସନ୍ତା ୧୨ ତାରିଖ କାର୍ତିକ ପୂର୍ଣ୍ଣମା ପଡୁଛି। ୧୨ ତାରିଖ ପ୍ରତ୍ୟୁଷର ଚାନ୍ଦବାଲି ଆମ ପରମ୍ପରା ବୋଇତ ବନ୍ଦାଣ କମିଟିର ସାତ ସାଧବ ରଘୁନାଥ ସାହୁଙ୍କ ନେତୃତ୍ୱରେ ଚାନ୍ଦବାଲିରୁ ବୋଇତ ନେଇ ଆସିବେ ଧାମରାକୁ। ଧାମରା ବୋଇତ ବନ୍ଦାଣ କମିଟି ଧାମରେଇ ମନ୍ଦିର ଘାଟରେ ଚାନ୍ଦବାଲି ସାଧବଙ୍କୁ ପାଛୋଟି ନେବା ପାଇଁ ଅପେକ୍ଷାରେ ରହିବେ। ଦିନ ତମାମ ବୋଇତ ବନ୍ଦାଣ ଉତ୍ସବ ସ୍ମୃତିଚାରଣ କରାଯିବା ସହ ସନ୍ଧ୍ୟାରେ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବାକୁ ଧାମରା କମିଟି ପ୍ରସ୍ତୁତି କରିଛି। ଏଥିପାଇଁ ପ୍ରାରମ୍ଭିକ ପ୍ରସ୍ତୁତି ବୈଠକ ଧାମରା ଫିସିଂ ହାରବର କାର୍ଯ୍ୟାଳୟରେ ସଭାପତି ବଳଭଦ୍ର ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗତ ୨୦୦୦ ମସିହାରେ ଧାମରା ଅଂଚଳର ମୁଖିଆ ସ୍ୱର୍ଗତ କାଳା ଜେନା, ମଥୁରି ମୋହନ ପରିଡା, ଲକ୍ଷ୍ମଣ ମିଶ୍ର ଓ ସାମ୍ବାଦିକ ଅଭୟ ପତିଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ଧାମରା ବୋଇତ ବନ୍ଦାଣ ଉତ୍ସବ ୨୦୦୧ ମସିହା ଠାରୁ ଚାନ୍ଦବାଲି ସହିତ ସୁସଂପର୍କ ସୃଷ୍ଟି କରିଥିଲା। ତାହା ପରଠାରୁ ଧାମରା ଓ ଚାନ୍ଦବାଲି ଦୁଇଟି ଅଂଚଳର ବରିଷ୍ଠ ନାଗରିକମାନେ ଏହି ପରମ୍ପରାକୁ ବଜାୟୀ ରଖିଛନ୍ତି। ଗୋଟିଏ ବର୍ଷ ଧାମରାରୁ ସାତ ସାଧବ ବୋଇତ ନେଇ ଚାନ୍ଦବାଲିକୁ ବଣିଜ କରିବାକୁ ଆସୁଥିଲାବେଳେ ସେମାନଙ୍କୁ ଚାନ୍ଦବାଲିର ବରିଷ୍ଠ ନାଗରିକମାନେ ବିପୁଳ ସଂଖ୍ୟାରେ ସମ୍ବର୍ଦ୍ଧିତ କରୁଥିଲେ। ସେହିପରି ପରବର୍ଷ ଚାନ୍ଦବାଲିର ସାତ ସାଧବ ଧାମରାକୁ ବୋଇତ ନେଇ ଗଲାବେଳେ ଧାମରାର ନାଗରିକମାନେ ତାଙ୍କୁ ସମ୍ବର୍ଦ୍ଧିତ କରନ୍ତି। ଧାମରାରୁ ଚାନ୍ଦବାଲି ବୈତରଣୀ ନଦୀରେ ଦୀର୍ଘ ଅଢେଇ ଘଂଟାର ବୋଇତ ଯାତ୍ରା ଓଡ଼ିଶାରେ ବିରଳ। ଚଳିତବର୍ଷ ଧାମରା ବୋଇତ ବନ୍ଦାଣ କମିଟିକୁ ଅତିଥି ଭାବେ ଆସୁଛନ୍ତି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା। ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜିଲା ଯୋଜନା ବୋର୍ଡ ସଭାପତି ତଥା ବିଧାୟକ ବ୍ୟୋମକେଶ ରାୟ, ସାଂସଦ ମଂଜୁଲତା ମଣ୍ଡଳ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ସ୍ୱାଇଁ, ବର୍ତମାନର ଅଧ୍ୟକ୍ଷ ଦ୍ୱିଜବର ରାଉତ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଧାମରା ବନ୍ଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ତିପ୍ରାଠୀ, ଚାନ୍ଦବାଲି ପଂଚାୟତ ସମିତି ଅଧ୍ୟକ୍ଷା ମାନସୀ ସାହୁଙ୍କ ସହ ଚଳଚ୍ଚିତ୍ର ଅଭିନେତା ସ୍ୱରାଜ ଓ ଚୁଲବୁଲି ନାୟିକା ଭୂମିକା ପ୍ରମୁଖ ଅତିଥି ଭାବେ ଯୋଗଦେବେ। ଧାମରା ବୋଇତ ବନ୍ଦାଣ କମିଟିର ସଭାପତି ବଳଭଦ୍ର ଲେଙ୍କାଙ୍କ ସଭାପତିତ୍ୱରେ ଏହି ପ୍ରସ୍ତୁତି ବୈଠକରେ ଅଶୋକ ଜେନା, ରଂଜନ ସାହୁ, ନୀଳକଣ୍ଠ ଜେନା, ବରିଷ୍ଠ ସାମ୍ବାଦିକ ତଥା ସଦସ୍ୟ ଅଭୟ ପତି, ସଂପାଦକ ପାପା ଜେନା, ମୁଜବୁର ଅଲ୍ଲୀ, ଶୁକ ପରିଡା, ଅତୁଲ ଜେନା, ନିରାକାର ପ୍ରଧାନ, ଜ୍ୟୋତିପ୍ରକାଶ ଲେଙ୍କା, ତ୍ରିଲୋଚନ ବେହେରା, ମାନସ ବିଶ୍ୱାଳ, ଅନନ୍ତ ବିଶ୍ୱାଳ, ଅଭିମନ୍ୟୁ ରାଉତ ଏବଂ ୫ ନଂ ଜୋନ୍ ର ଜିଲା ପରିଷଦ ସଭ୍ୟଙ୍କ ପ୍ରତିନିଧି ପରିକ୍ଷିତ ଦାସ, ନିରଂଜନ ମଣ୍ଡଳ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଆଇଆଇଟି ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ଜଟଣୀ, (ପିଏନ)- ଇଣ୍ଡିଆନ୍ ଇନିଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଭୁବନେଶ୍ୱର (ଆଇଆଇଟି) ଜଟଣୀସ୍ଥିତ ସ୍ଥାୟୀ କ୍ୟାମ୍ପସ୍ ପରିସରରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର୍ ଆର. ଭି. ରାଜକୁମାର ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି, ଗୋଲ୍ଫ ଅଫ ଗଭର୍ଣ୍ଣାନ୍ସ ଜେନେରାଲ୍ ବସନ୍ତ ମହାପାତ୍ର, ଏଡିଏସଏମ୍, ଅବସରପ୍ରାପ୍ତ ପୂର୍ବତନ ପୋଲିସ ଡ଼ିଜି ନିମାଇଁ ଚରଣ ପାଢ଼ୀ ଓ ରାଜ୍ୟ ମୁଖ୍ୟ ସୂଚନା କମିଶନର ସୁନିଲ ମିଶ୍ର ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ସେମାନେ କହିଥିଲେ ଯେ, ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥାର ସର୍ଭେ ରିପୋର୍ଟ ଅନୁସାରେ ଦୁର୍ନିତୀରେ ଭାରତର ସ୍ଥାନ ୭୦ରୁ ଉର୍ଦ୍ଧ୍ୱରେ ଥିବା ବେଳେ ରାଜ୍ୟର ସ୍ଥାନ ୧୨ରୁ ଉର୍ଦ୍ଧ୍ୱରେ ରହିଛି। ସେ କହିଥିଲେ ସର୍ଭେ ରିପୋର୍ଟରେ ରାଜ୍ୟର ପୁଲିସ, ରାଜସ୍ୱ, ପୌର ପ୍ରଶାସନ, ପଚଂାୟତ ଆଦି ବିଭିନ୍ନ ବିଭାଗରୁ ଦୁର୍ନୀତି ଅଭିଯୋଗମାନ ଆସୁଛି। ୩୦ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା, ସଚ୍ଚୋଟତା ଏବଂ ମାନୁଆଲ ପରିବର୍ତେ ବିଭିନ୍ନ ବିଭାଗରେ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର କରାଗଲେ ସମାଜରେ ଦୁର୍ନୀତି ଲୋପ ପାଇପାରିବ ବୋଲି ସେମାନେ ମତ ଦେଇଥିଲେ। ରାଜ୍ୟ ସରକାରଙ୍କ ୫-ଟି ଯୋଜନା ଯଦି ଫଳବତୀ ହୁଏ ତେବେ ସାରା ରାଜ୍ୟରୁ ଧିରେ ଧିରେ ଦୁର୍ନୀତି ଲୋପ ପାଇବ। କେତେକ ସ୍ଥଳରେ ସୂଚନା ଅଧିକାର ଆଇନ ଲାଗୁ ହେବା ପରେ ବହୁ ଅଧିକାରୀ ଓ କର୍ମଚାରୀ ସ୍ଥଳ ବିଶେଷରେ ସଜ୍ଞତ ହୋଇ କାର୍ଯ୍ୟ କରୁଛନ୍ତି। ଆଉ କେତେକ ମଧ୍ୟ ଏହି ଆଇନକୁ ଭୃକ୍ଷେପ ନକରି କାର୍ଯ୍ୟ କରି ଚାଲିଛନ୍ତି। ହେଲେ ଏବେ ବେଳ ଆସିଛି ଜଣେ ବ୍ୟକ୍ତି ହେଉ ବା ଅଧିକାରୀ ହେଉ ଦୁର୍ନୀତି ଜାଲରୁ ସହଜରେ ଆଉ ଖସିପାରିବ ନାହିଁ। ଏଥିପାଇଁ ମଧ୍ୟ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ସତର୍କତାର ସହ କାର୍ଯ୍ୟ ଚଳାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କୁଳସଚିବ ଦେବରାଜ ରଥଙ୍କ ସମେତ ଅନ୍ୟାନ୍ୟ ବହୁ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କ ଦାବିରେ ବାଲେଶ୍ୱର ସହର ପ୍ରକମ୍ପିତ



ବାଲେଶ୍ୱର,୪/୧୧(ପିଏନ) : ସହସ୍ରାଧିକ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ବାଲେଶ୍ୱର ରେଳଷ୍ଟେସନରୁ ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମାକରି ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ସୋମବାର ଦିନ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଜିଲ୍ଲା ସମାଜମଙ୍ଗଳ ଅଧିକାରୀଣିଙ୍କ ବିରୁଦ୍ଧରେ ବିକ୍ଷୋଭ ସମାବେଶରେ ବାଲେଶ୍ୱର ଜିଲ୍ଲା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘର ନେତୃମଣ୍ଡଳୀ ଗର୍ଜିଥିଲେ। ଗର୍ଭବତୀ ମହିଳା ଓ ଶିଶୁଙ୍କ ସ୍ୱାର୍ଥପାଇଁ କେନ୍ଦ୍ର ସରକାର ଗତ ୧୯୭୫ ମସିହାରୁ ଏହି ଯୋଜନା ଦେଶବ୍ୟାପୀ କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଏହି ଯୋଜନାକୁ କାର୍ଯ୍ୟକାରୀ କରୁଥିବା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ସରକାରୀ କର୍ମଚାରୀମାନଙ୍କ ପାଇଁ ଘୋଷିତ ସର୍ବନିମ୍ନ ୧୮ହଜାର ଟଙ୍କା ବେତନ ପ୍ରଦାନ କରୁନାହାନ୍ତି। ଚାକିରିରେ ଥିବାବେଳେ କିମ୍ବା ଅବସରପରେ ଏମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯାଉନଥିବା ସଂପର୍କରେ ବିକ୍ଷୋଭ ସମାବେଶରେ ବକ୍ତାମାନେ ଅଭିଯୋଗ କରିଥିଲେ। ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତ କରିବା କଥା ମନ୍ତ୍ରୀ ଓ ନେତାମାନେ ଭାଷଣ ଦେଉଥିବାବେଳେ ଭବିଷ୍ୟନିଧି ପାଣ୍ଠି ଓ ଇ.ଏସ୍.ଆଇ.ଭୁକ୍ତ କରାଯାଉନାହିଁ। ମହିଳା ଓ ଶିଶୁମାନଙ୍କୁ ନିର୍ଦ୍ଧାରିତମାନ ଓ ଗୁଣବତ୍ତାର ଖାଦ୍ୟ ଦିଆଯାଉନାହିଁ। ଉପରିସ୍ଥ ଅଧିକାରୀମାନେ ଟେଣ୍ଡର ପ୍ରକ୍ରିୟାରେ ଲକ୍ଷଲକ୍ଷ ଟଙ୍କା ଲାଞ୍ଚ ନେଉଥିବାର ଅଭିଯୋଗ ହେଉଛି। ଦରଦାମ୍ ହୁ ହୁ ହୋଇ ବଢୁଥିଲେ ମଧ ବଜାର ଦରରେ ଶିଶୁମାନଙ୍କୁ ଦିଆଯାଉଥିବା ଗରମ ରନ୍ଧାଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି କରାଯାଉନାହିଁ। ନୂତନ ନିଯୁକ୍ତି ଓ ପଦୋନ୍ନତିରେ ପାତର ଅନ୍ତର ନୀତି ଯୋଗୁଁ ଶହଶହ ମୋକଦ୍ଦମାରେ ସରକାରୀ ତହବିଲରୁ ଖର୍ଚ୍ଚ କରାଯାଉଛି। ବାଲେଶ୍ୱର ଜିଲ୍ଲାରେ ନୂତନ ଭାବେ ଦାୟିତ୍ୱ ନେଇଥିବା ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ କୌଣସି ସରକାରୀ ନିର୍ଦ୍ଦେଶକୁ ମାନୁନାହାନ୍ତି। ଶିଶୁମାନଙ୍କ ପୋଷାକ ବାବଦ ଅର୍ଥ ଅଙ୍ଗନୱାଡ଼ିକର୍ମୀଙ୍କ ଯୁଗ୍ମ ବ୍ୟାଙ୍କ୍ ବହିକୁ ପ୍ରଦାନ ବଦଳରେ ସ୍ୱୟଂସହାୟକ ଗୋଷ୍ଠୀଙ୍କ ନାମରେ ପୋଷାକ ବାବଦକୁ ଅର୍ଥ ପ୍ରଦାନ କରି ଲକ୍ଷାଧିକ ଟଙ୍କାର ଲାଞ୍ଚ ନେବାକୁ ଉଦ୍ୟମ ଜାରି ରଖିଛନ୍ତି। ସଂଘ ତରଫରୁ ଆନ୍ଦୋଳନ ନୋଟିସ୍ ଦିଆଯିବା ପରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଏକଘଣ୍ଟା ମଧରେ ୫/୭ଟି ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିଥିବାର ଦର୍ଶାଇ କର୍ମୀମାନଙ୍କୁ ହଇରାଣ କରି ସଂଘକୁ ଦୁର୍ବଳ କରିବାକୁ ଅପଚେଷ୍ଟା ଚଳାଇଛନ୍ତି। ଆଜିର ସମାବେଶକୁ ଭଣ୍ଡୁର କରିବାପାଇଁ ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ଓ କେତେକ ସି.ଡି.ପି.ଓ.ମାନେ ପ୍ରବଳ ଉଦ୍ୟମ ଚଳାଇଥିଲେ। କିନ୍ତୁ ସଂଘର ଆହ୍ୱାନରେ ଆଜି ସମାବେଶ ସଫଳ ହୋଇଛି ବୋଲି ସଂଘ ତରଫରୁ କୁହାଯାଇଛି। ବସ୍ତାବ୍ଲକ୍ର ଜନୈକା ସୁପରଭାଇଜର ତାଙ୍କ ପୁରୁଷବନ୍ଧୁଙ୍କ ଜରିଆରେ ଅଙ୍ଗନୱାଡ଼ି କର୍ମୀମାନଙ୍କଠାରୁ ଲାଞ୍ଚ ଆଦାୟ କରୁଥିବା ସଂପର୍କରେ ସଂଘ ତରଫରୁ ଅଭିଯୋଗ କରାଯାଇଛି। ଅଙ୍ଗନୱାଡ଼ି କର୍ମୀଙ୍କ ପାଇଁ ଛଅଟି ପ୍ୟାକେଜର କାର୍ଯ୍ୟ ନିର୍ଘଣ୍ଟ କରାଯାଇଥିବାବେଳେ ବହୁ ସରକାରୀ କାର୍ଯ୍ୟ ତୃଣମୂଳ ସ୍ତରରେ ଏମାନଙ୍କ ଦ୍ୱାରା କରାଯାଉଥିଲେ ମଧ ଅଧିକ କାର୍ଯ୍ୟପାଇଁ ଅଧିକ ଅର୍ଥ ପ୍ରଦାନ କରାଯାଉନାହିଁ। ଖାଦ୍ୟ ନିରାପତ୍ତା ଆଇନରେ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ରେସନ୍ କାର୍ଡ଼ ଚିହ୍ନଟ ପ୍ରକ୍ରିୟାରେ ସହାୟତା କରିଥିବା କର୍ମୀମାନଙ୍କୁ ଉପଭୋକ୍ତାମାନଙ୍କଠାରୁ ରେସନ୍କାର୍ଡ଼ ପ୍ରଦାନ ବେଳେ ସଂଗୃହୀତ ଅର୍ଥକୁ କେତେକ ସି.ଡି.ପି.ଓ ଗତ ତିନିବର୍ଷ ଧରି ପ୍ରଦାନ କରିନାହାନ୍ତି। ସଂଘ ଏ ବିଷୟ ବହୁବାର ଦାବି କରିବା ପରେ କେତେକ ବ୍ଲକ୍ରେ ଏହା ପ୍ରଦାନ କରାଯାଇଥିଲେ ମଧ ସମସ୍ତ କର୍ମୀମାନଙ୍କୁ ଏହା ପ୍ରଦାନ କରାଯାଇନାହିଁ। ସହରାଞ୍ଚଳରେ ସରକାରୀ ଘର ନଥିବାବେଳେ ନିଜ ଘରେ କିମ୍ବା ଭଡ଼ାଘରେ କେନ୍ଦ୍ର ଚଳାଉଥିବା କର୍ମୀମାନଙ୍କୁ ଏବାବଦରେ ଅର୍ଥପ୍ରଦାନ କରାଯାଉନାହିଁ। କେତେକସ୍ଥାନରେ ନିର୍ମାଣାଧୀନ କେନ୍ଦ୍ରଗୃହ କାର୍ଯ୍ୟ ସଂପୂର୍ଣ୍ଣ ନହୋଇଥିଲେ ମଧ ସେହି ଗୃହରେ କେନ୍ଦ୍ର ଚଳାଇବାକୁ କର୍ମୀମାନଙ୍କୁ ବାଧ କରାଯାଉଛି। ରାଜନୈତିକ ହସ୍ତକ୍ଷେପ ଯୋଗୁଁ କେତେକ କର୍ମୀ ଓ ସହାୟିକାଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣି ସେମାନଙ୍କୁ ହଇରାଣ କରାଯାଉଛି।

ବିକ୍ଷୋଭସ୍ଥଳରୁ ସାଧାରଣ ସଂପାଦିକା ଗୌରୀ ଦାସଙ୍କ ନେତୃତ୍ୱରେ ସଂଘର ପ୍ରତିନିଧିମାନେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଅରୁଣା ତ୍ରିପାଠିଙ୍କୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ବସ୍ତା ବ୍ଲକ୍ର ପାଉଁଶକୁଲି ସେକ୍ଟରର ସୁପରଭାଇଜରଙ୍କୁ ତୁରନ୍ତ ବଦଳି ଦାବିରେ ଜିଲ୍ଲାପାଳ ଓ ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀଙ୍କୁ ଅନ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିକ୍ଷୋଭ ସମାବେଶରେ ଏ.ଆଇ.ଟି.ୟୁ.ସି.ର ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ ଅଧକ୍ଷତା କରିଥିବାବେଳେ ସଂଘ ତରଫରୁ ଆରତି ଦାସମହାପାତ୍ର, ରାଧାରାଣୀ ପଣ୍ଡା, ନିର୍ମଳା ପାଣିଗ୍ରାହୀ, ରାଜଲକ୍ଷ୍ମୀ ପଣ୍ଡା, ସବିତା ମଲ୍ଲିକ, ସବିତା ତ୍ରିପାଠୀ, ଜମ୍ବୁବତୀ ମହାନ୍ତି, ରେଣୁବାଳା ପାତ୍ର, କାଞ୍ଚନ ଦାସ, କଳ୍ପନା ଦାସ, ଅନୁସୂୟା ଦଳାଇ, ସୁକାନ୍ତି ମହାପାତ୍ର, ଜୟଶ୍ରୀ ରାଉତ, ତପସ୍ୱିନୀ ବିଶ୍ୱାଳ, ରିଙ୍କି ମଜୁମଦାର, ନମିତା ସାହୁ ଓ ସବିତା ପାଣ୍ଡିଆ ପ୍ରମୁଖ ସେମାନଙ୍କ ସମସ୍ୟା ଓ ଦାବି ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏ.ଆଇ.ଟି.ୟୁ.ସି.ର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ, ସଂପାଦକ ମାୟାଧର ନାୟକ, ଉପସଂପାଦକ ଶ୍ୟାମସୁନ୍ଦର ଜେନା, ସି.ପି.ଆଇ.ର ଜିଲ୍ଲା ସଂପାଦକ ନିରଞ୍ଜନ ବାରିକ, ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ସେଠୀ ପ୍ରମୁଖ ଦାବି ଓ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇଥିଲେ। ଆସନ୍ତା ଜାନୁଆରୀ ୮ ତାରିଖ ସମସ୍ତ କେନ୍ଦ୍ରୀୟ ସଂଗଠନମାନଙ୍କ ଆହ୍ୱାନରେ କେନ୍ଦ୍ରସରକାରଙ୍କ ବିରୁଦ୍ଧରେ ୧୨ ଦଫା ଦାବିନେଇ ଭାରତ ବନ୍ଦ ଆନ୍ଦୋଳନକୁ ସଫଳ କରିବାକୁ ନେତାମାନେ ଆହ୍ୱାନ ଦେଇଥିଲେ। ଆସନ୍ତା ୮ ତାରିଖ ଦିନ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସଂଘର କର୍ମକର୍ତ୍ତାମାନଙ୍କ ସହ ଆଲୋଚନା ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ଉକ୍ତ ତାରିଖ ପର୍ଯ୍ୟନ୍ତ କୌଣସି ଅଙ୍ଗନୱାଡ଼ି କେନ୍ଦ୍ରରେ ପୋଷାକ ବଣ୍ଟନ ପ୍ରକ୍ରିୟା ବନ୍ଦ ରଖିବାକୁ ସଂଘର ସଂପାଦିକା ଗୌରୀ ଦାସ ଅବଗତ କରାଇଥିଲେ। ଯଦି ଆସନ୍ତା ୮ତାରିଖ ଆଲୋଚନା ବିଫଳ ହୁଏ ତେବେ ସମସ୍ତ ବ୍ଲକ୍ ସ୍ତରରେ ଆନ୍ଦୋଳନ ଜାରି ରହିବ ବୋଲି ସମାବେଶରେ ଘୋଷଣା କରାଯାଇଛି।

# ପଥର ବୋଝେଇ ଟ୍ରାକ୍ଟରକୁ ଜବଦ କଲା ଘଟଗାଁ ବନ ବିଭାଗ



କେନ୍ଦୁଝର(ପିଏନ) : ଘଟଗାଁ ବନାଂଚଳ ଅଧିନସ୍ଥ ମଶିଣାବିଲା ରିଜର୍ଭ ଫରେଷ୍ଟ ଭିତରୁ ଆଜି ଅପରାହ୍ନରେ ପଥର ଚାଲାଣ କରୁଥିବା ଏକ ଟ୍ରାକ୍ଟର ଜବଦ କରିଛି ଘଟଗାଁ ବନ ବିଭାଗ । ଖବର ଅନୁସାରେ ଆଜି ଅପରାହ୍ନରେ ଘଟଗାଁ ବନ ବିଭାଗ ଅଧିନସ୍ଥ ମଶିଣାବିଲା ରିଜର୍ଭ ଫରେଷ୍ଟ ଭିତରୁ ଏକ ଟ୍ରାକ୍ଟର ଅତି ଚତୁରତାର ସହିତ ପ୍ରଥମେ ଫରେଷ୍ଟ ଭିତରୁ ଅଧାରୁ ଅଧିକ ପଥର ଲୋଡ କରିବା ପରେ ନିକଟସ୍ଥ କୁକୁରକଟା ନଦି କୂଳରେ ପଥର ଉପରେ ବାଲି ଲୋଡ କରୁଥିବା ଖବର କୌଣସି ମତେ ଘଟଗାଁ ବନ ବିଭାଗ ପାଇଥିଲା । ପଥର ଉପରେ ବାଲି ଲୋଡ କରୁଥିବା ସମୟରେ ଘଟଗାଁ ବନାଂଚଳ ଅଧିକାରୀ ଘଟଣାସ୍ଥଳରେ ପହଂଚି ପଥର ବୋଝେଇ ଟ୍ରାକ୍ଟରକୁ ଜବଦ କରିଥିବା ଘଟଗାଁ ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ତେବେ ବିଗତ ଅନେକ ବର୍ଷରୁ ଘଟଗାଁ ଅଂଚଳରେ ପଥର, ବାଲି ଏବଂ ମାଟି ମାଫିଆଙ୍କ ଦୌରାତ୍ମ ବଢିବାରେ ଚାଲିଥିଲା । କିନ୍ତୁ ଚଳିତ ବର୍ଷ ଗତ କିଛି ଦିନ ହେବ ଘଟଗାଁ ବନ ବିଭାଗ ଏବଂ ତହସିଲଦାରଙ୍କ ମିଳିତ ଚଢଉରେ ପଥର, ବାଲି ଏବଂ ମାଟି ଚୋର ମାନଙ୍କର ନିଦ ହଜିଯାଇଛି । ସୂଚନା ଯୋଗ୍ୟ ଗତକାଲି ଘଟଗାଁ ଅତିରିକ୍ତ ତହସିଲଦାର ଦୁଇ ଦୁଇଟି ଟ୍ରାକ୍ଟରକୁ ଫାଇନ କରିଥିବା ବେଳେ ଆଜି ଘଟଗାଁ ବନାଂଚଳ ଅଧିକାରୀ ଅଶୋକ କୁମାର ନାୟକ ଗୋଟିଏ ପଥର ବୋଝେଇ ଟ୍ରାକ୍ଟର ଜବଦ କରିଛି । ତେବେ ଘଟଗାଁ ବନ ବିଭାଗ ଏବଂ ତହସିଲଦାରଙ୍କ ଏଭଳି ପଥର, ବାଲି ଏବଂ ମାଟି ଚୋର ମାନଙ୍କ ପ୍ରତି ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ଘଟଣା ବର୍ତ୍ତମାନ ଘଟଗାଁ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ତହସିଲଦାର ଏବଂ ବନାଂଚଳ ଅଧିକାରୀଙ୍କ ଏତାଦଶ କାର୍ଯ୍ୟକୁ ଭୁଇୟସି ପ୍ରଶଂସା କରିଛନ୍ତି ।

# ଜାମୁଝାଡି ବାସୁଦେବପୁର ଓ ଧାମରା ରାସ୍ତା ପାଲଟିଛି ମରଣଯନ୍ତା

ବାଲେଶ୍ୱର,୪/୧୧(ପିଏନ) : ଓଡିଶାର ପ୍ରମୁଖ ରାସ୍ତା ୧୬ନଂ ଜାତୀୟ ରାଜପଥ ଜାମୁଝାଡି ଛକଠାରୁ ବାସୁଦେବପୁର ଦେଇ ଧାମରା ପର୍ଯ୍ୟନ୍ତ ଲମ୍ବିଥିବା ପିଡବ୍ଲୁଡି ରାସ୍ତା ଏବେ ମରଣଯନ୍ତା ପାଲଟିଛି । ବିଶେଷ କରି ଝାମୁଝାଡିରୁ ବେତଡା ଓ ବାସୁଦେବପୁର ପାଇଁ ମାତ୍ର ୧୪ କିମି ରାସ୍ତା ଏବେ ଖାଲଖମାରେ ଭରପୁର ହୋଇଛି । ଏଥିପାଇଁ ଅଧିକାଂଶ ସମୟରେ ଦୁର୍ଘଟଣାମାନ ଘଟିବାରେ ଲାଗିଛି । ବିଶେଷ କରି ରାସ୍ତା ଉପରୁ ପିଚୁ ଉଠିଯିବା ଫଳରେ ରାସ୍ତାଟି ଯାଦୁଆ ରୋଗରେ ଆକ୍ରାନ୍ତ ବୋଲି ଜଣାପଡୁଛି । ଯାହା ଫଳରେ ଦୁଇ ଚକିଆ ଯାନ ଠାରୁ ଆରମ୍ଭ କରି ଭାରି ଯାନ ପର୍ଯ୍ୟନ୍ତ ସମସ୍ତ ଯାନ ବିପଦଜନକ ସ୍ଥିତିରେ ଚଳାଚଳ କରୁଛି । ଏହି ରାସ୍ତା ୧୯୭୩-୭୪ ମସିହାରେ ଉନ୍ନତମାନର ରାସ୍ତାର ମାନ୍ୟତା ପାଇଥିଲା । କାରଣ ଏହି ରାସ୍ତା ଧାମରା ବନ୍ଦରକୁ ସଂଯୋଗ କରୁଛି । ଧାମରା ବନ୍ଦରରେ ଯଥାକ୍ରମେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦୀନି ଶତପଥୀ, ନିଳମଣୀ ରାଉତରାୟ ଓ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଫଳକ ଲାଗିଥିଲା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବନ୍ଦର ଉଦ୍‌ଘାଟନର ଫଳକ ମଧ ଲାଗିଛି । ବର୍ତ୍ତମାନ ଏହି ବନ୍ଦରର ମାଲିକାନା ଆଦାନୀ ହାତରେ ଥିଲା ବେଳେ ପୂର୍ବରୁ ଏଲଏଣ୍ଡଟି ଦ୍ୱାରା ବନ୍ଦର ନିର୍ମାଣ ପାଇଁ ଉକ୍ତ ରାସ୍ତା ଦେଇ ଭାରୀ ଯାନ ଚଳାଚଳ କରୁଥିଲା । ଫଳରେ ରାସ୍ତାର ବିଭିନ୍ନ ସ୍ଥାନ ଦବି ଯିବା ଫଳରେ ତାହା ଖାଲଖମାରେ ପରିଣତ ହୋଇଛି । ହଜାର ହଜାର ସଂଖ୍ୟାରେ ସାଧାରଣ ଯାନ ଓ ଭାରୀଯାନ ଚଳାଚଳ କରୁଥିବା ଯୋଗୁଁ ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡିଛି । ୫ ବର୍ଷ ପୂର୍ବେ ପୂର୍ତ୍ତ ବଭାଗ ଦ୍ୱା ଏହି ରାସ୍ତାର ପୂର୍ନବିନ୍ୟାସ କରାଯାଇଥିଲା । ଏଥିରେ ନିୟୋଜିତ ଠିକାଦାର, ତତ୍କାଳୀନ ନେତା ଓ ଅଫିସରମାନେ ମାଲେମାଲ୍ ହୋଇଥିଲା ବେଳେ ରାସ୍ତାର ଦୂରାବସ୍ଥା କହିଲେ ନସରେ । ଏବେ ଯେଉଁ ପରିମାଣରେ ଗମନାଗମନ ପାଇଁ ପରିସ୍ଥିତି ଉପୁଜିଛି ତାହା ଭବିଷ୍ୟତରେ ଆହୁରି ବିପଦଜନକ ହୋଇପଡିବାର ଆଶଙ୍କା ଦେଖାଦେଇଛି । ତେଣୁ ରାସ୍ତାର ମରାମତି ଓ ପୁର୍ନବିନ୍ୟାସ ଏକାନ୍ତ ଜରୁରୀ ହୋଇପଡିଛି । ପୂର୍ତ୍ତ ବିଭାଗ ତରଫରୁ ରାସ୍ତାର ମରାମତି ନାମରେ କୋଟିକୋଟି ଟଙ୍କା ହଡପ ହେଉଥିଲା ବେଳେ ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡୁଛି । ଏଥିପ୍ରତି ବିଭାଗୀୟ କର୍ମକର୍ତ୍ତାଙ୍କର ଦୃଷ୍ଟି ଆକର୍ଷଣ ପାଇଁ ବିଭିନ୍ନ ସମୟରେ ଅଞ୍ଚଳବାସୀଙ୍କ ତରଫରୁ ଆନ୍ଦୋଳନ ଡାକରା ଦିଆଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ ।

# ଲେଗ୍ରାଣ୍ଡ ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱରରେ ରିଟେଲ ରୋଡସୋ'ର ଶୁଭାରମ୍ଭ



ଭୁବନେଶ୍ୱର : ଇଲେକ୍ଟ୍ରିକାଲ୍ ଓ ଡିଜିଟାଲ୍ ବିଲଡିଂ ଭିତିଭୂମି କ୍ଷେତ୍ରର ବିଶ୍ୱ ସ୍ତରୀୟ ଅଗ୍ରଣୀ ସଂସ୍ଥା ଲେଗ୍ରାଣ୍ଡ ଇଣ୍ଡିଆ ପକ୍ଷରୁ ଏହାର ଚାରି ମାସିଆ ଲମ୍ବା ରୋଡ ସୋ'କୁ ଭୁବନେଶ୍ୱରରେ ଶୁଭାରମ୍ଭ କରାଯାଇଛି। ଏହି ରୋଡ ସୋ'ରେ ନୂଆ ବର୍ଗର ଲିନ୍‌କସ୍ ସ୍ୱିଚ ଓ ଡୁଓ ବକ୍ସଗୁଡ଼ିକୁ ପ୍ରଦର୍ଶିତ କରାଯିବ ଯାହା ଜରିଆରେ ଏହି ସଂସ୍ଥା ଅଂଶୀଦାରଙ୍କ ମଧରେ ଏହାର ଉତ୍ପାଦ ବର୍ଗମାଳା ବିଷୟରେ ସଚେତନତା ସୃଷ୍ଟି କରିପାରିବ। ଏହି ରୋଡ ସୋ' ଜରିଆରେ ଖୁଚୁରା କ୍ଷେତ୍ରରେ ଲେଗ୍ରାଣ୍ଡ ବଡ଼ ଧରଣର ବଜାର ଅଂଶ ହାସଲ କରିବାକୁ ଯୋଜନା ରଖିଛି। ଲେଗ୍ରାଣ୍ଡ ପାଇଁ ଓଡ଼ିଶା ହେଉଛି ଏକ ପ୍ରମୁଖ ବଜାର। ଏହି ଅଭିଯାନ ଜରିଆରେ କଂପାନି ଏହାର ଉପସ୍ଥିତିକୁ ଦ୍ୱିତୀୟ ଶ୍ରେଣୀର ଅଂଚଳରେ ବଢାଇବାକୁ ଲକ୍ଷ୍ୟ ରଖିଛି।

ଲେଗ୍ରାଣ୍ଡର ଖୁଚୁରା ରୋଡ ସୋ'ରେ ବିଭିନ୍ନ ପ୍ରକାରର ସ୍ୱିଚ ଓ ସକେଟ ଯଥା ଆର୍ଟେଅର, ମାଇରିଅସ, ମାଇଲିଙ୍କ୍ ଏବଂ ବ୍ରିଟଜି ଏସ୍ ଏବଂ ସୁରକ୍ଷା ଉପକରଣ ଆରଏକ୍ସ୩ ଆଦିକୁ ପ୍ରଦର୍ଶିତ କରାଯିବ। ଲେଗ୍ରାଣ୍ଡର ସ୍ୱିଚ ଓ ସୁରକ୍ଷା ଉପକରଣ ଖଂଜାଯାଇଥିବା ମୋଟ ୫ଟି ଭ୍ୟାନ ପାଖାପାଖି ୪୯ଟି ସହର ପରିକ୍ରମା କରିବ, ଯାହା ଚାରି ମାସ ଭିତରେ ୧୫୦୦ରୁ ଅଧିକ ରିଟେଲ କାଉଂଟରରେ ପହଂଚିବ। ଏହା ରିଟେଲର ଏବଂ ଇଲେକ୍ଟ୍ରିସିଆନ୍‌ଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରି ସେମାନଙ୍କୁ ଟଚ୍ ସ୍ୱିଚ ଓ ଅଭିନବ ଉତ୍ପାଦକୁ ଜାଣିବାର ସୁଯୋଗ ପ୍ରଦାନ କରିବ ଯାହା ଲେଗ୍ରାଣ୍ଡର ଦର୍ଶନ ସହଜରେ ସ୍ଥାପନ ଓ ସହଜରେ ବ୍ୟବହାର ସହିତ ଠିକ ଭାବେ ଖାପଖାଉଛି। ବିଭିନ୍ନ ସହରରେ ଏହି ଭ୍ୟାନଗୁଡ଼ିକର ଉପସ୍ଥିତି ଗ୍ରାହକ, ରିଟେଲ ନେଟୱର୍କ ଓ ଇଲେକ୍ଟ୍ରିସିଆନ୍‌ଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିବାରେ ସହାୟକ ହେବ। ଏହି ଭ୍ୟାନ ଓଡ଼ିଶା, ମଧ ପ୍ରଦେଶ, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ଦିଲ୍ଲୀ, ପଂଜାବ, ରାଜସ୍ଥାନ, ଉତର ପ୍ରଦେଶ, ଉତରାଖଣ୍ଡ, କର୍ଣ୍ଣାଟକ, ଗୁଜରାଟ, ମହାରାଷ୍ଟ୍ର ଓ ଆସାମ ପରିକ୍ରମା କରିବ। ଶ୍ରୀଯୁକ୍ତ ସମୀର ସକ୍ସେନା, ନିର୍ଦ୍ଦେଶକ, ମାର୍କେଟିଂ (ଗ୍ରୁପ), ଲେଗ୍ରାଣ୍ଡ ଇଣ୍ଡିଆ କହିଛନ୍ତି ଯେ, 'ରିଟେଲ ରୋଡ ସୋ'ରେ ଆମେ ଲେଗ୍ରାଣ୍ଡର ବ୍ୟାପକ ବର୍ଗର ଉତ୍ପାଦ ଉପରେ ସଚେତନତା ସୃଷ୍ଟି କରିବା ଏବଂ ନୂତନ ଲିନ୍‌କସ୍ ସ୍ୱିଚ ଓ ଡୁଓ ବକ୍ସ ଡିଷ୍ଟ୍ରିବ୍ୟୁସନ ବୋର୍ଡକୁ ଉପସ୍ଥାପିତ କରିବା ଉପରେ ଧ୍ୟାନ ଦେଉଛୁ।

# ଶତାୟୁ ସମାଜସେବୀ ଓ ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



କେନ୍ଦୁଝର(ପିଏନ) : କରଞ୍ଜିଆ ୱାର୍ଡ ନଂ-୨ର ଶତାୟୁ ୰ରାମଚନ୍ଦ୍ର ଭୁଜବଳଙ୍କ ବାସଗୃହରେ ତାଙ୍କ ପରଲୋକ ହୋଇଯାଇଅଛି । ଶ୍ରୀ ଭୁଜବଳ କରଞ୍ଜିଆର ଜଣେ ଧର୍ମପରାୟଣ ଓ ବିଶିଷ୍ଟ ସମାଜସେବୀ ବ୍ୟକ୍ତି ଥିଲେ । ତାଙ୍କର ଜୀବନକାଳ ମଧରେ ସମାଜର ବିଭିନ୍ନ ବର୍ଗଙ୍କର ସୁଖ ଦୁଃଖର ସାଥୀଙ୍କୁ ହରାଇଲୁ ବୋଲି ସମଗ୍ର ଅଂଚଳର ଲୋକମାନେ କୁହନ୍ତି । ୰ଭୁଜବଳଙ୍କର ବାଲ୍ୟବନ୍ଧୁ ଶ୍ରୀ ରାଧାକୃଷ୍ଣ ମହାନ୍ତି ଓ ନଳିନୀ ଚନ୍ଦ୍ର ଘଣା ଭୁଜବଳଙ୍କ ବିୟୋଗରେ କରଞ୍ଜିଆ ଜଣେ ବିଶିଷ୍ଟ ସମାଜସେବୀ ଓ ଅମାୟୀକ ବ୍ୟକ୍ତିଙ୍କୁ ହରାଇଲା ବୋଲି ଅତ୍ୟନ୍ତ ଭାବପ୍ରବଣ ସହକାରେ କହନ୍ତି । କରଞ୍ଜିଆର ଗରୀବ ବ୍ୟକ୍ତିଙ୍କ ଦୁଃଖ ସୁଖର ବନ୍ଧୁଙ୍କୁ ସବୁଦିନ ପାଇଁ ହରାଇବା ସହ ସମାଜ ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତିଙ୍କ ମୃତ୍ୟୁରେ ସମଗ୍ର କରଞ୍ଜିଆରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ୩ ପୁଅ, ବୋହୂ ଓ ନାତୀ ନାତୁଣୀ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ପାଂଚପୀଢ ଖଣ୍ଡାୟତ ମହାସଂଘ ଏକ ଶୋକସଭାର ଆୟୋଜନ କରି ୨ମିନିଟ୍ ନୀରବ ପ୍ରାର୍ଥନା ପୂର୍ବକ ମହାନ୍ ଆତ୍ମାର ସଦ୍‌ଗତି କାମନା କରିଥିଲେ । ପବିତ୍ର ଦେଓନଦୀର ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ଅନ୍ତିମ ଯାତ୍ରାରେ କରଞ୍ଜିଆର ଶତାଧିକ ବ୍ୟକ୍ତି ଯୋଗ ଦେଇ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ଯାଜପୁର ଜିଲା ଶ୍ରମ ଅଫିସରେ ଶ୍ରମିକମାନଙ୍କୁ ଅଣଦେଖା

ଚଣ୍ଡିଖୋଲ ୦୪/୧୧(ପିଏନ)- ଯାଜପୁର ଜିଲା ଶ୍ରମ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଜିଲା ଅଣସଂଗଠିତ ଶ୍ରମିକ ସଂଘ ସମନ୍ୱୟ କମିଟି ଜିଲାରେ ଦୀର୍ଘଦିନ ଧରି ଜିଲା ଶ୍ରମ ଅଧିକାରୀ ପଦ ଖାଲି ରହିଥିଲା ବେଳେ ଗତ ୨୦୧୫ ମସିହା ଠାରୁ ନିର୍ମାଣ ଶ୍ରମିକମାନଙ୍କୁ ସାଇକେଲ, ଯନ୍ତ୍ରପାତି, ମୃତ୍ୟୁକାଳୀନ, ବିବାହ ସହାୟତା, ଶିକ୍ଷାବୃତ୍ତି, ନିର୍ମାଣ ଶ୍ରମିକ ପକ୍କା ଘର ପ୍ରଦାନ କରିବାରେ ଅହେତୁକ ବିଳମ୍ବ କରାଯାଉଥିବାରୁ ଶ୍ରମିକମାନେ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ଅତି ସାଧାରଣ ଭୁଲ ପାଇଁ ସହାୟତ ପ୍ରଦାନ କଲାବେଳେ ବନ୍ଦ କରାଯାଉଛି। ଶ୍ରମିକ ସଂଘ କର୍ମକର୍ତ୍ତାମାନେ ଏହି ବିଷୟରେ ସ୍ଥାନୀୟ ଡ଼ିଭିଜନାଲ ଲେବର କମିଶନ ଶ୍ରୀ ସୁନିଲ କୁମାର ସାହୁଙ୍କୁ ବାରମ୍ବାର ଭେଟି ଦାବୀ କରୁଥିଲେ। ଏହି ସତ୍ତ୍ୱେ ବି କୌଣସି ସମସ୍ୟା ସମାଧାନ ହୋଇପାରୁ ନଥିଲା। ନିର୍ମାଣ ଶ୍ରମିକମାନଙ୍କୁ ବାର୍ଷିକ ନବୀକରଣ ଦେଇ ପ୍ରଦାନ ବେଳେ ଶ୍ରମିକ ସଂଘର ସୁପାରିଶ ନିହାତି ଦରକାର ଥିଲା ବେଳେ ଜିଲା ଶ୍ରମ ଅଫିସ ଆଗରେ ଶ୍ରମିକମାନେ ଜିଲା ଶ୍ରମ ଅଧିକାରୀଙ୍କୁ ସିଧା ସାକ୍ଷତା କରିବା ପାଇଁ ସାଇନ ବୋର୍ଡ଼ ଲାଗାଇ ଶ୍ରମିକମାନଙ୍କୁ ବିଭ୍ରାନ୍ତ କରାଯାଉଛି। ଶ୍ରମିକ ସଂଘମାନେ ଶ୍ରମ ଅଫିସରରେ ଦାବୀଗୁଡ଼ିକୁ ବିରୋଧ କରୁଥିବାବେଳେ ଶ୍ରମ ଅଫିସରେ କିଛି ଅସାଧୁ କର୍ମଚାରୀ ପ୍ରୋତ୍ସାହନ ଦେଇ ଚାଲିଛନ୍ତି। ଜିଲା ଶ୍ରମ ଅଫିସରରେ ଶ୍ରମିକମାନଙ୍କୁ ବିଭ୍ରାନ୍ତକାରଣ ବନ୍ଦ ନହେଲେ ଶ୍ରମିକମାନଙ୍କୁ ସ୍ୱାର୍ଥ ରକ୍ଷା ପାଇଁ ଜିଲା ଅଣସଂରକ୍ଷିତ ଶ୍ରମିକ ସଂଘର ସମନ୍ୱୟ କମିଟି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବ ବୋଲି କମିଟି ଚେତନା ଦେଇଛି। ସମ୍ପାଦକ ରମେଶ କୁମାର ଜେନା, ଶ୍ରମିକ ନେତା ଧରେନ୍ ନାୟକ, ନୃସିଂହ ମିଶ୍ର, ପ୍ରଫୁଲ ସାହୁ ଜଗନ୍ନାଥ ପାଲ, ଶରତ ରାଉତ, ଭାଗିରଥି ଦାସ, ଦେବଦତ୍ତ ପଣ୍ଡା, ପ୍ରଦୀପ୍ତ ଦାସ, ରବିଦାସ, ରବିନ୍ଦ୍ର ମଣ୍ଡଳ, ପ୍ରମୁଖ ଶ୍ରମିକ ନେତା ପ୍ରକାଶ କରିଛନ୍ତି।

# ଭିଭୋ ଜେଡ୧ପ୍ରୋ ହେଲା ଶସ୍ତା

ଭୁବନେଶ୍ୱର- ବିଶ୍ୱର ଅଭିନବ ସ୍ମାର୍ଟଫୋନ ବ୍ରାଣ୍ଡ ଭିଭୋ ପକ୍ଷରୁ ଜେଡ୧ପ୍ରୋ ମୂଲ୍ୟରେ ୨୦୦୦ ଟଙ୍କା ପର୍ଯ୍ୟନ୍ତ ହ୍ରାସ କରିବାକୁ ଘୋଷଣା କରାଯାଇଛି। ଗତ ଜୁଲାଇ ମାସରେ ଲଂଚ ହୋଇଥିବା ଜେଡ୧ପ୍ରୋ ଅନଲାଇନ କେନ୍ଦ୍ରିତ ଜେଡ ଶୃଙ୍ଖଳାର ପ୍ରଥମ ସ୍ମାର୍ଟଫୋନ। ଏହାର ତିନୋଟି ସଂସ୍କରଣ ୪ଜିବି+୬୪ଜିବି, ୬ଜିବି+୬୪ଜିବି ଏବଂ ୬ଜିବି+୧୨୮ଜିବି ସ୍ମାର୍ଟଫୋନ ଆକର୍ଷଣୀୟ ସୋନିକ ବ୍ଲାକ ଓ ସୋନିକ ବ୍ଲୁ ରଙ୍ଗ ରେ ଉପଲବ୍ଧ ।ଜେଡ୧ପ୍ରୋ ର ୪ଜିବି+୬୪ଜିବି ସ୍ମାର୍ଟଫୋନର ମୂଲ୍ୟରେ ୧୦୦୦ ଟଙ୍କା ହ୍ରାସ କରାଯାଇ ୧୩୯୯୦ ରଖାଯାଇଥିବା ବେଳେ ୬ଜିବି+୬୪ଜିବି ଏବଂ ୬ଜିବି+୧୨୮ଜିବି ମୂଲ୍ୟରେ ୨୦୦୦ ଟଙ୍କା ଲେଖାଏଁ ହ୍ରାସ କରାଯାଇ ଯଥାକ୍ରମେ ୧୪୯୯୦ ଏବଂ ୧୫୯୯୦ ଟଙ୍କା ରଖାଯାଇଛି ।ଭିଭୋ ଜେଡ୧ପ୍ରୋ ହ୍ୟାଣ୍ଡସେଟର ପରିବର୍ତ୍ତିତ ମୂଲ୍ୟ ଫ୍ଲିପକାର୍ଟ ଓ ଭିଭୋ ଇଣ୍ଡିଆ ଷ୍ଟୋର ରେ ଲାଗୁ କରାଯାଇଛି। ଏହାଛଡା ଜେଡ୧ପ୍ରୋ ଗ୍ରାହକ ମାନଙ୍କୁ ଆକର୍ଷଣୀୟ ଅଫର ଓ ଇଏମଆଇ ସୁବିଧା ପ୍ରଦାନ କରାଯାଉଛି। ଭିଭୋ ଜେଡ୧ପ୍ରୋ ସ୍ମାର୍ଟଫୋନ ରେ ଶକ୍ତିଶାଳୀ କ୍ୱାଲକମ ସ୍ନାପଡ୍ରାଗନ ୭୧୨ ସହ ଏଆଇ ଇଞ୍ଜିନ, ୩୨ଏମପି ଇନ ଡିସ୍‌ପ୍ଲେ ସେଲଫି କ୍ୟାମେରା ଏବଂ ବିଶାଳ ୫୦୦୦ଏମଏଏଚ ବ୍ୟାଟେରୀ ସହ ୧୮ଡବ୍ଲୁ ଫାଷ୍ଟ ଚାର୍ଜ, ଏଆଇ ଟ୍ରିପଲ ରିୟର କ୍ୟାମେରା, ୧୬ଏମପି ପ୍ରାଇମେରୀ କ୍ୟାମେରା, ୮ଏମପି ସୁପର ୱାଇଡ ଆଙ୍ଗଲ କ୍ୟାମେରା ଓ ୨ଏମପି ଡେପ୍‌ଥ କ୍ୟାମେରା ବ୍ୟବହାର କରାଯାଉଛି ।

# ୟୁପିଆଇରେ କାରବାର ୨୦୧୯ ଅକ୍ଟୋବରରେ ୧୦୦ କୋଟି ଟପିଲା

ନୂଆଦିଲ୍ଲୀ: ନ୍ୟାସନାଲ ପେମେଂଟ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ) ପକ୍ଷରୁ ଘୋଷଣା କରାଯାଇଛି ଯେ ୨୦୧୯ ଅକ୍ଟୋବର ମାସରେ ୟୁନିଫାଏଡ ପେମେଂଟ ଇଂଟରଫେସ (ୟୁପିଆଇ) କାରବାର ପରିମାଣ ୧୦୦ କୋଟିର ମାଇଲଖୁଂଟ ସ୍ତର ଅତିକ୍ରମ କରିଛି। ୨୦୧୯ ଅକ୍ଟୋବରରେ ୧୧୫ କୋଟି ୟୁପିଆଇ କାରବାର ହୋଇଛି। ୨୦୧୯ ସେପ୍ଟେମ୍ବରରେ ୟୁପିଆଇ କାରବାର ପରିମାଣ ୯୬ କୋଟି ଥିଲା। ସେହିପରି ୨୦୧୯ ଅକ୍ଟୋବର ମାସରେ ୟୁପିଆଇ ଜରିଆରେ ମୋଟ ୧ ଲକ୍ଷ ୯୧ ହଜାର କୋଟି ଟଙ୍କାର କାରବାର ହୋଇଛି ଯାହା ୨୦୧୯ ସେପ୍ଟେମ୍ବରର ୧.୬୧ ଲକ୍ଷ କୋଟି ଟଙ୍କା କାରବାର ଠାରୁ ଅଧିକ।

"ସାରା ଦେଶରେ ଡିଜିଟାଲ କାରବାରର ଗ୍ରହଣୀୟତାକୁ ବଢୁଥିବା ଜାଣିବା ବେଶ ଉତ୍ସାହଜନକ। ୟୁପିଆଇର ସମ୍ପୂର୍ଣ୍ଣ ପେମେଂଟ ପରିବେଶ ବିଶେଷ କରି ବ୍ୟାଙ୍କ ଏବଂ ତୃତୀୟ ପକ୍ଷ ପେମେଂଟ ଆପ ଏବଂ ଡିଜିଟାଲ ପେମେଂଟ ଉପରେ ସରକାର ଓ ଆରବିଆଇର ନିରନ୍ତର ନୀତି ଭିତିକ ସମର୍ଥନର ସଫଳ ସ୍ୱରୂପ ଏହି ଉଲ୍ଲେଖନୀୟ ସଫଳତା ମିଳିଛି ବୋଲି ଦିଲ୍ଲୀପ ଆସବେ, ଏମଡି ଓ ସିଇଓ, ଏନପିସିଆଇ କହିଛନ୍ତି।

"ଆମର ଉଦ୍ଦେଶ୍ୟ ସବୁ ବେଳେ ଡିଜିଟାଲ ପେମେଂଟ ଭିତିଭୂମିର ଗ୍ରହଣୀୟତାକୁ ବଢ଼ାଇବା, ତେଣୁ ସରକାର ଓ ଆରବିଆଇର କମ ନଗଦ ଭିତିକ ଲକ୍ଷ୍ୟକୁ ହାସଲ କରିବା ଏବଂ ୟୁପିଆଇର ଗ୍ରହଣୀୟତାକୁ ବଢ଼ାଇବା ଲାଗି ଡିଜିଟାଲ କାରବାର ପ୍ରତି ଆଗେଇ ଆସିବାକୁ ଆମେ ଗ୍ରାହକଙ୍କୁ ଉତ୍ସାହିତ କରୁଛୁ।

ୟୁପିଆଇର ଗ୍ରହଣୀୟତାକୁ ବଢ଼ାଇବା ଲାଗି ସେଥିରେ ପି୨ପିଏମ କାରବାର ପ୍ରକାର ଏବଂ ଆଇପିଓ ଆଦିକୁ ବ୍ୟବହାର କରାଯାଇଛି। ୟୁପିଆଇ ୨.୦ ରେ ଓଭରଡ୍ରାଫ୍ଟ ଲିଙ୍କ କରିବା, ୱାନ ଟାଇମ ମ୍ୟାନଡେଟ, ଇନଭଏସ ଇନ ଦି ଇନବକ୍ସ, ସାଇଟ ଇନଟେଂଟ ଓ କ୍ୟୁଆର ଭଳି ସୁବିଧା ପ୍ରଦାନ କରାଯାଇଛି। ବର୍ତ୍ତମାନ ୟୁପିଆଇରେ ୧୪୨ଟି ବ୍ୟାଙ୍କ ଅଛନ୍ତି। ତିନି ବର୍ଷ ପୂର୍ବେ ଆରମ୍ଭ ହେବା ବେଳକୁ ଏଥିରେ ୨୧ଟି ବ୍ୟାଙ୍କ ଥିଲେ।

# ଡିଜିଟାଲ୍ ସମୁଦାୟ ନିମନ୍ତେ ଏହି ପାର୍ବଣ ଋତୁକୁ ସ୍ୱତନ୍ତ୍ର କଲା ଟିକ୍‌ଟକ୍ ଦୀପାବଳୀ

ଭୁବନେଶ୍ୱର: ଏହି ପାର୍ବଣ ଋତୁରେ ବିଶ୍ୱର ଅଗ୍ରଣୀ କ୍ଷୁଦ୍ର ଭିଡିଓ ପ୍ଲାଟଫର୍ମ ଟିକ୍‌ଟକ୍ ଏହାର ବ୍ୟବହାରକାରୀଙ୍କୁ ଦୀପାବଳୀ ପାଳନ କରିବା ଓ ସେମାନଙ୍କ ପ୍ରିୟ ଜନଙ୍କୁ ଏହାର ଶୁଭ କାମନା କରିବା ପାଇଁ ଏକ ସୃଜନଶୀଳ ମାର୍ଗ ପ୍ରଦାନ କରିଥିଲା। ଏହାର ବ୍ୟବହାରକାରୀଙ୍କ ଜୀବନର ସ୍ୱତନ୍ତ୍ର ମୂହୂର୍ତ୍ତଗୁଡ଼ିକୁ ଆହୁରି ଆନନ୍ଦମୟ କରିବା ପାଇଁ ଟିକ୍‌ଟକ୍ ଦୀପାବଳୀର ଏକ ଅଂଶ ଭାବରେ ଟିକ୍‌ଟକ୍ ଗୋଆଇବିବୋ ସହିତ ସହଯୋଗିତା କରିଛି, ଯେଉଁଥିରେ ସେ ଆକର୍ଷଣୀୟ ଭ୍ରମଣ ପ୍ୟାକେଜ୍ ପ୍ରଦାନ କରିଥିଲା। ଚଳିତ ବର୍ଷର ୧୯-୨୮ ଅକ୍ଟୋବର ପର୍ଯ୍ୟନ୍ତ ଏହି ୧୦ ଦିନର ଅଭିଯାନରେ ଟିକ୍‌ଟକ୍ ବ୍ୟବହାରକାରୀମାନେ ଟିକ୍‌ଟକ୍ ଦୀପାବଳୀ ବ୍ୟବହାର କରି ୧୧୮ ଲକ୍ଷ ଭିଡିଓ ସୃଷ୍ଟି କରି ସେୟାର କରିଥିଲେ, ଯାହା ଆପ୍‌ରେ ୧୬.୫ ବିଲିୟନରୁ ଉର୍ଦ୍ଧ୍ୱ ଭ୍ୟୁ ହାସଲ କରିପାରିଥିଲା । ଏହି ଐତିହାସିକ ସଫଳତାକୁ ଚିହ୍ନଟ କରିବା ପାଇଁ ଟିକ୍‌ଟକ୍ ବ୍ୟବହାରକାରୀମାନେ ଏକାକୀ ଦୀପାବଳି ଦିନ ୩.୩ ନିୟୁତ ଭିଡିଓ ଅପ୍‌ଲୋଡ଼ କରିଥିଲେ। ମୋଟ ଉପରେ ଟିକ୍‌ଟକ୍ ଦୀପାବଳି ଅଭିଯାନ ୧୫୦୦ରୁ ଅଧିକ ଲୋକପ୍ରିୟ ସୃଷ୍ଟିକର୍ତ୍ତା ଓ ୫୦ରୁ ଅଧିକ ସିନେ ତାରକା ସୃଷ୍ଟି କରିଛି, ଯେଉଁଥିରେ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍, ରିତେଶ ଓ ଜେନେଲିଆ ଦେଶମୁଖ, ରଣବିଜୟ ସିଂହ, କପିଲ ଶର୍ମା ପ୍ରମୁଖ ଏହି ପବିତ୍ର ଅବସରରେ ଭିଡିଓ ସେୟାର୍ କରି ଟିକ୍‌ଟକ୍ ବ୍ୟବହାରକାରୀଙ୍କୁ ଦୀପାବଳିର ଶୁଭକାମନା ଜଣାଇଥିଲେ। ଏହି ଅଭିଯାନର ଅଂଶ ଅନୁସାରେ ସବୁଠାରୁ ସୃଜନଶୀଳ ଗ୍ରିଟିଙ୍ଗ୍‌ସ ସୃଷ୍ଟି କରିଥିବା ବ୍ୟବହାରକରୀମାନେ ଗୋକ୍ୟାସ୍+ ପୁରସ୍କାର ପାଇଛନ୍ତି ଏବଂ ସେମାନଙ୍କୁ ଗୋଆଇବିବୋ ଦ୍ୱାରା ଘରୋଇ ଓ ଆନ୍ତର୍ଜାତୀୟ ଭ୍ରମଣ ପ୍ୟାକେଜ୍ ପ୍ରଦାନ କରାଯାଇଛି। ଏହି ସହଯୋଗିତା ୧୫୦ ଲକ୍ଷ ବ୍ୟବହାରକାରୀଙ୍କ ଅଂଶଗ୍ରହଣ ସୃଷ୍ଟି କରିଛି ଓ ୧୫ ଲକ୍ଷ ବ୍ୟବହାରକାରୀ ପୁରସ୍କାର ଭାବରେ ଗୋକ୍ୟାସ+ କୁପନ୍ ପାଇଛନ୍ତି।

ଅତିରିକ୍ତ ଭାବରେ, ଟିକ୍‌ଟକ୍ ଏହାର ବ୍ୟବହାରକାରୀଙ୍କୁ ନୂଆଦିଲ୍ଲୀର ଆମ୍ବିଏନ୍ସ ମଲ୍ ଓ ବସନ୍ତ କୁଞ୍ଜରେ ବର୍ଦ୍ଧିତ ବାସ୍ତବତା (ଏଆର୍) ପରିଚାଳନା ଅନୁଭୂତି ଜୋନ୍ ପ୍ରସ୍ତୁତ କରି ଏକ ନୂତନ ସୁଯୋଗ ପ୍ରଦାନ କରିଛି, ଯାହା ସେମାନେ ଆଗରୁ କେବେ ପାଇ ନଥିବେ। ଏହି ବୁଥ୍ ଅତ୍ୟନ୍ତ ଲୋକପ୍ରିୟ ହୋଇଛି, ଯେଉଁଠାରେ ବ୍ୟବହାରକାରୀମାନେ ସ୍ୱତନ୍ତ୍ର ଓ ନୂତନ ଗ୍ରିଟିଙ୍ଗ୍‌ସ ତିଆରି କରିବା ନିମନ୍ତେ ହାତ ବଢ଼ାଇଛନ୍ତି। ଟିକ୍‌ଟକ୍ ସହ ଜଡ଼ିତ ହୁଅନ୍ତୁ ଏବଂ ଇନ୍-ଆପ୍ ଅଭିଯାନ ରେ ଯୋଗ ଦେଇ ଏହାର ପ୍ରତିଭାଶୀଳ ଗ୍ରାହକମାନଙ୍କ ସଂପ୍ରସାରିତ ସମୁଦାୟର ଏକ ଅଂଶ ହୁଅନ୍ତୁ।





Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ସାଓମି ଇଣ୍ଡିଆ ପକ୍ଷରୁ ଏମ୍ଆଇ ଏ୩ର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଏକ ନମ୍ବର ସ୍ମାର୍ଟଫୋନ୍ ଓ ସ୍ମାର୍ଟ ଟିଭି ବ୍ରାଣ୍ଡ, ସାଓମି ଆଜି ଏମ୍ଆଇ ଏ୩ର ଘୋଷଣା କରିଛି, ଯାହା ବିଶ୍ୱର ସର୍ବୋଚ୍ଚ ରିଜୋଲ୍ୟୁସନ୍ କ୍ୟାମେରା ସଟ୍ ଅପ୍ ସହିତ ଆଣ୍ଡ୍ରଏଡ୍ ୱାନ୍ ପାୱାରଯୁକ୍ତ ଫୋନ୍‌ଗୁଡ଼ିକରେ ଅତ୍ୟାଧୁନିକ ସ୍ମାର୍ଟଫୋନ୍। ଏହା ଏମ୍ଆଇ ଏ୨ର ଉତ୍ତର ପିଢ଼ି, ଯାହା ପୂର୍ବରୁ ବିଶ୍ୱର ଏକ ନମ୍ବର ଆଣ୍ଡ୍ରଏଡ୍ ୱାନ୍ ସ୍ମାର୍ଟଫୋନ୍ ଭାବରେ ରହିଆସିଛି। ଏମ୍ଆଇ ଏ୩ ତିନୋଟି ରଙ୍ଗ କାଇଣ୍ଡ ଅଫ୍ ଗ୍ରେ, ନଟ୍ ଜଷ୍ଟ ବ୍ଲୁ ଓ ମୋର୍ ଦ୍ୟାନ୍ ହ୍ୱାଇଟ୍‌ରେ ଉପଲବ୍ଧ ହେଉଛି। ୪ଜିବି+୬୪ଜିବି ଭ୍ୟାରିଆଣ୍ଟ ମାତ୍ର ୧୨,୯୯୯ ଟଙ୍କାରେ ଓ ୬ଜିବି+୧୨୮ଜିବି ଭ୍ୟାରିଆଣ୍ଟ ମାତ୍ର ୧୫,୯୯୯ ଟଙ୍କାରେ ଉପଲବ୍ଧ ହେଉଛି। ଏମ୍ଆଇ ଏ୩ ଅଗଷ୍ଟ ୨୩ ମଧ୍ୟାହ୍ନ ୧୨ରୁ ଏମ୍ଆଇ.କମ୍, ଆମାଜୋନ୍ ଓ ଏମ୍ଆଇ ଷ୍ଟୋର୍‌ମାନଙ୍କରେ ଉପଲବ୍ଧ ହେଉଛି। ଏହା ମଧ୍ୟ ଅତିଶୀଘ୍ର ଅଫ୍‌ଲାଇନ୍ ଷ୍ଟୋର୍‌ମାନଙ୍କରେ ଉପଲବ୍ଧ ହେବ । ଏମ୍ଆଇ ଏ୩ ଏମ୍ଆଇ ଏ ସିରିଜ୍‌ର ଡିଜାଇନ୍‌ରେ ପରିବର୍ତ୍ତନ ଆଣିଛି। ଫଙ୍କସନାଲ୍ ଦୃଷ୍ଟିକୋଣକୁ ଆଖିରେ ରଖି ଏହା ଏକ ନୂତନ ଡିଜାଇନ୍ ଆଣିଛି, ଯାହା ଏମ୍ଆଇ ଏ୨କୁ ଏହି ସେଗ୍‌ମେଣ୍ଟରେ ସର୍ବୋତ୍କୃଷ୍ଟ ଫୋନ୍‌ମାନଙ୍କ ମଧ୍ୟରୁ ଗୋଟିଏ ଭାବେ ପରିଚିତ କରାଇଛି। ୧୨,୯୯୯ ଟଙ୍କାରେ ଆରମ୍ଭ ହେଉଥିବା ଏହି ସ୍ମାର୍ଟଫୋନ୍ କ୍ୱାଲକମ୍ ସ୍ନାପଡ୍ରାଗନ୍ ୬୬୫ ଚିପ୍‌ସେଟ୍, ଏକ ସୁପର୍ ଆମୋଲିଡ୍ ଡିସ୍‌ପ୍ଲେ, ଏକ ବିଶାଳ ୪୦୩୦ ଏମ୍ଏଏଚ୍ ବ୍ୟାଟେରୀ, ୪୮ ଏମ୍‌ପି ଟ୍ରିପଲ୍ କ୍ୟାମେରା ସେଟ୍ଅପ୍ ଓ ଏକ ଇନ୍‌ସ୍କ୍ରିନ୍ ଫିଙ୍ଗର ସ୍କାନର୍ ଭଳି ବୈଶିଷ୍ଟ୍ୟ ପ୍ରଦାନ କରୁଛି। ପ୍ରତ୍ୟେକ ଏମ୍ଆଇ ଏ ସିରିଜ୍ ସ୍ମାର୍ଟଫୋନ୍ ପରି ଏମ୍ଆଇ ଏ୩ ମଧ୍ୟ ଗୁଗୁଲ୍‌ର ଆଣ୍ଡ୍ରଏଡ୍ ୱାନ୍ ପ୍ରକଳ୍ପ ଦ୍ୱାରା ପରିଚାଳିତ ଏବଂ ବକ୍ସ ବାହାରେ ଏହା ଆଣ୍ଡ୍ରଏଡ୍ ୯ପାଇକୁ ଚଳାଏ। ରଘୁ ରେଡ୍ଡି, କାଟାଗୋରୀ ଆଣ୍ଡ ଅନ୍‌ଲାଇନ୍ ସେଲ୍ସ ମୁଖ୍ୟ, ସାଓମି ଇଣ୍ଡିଆ ପ୍ରକାଶ କରିଛନ୍ତି, 'ଏମ୍ଆଇ ଏ୩ ସହିତ ଆକର୍ଷଣୀୟ ବୈଶିଷ୍ଟ୍ୟମାନ ଥିବା ଆଉ ଏକ ଆଣ୍ଡ୍ରଏଡ୍ ୱାନ୍ ଫୋନ୍‌ର ଶୁଭାରମ୍ଭ କରି ଆମେ ଆମର ଏମ୍ଆଇ ପ୍ରଶଂସକମାନଙ୍କୁ ଉତ୍ସାହିତ କରିଛୁ। ଏମ୍ଆଇ ଏ୩ର ବିଭିନ୍ନ ଅଭିନବ ବୈଶିଷ୍ଟ୍ୟମାନଙ୍କ ମଧ୍ୟରେ ରହିଛି ଏକ ୪୮ ଏମ୍‌ପି ଆଇଏମ୍ଏକ୍ସ୫୮୬ ସେନ୍ସର୍ ଥିବା ପଛର ଟ୍ରିପଲ୍ କ୍ୟାମେରା।' ଜନ୍ ଗୋଲ୍ଡ, ପାର୍ଟନର୍ ପ୍ରୋଗ୍ରାମ୍ ନିର୍ଦ୍ଦେଶକ, ଗୁଗୁଲ୍ କହିଛନ୍ତି, 'ଏହି ବର୍ଷ ଆଣ୍ଡ୍ରଏଡ୍ ୱାନ୍ ଶୃଙ୍ଖଳରେ ଏକ ବୃହତ୍ ଡିଭାଇସ୍ ସଂଯୋଗ କରିବା ପଇଁ ସାଓମି ସହିତ ଆମର ସହବନ୍ଧିତାକୁ ସଂପ୍ରସାରିତ କରି ଆମେ ଖୁବ୍ ଉତ୍ସାହିତ।' ସେ ଆଉ ମଧ୍ୟ କହିଛନ୍ତି ଯେ, 'ସମସ୍ତ ନୂତନ ଏମ୍ଆଇ ଏ୩ ଏକ ଅପ୍-ଟୁ-ଡେଟ୍ ତଥା ସହଜରେ ବ୍ୟବହାର କରିହେଉଥିବା ଏକ ସଫ୍ଟୱେୟାର୍ ଅନୁଭୂତି ପ୍ରଦାନ କରିବ, ଯେଉଁଥିରେ ରହିଛି ବ୍ୟବହାରକାରୀଙ୍କୁ ସବୁବେଳେ ସୁରକ୍ଷିତ ରଖୁଥିବା ଇନ୍‌ବିଲ୍ଟ ମାଲ୍‌ୱେୟାର୍ ପ୍ରୋଟେକ୍ସନ୍ ଓ ନିୟମିତ ସିକ୍ୟୁରିଟି ଅପ୍‌ଡେଟ୍।'

## ମଧୁମେହ ଜନିତ ଅନ୍ଧତ୍ୱ ସଚେତନତା

ପୁରୀ: ପୁରୀ ସମୁଦ୍ରକୂଳ ଠାରେ ମଧୁମେହ ଜନିତ ଅନ୍ଧତ୍ୱ ଦୂରିକରଣ ସଂପର୍କରେ ଏକ ସଚେତନତା ପଦଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମଧୁମେହ ହେଲେ କିପରି ଆଖି ନଷ୍ଟ ହୁଏ ଓ ତାହାର କିପରି ଦୂରୀକରଣ କରାଯିବ, କେଉଁ ଖାଦ୍ୟ ଖାଇବ, କିପରି ଆଖି ଚିକିତ୍ସା କରିବ, ମଧୁମେହ ସଂପର୍କରେ କିପରି ସଚେତନ ହେବ ସେ ସଂପର୍କରେ ଡାକ୍ତରମାନେ ବୁଝାଇବା ସହ ସଚେତନ କରିଥିଲେ। ଚକ୍ଷୁର ଯତ୍ନ କିପରି ନେଲେ ଏହା ଦୀର୍ଘସ୍ଥାୟୀ ହୋଇପାରିବ ସେ ସଂପର୍କରେ ଅଧିକ ପ୍ରଚାରର ଆବଶ୍ୟକତା ରହିଛି । ଏହି ସଚେତନତା ଯାତ୍ରାକୁ ଶ୍ରୀଜଗନ୍ନାଥ ଧାମ ରୋଟାରୀକ୍ଲବ, ଇନରହୁଇଲ କ୍ଲବ, ଭାରତୀୟ ଭେଷଜ ସଂଘ ଦ୍ୱାରା ଆୟୋଜିତ କରାଯାଇଥିଲା । ୱାର୍କସ କ୍ଲବ ପୁରୀ ଏଥିରେ ସହଯୋଗ କରିଥିଲା । ଅନ୍ୟମାନଙ୍କ ମଧ୍ୟରେ ରୋଟାରୀକ୍ଲବର ସଭାପତି ରୋଟାରୀଆନ୍ ପ୍ରଦୀପ କୁମାର ନାୟକ, ସଭ୍ୟ ଦେବଦତ୍ତ ଷଡଙ୍ଗୀ, ଦେବରାଜ ପ୍ରଧାନ, ଡାକ୍ତର ବରେନ୍ ପଟ୍ଟନାୟକ, ଇନରହୁଇ କ୍ଲବର ସଭାପତି ଝରଣା ନାୟକ ଓ ସଂପାଦକ ନୀତୁ ଷଡଙ୍ଗୀ, ଡାକ୍ତର ବାମଦେବ ମହାନ୍ତି, ବାନାମ୍ବର ସେନାପତି ପ୍ରମୁଖ ଯୋଗଦେଇଥିଲେ ।

# ଭୁବନେଶ୍ୱର ଉପକଣ୍ଠ ଅଞ୍ଚଳର ବିକାଶ ପାଇଁ ସରପଞ୍ଚଙ୍କ ଜନଶୁଣାଣି



ସୁନ୍ଦରପଦା : ଗତକାଲି ହାଇଟେକ ପ୍ଲାଜା ସଭାକକ୍ଷରେ ଭୁବନେଶ୍ୱର ଉପକଣ୍ଠ ବିକାଶ ମଞ୍ଚ (ଦକ୍ଷିଣ) ଦ୍ୱାରା ଆୟୋଜିତ ପଧାନସାହି ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ଉପସ୍ଥିତିରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ସୂଚନା ଥାଉକି ଓରକଳ ବୋଡଣ୍ଡା ସମେତ ପଧାନସାହି ଗ୍ରାମ ପଞ୍ଚାୟତ ଅଂଚଳରେ ଗଢି ଉଠିଥିବା ଆପାର୍ଟମେଣ୍ଟ ,ଡୁପ୍ଲେକ୍ସ ସମୁହର ବାସୀନ୍ଦାମାନେ ରାଜ୍ୟର ବିଭିନ୍ନ ଅଂଚଳରୁ ଆସି ସ୍ଥାୟୀ ଭାବେ ବସବାସ କରିବାକୁ ମନସ୍ଥ କରି ରହୁଥିବା ବେଳେ ସମସ୍ତ ନାଗରିକ ସୁବିଧାରୁ ବଂଚିତ ରହି ଜୀବନ ଯାପନ କରିବାକୁ ବାଧ ହେଉଛନ୍ତି। ଧିରେ ଧିରେ ଏ ଅଂଚଳର ଜନବସତି ବଢିବା ସହିତ ସମସ୍ୟାବହୁଳ ହେବାକୁ ଯାଉଛି। ନା ଗ୍ରାମ ପଞ୍ଚାୟତର ସୁବିଧା ମିଳୁଛି କିମ୍ବା ଭୁବନେଶ୍ୱର ମୁନିସିପାଲିଟି ର।ଏଠାରେ ଜନ ଅସନ୍ତୋଷ ବଢୁଥିବା ସମସ୍ୟାଗୁଡିକ,ମୁଖ୍ୟତଃ -ସୁନ୍ଦରପଦା ଜଟଣି ରାସ୍ତାର ପ୍ରସସ୍ତିକରଣ, ରାସ୍ତା ଆଲୋକୀକରଣ,ଏକ ଫାଣ୍ଡି ସ୍ଥାପନା,ସ୍ୱାସ୍ଥ୍ୟସେବା,ସଫେଇ କାର୍ଯ୍ୟକ୍ରମ, ଡ୍ରେନେଜ ସୁବିଧା, ସର୍ବସାଧାରଣ କଲ୍ୟାଣ ମଣ୍ଡପ, ଶବ ସତ୍କାର ବ୍ୟବସ୍ଥା ଆଦି ଦାବୀକୁ ନେଇ ଉକ୍ତ ସାଧାରଣ ବୈଠକ ମତାମତ ଗ୍ରହଣ କରାଯାଇଛି। ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ସୁଚରିତା ପାଇକରାୟ ଏହି ଜନ ଶୁଣାଣିରେ ଉପସ୍ଥିତ ରହି ସମସ୍ତ ସମସ୍ୟାକୁ ହୃଦୟଙ୍ଗମ କରି ଏ ସବୁ ସମସ୍ୟାର ସମାଧାନ ନିମନ୍ତେ ସରକାରଙ୍କୁ ଅବଗତ କରାଇବେ ବୋଲି ପ୍ରତିଶୃତି ଦେଇଛନ୍ତି। ବିକାଶ ମଞ୍ଚ ତରଫରୁ ଏକ ୬ ଦଫା ଦାବୀର ଏକ ସ୍ମାରକ ପତ୍ର ମଧ୍ୟ ସରପଞ୍ଚଙ୍କୁ ପ୍ରଦାନ କରାଯାଇଛି। ସର୍ବ ସମ୍ମତି କ୍ରମେ "ଭୁବନେଶ୍ୱର ଉପକଣ୍ଠ ବିକାଶ ମଞ୍ଚ ନାମକ ସଂଗଠନ ଗଠିତ ହୋଇ ବିଧିବଦ୍ଧଭାବେ ଏହାର କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ଶ୍ରୀ ବିଦ୍ୟାଧର ସାହୁ ସଭାପତି, ସର୍ବେଶ୍ୱର ମହାନ୍ତି, ବୀଣାପାଣୀ ଜୟସିଂ,ପ୍ରଦୀପ୍ତ କୁମାର ମହାନ୍ତି -ଉପସଭାପତି ରଜନୀକାନ୍ତ ସାମନ୍ତରାୟ, ସାଧାରଣ ସଂପାଦକ ଏବଂ ବିଏସକେ ଛୋଟରାୟ କୋଷାଧକ୍ଷ, ସନ୍ତୋଷ ମହାପାତ୍ର, ଶ୍ରୀମତୀ ସୁମିତ୍ରା ରଥ, ଶ୍ରୀମତୀ ପୁଷ୍ପିତା ପଣ୍ଡା ଯୁଗ୍ମ ସଂପାଦକ,ଭାବେ ନିର୍ବାଚିତ ହେବାବେଳେ ରବି ନାରାୟଣ ରାଉତ, ଗୋକୁଳ ଚନ୍ଦ୍ର ମହାପାତ୍ର, କୃଷ୍ଣଚନ୍ଦ୍ର ବେହେରା,ସୁଜିତ କୁମାର ମିଶ୍ର, ଅଜୟକୁମାର ମଲ୍ଲିକ, ଆଲୋକ କୁମାର ବେହେରା ଏବଂ ଏପି ବଲିଆର ସିଂ ପ୍ରମୁଖ କାର୍ଯ୍ୟକାରି ସଦସ୍ୟ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିନୋଦ କୁମାର ପଣ୍ଡା ଏବଂ ଏସ୍ ସାମନ୍ତରାୟ ସଂଗଠନର ଉପଦେଷ୍ଟା ଭାବେ ସାହାଯ୍ୟ କରିବେ ବୋଲି ମତ ବ୍ୟକ୍ତ କରିଛନ୍ତି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ପ୍ରାୟ ସବୁ ଆପାର୍ଟମେଣ୍ଟ ବାସୀନ୍ଦା ପ୍ରତିନିଧିତ୍ୱ କରିଛନ୍ତି ଏବଂ ଆଗକୁ ସମସ୍ତେ ଏକ ମନୋଭାବ ରଖି ସାମୁହିକ ବିକାଶ କାର୍ଯ୍ୟରେ ହାତ ବଢାଇବେ ବୋଲି ସଂକଳ୍ପ ଗ୍ରହଣ କଲେ।

# ନୂତନ ବିଏମଡ଼ବ୍ଲ୍ୟୁ ୩ ସିରିଜ୍‌ର ଶୁଭାରମ୍ଭ

ଭୁବନେଶ୍ୱର: ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍, ବିଶ୍ୱର ସବୁଠାରୁ ଅଗ୍ରଣୀ ଆଇକନିକ ସ୍ପୋର୍ଟସ ସେଡାନର କ୍ଷମତାଶାଳୀ ସପ୍ତମ ଜେନେରେସନ, ଆଜି ଗୁରୁଗ୍ରାମରେ ଥ୍ରିଲ୍ ସିଟିରେ ଶୁଭାରମ୍ଭ କରାଯାଇଛି । ଆଞ୍ଚଳିକ ରୂପେ ବିଏମଡବ୍ଲ୍ୟୁ ଗ୍ରୁପ୍ ପ୍ଲାଣ୍ଟ ଚେନ୍ନାଇରେ ଉତ୍ପାଦିତ ହେଉଥିବା ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍ ବର୍ତ୍ତମାନ ସମ୍ପୂର୍ଣ୍ଣ ଭାରତରେ ଡ଼ିଜେଲ ଏବଂ ପେଟ୍ରୋଲ ଭାରିଆଣ୍ଟରେ ସମସ୍ତ ବିଏମଡବ୍ଲ୍ୟୁ ଡ଼ିଲରସିପ ଗୁଡ଼ିକରେ ଉପଲବ୍ଧ ହେଉଛି । ଏହି ଅବସରରେ ବିଏମଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର, ସିଇଓ, ଶ୍ରୀଯୁକ୍ତ ରୁଦ୍ରତେଜ୍ ସିଂ କହିଛନ୍ତି ଯେ, 'ବିଏମଡବ୍ଲ୍ୟୁ ୩ ସିରିଜ୍ ଏକ ଅଲ୍ଟିମେଟ ସ୍ପୋର୍ଟସ ସେଡାନ୍ ହିସାବରେ ଚାରି ବର୍ଷରୁ ଅଧିକ ଦସନ୍ଧିଧରି ସିୟର ଡ୍ରାଇଭିଂ ପ୍ଲେଜର ରହିଆସିଛି । ଏହାର ନୂତନ ବୈଶିଷ୍ଟ୍ୟ ସହ ଏହି ୩ ପୁଣିଥରେ ନିଜକୁ ପ୍ରମାଣିତ କରିପାରଛି ! ନୂତନ ଡ଼ିଜାଇନ, ଅଧିକ ସ୍ଥାନ, ଉନ୍ନତ ଆଭ୍ୟ'ର ଏବଂ ଏପରିକି ପରିଚାଳନା ଏହାକୁ ଅଧିକ ଉତ୍କୃଷ୍ଟ କରିପାରଛି । ରୋମାଞ୍ଚକ ଅନୁଭୂତି ପାଇଁ ପ୍ରସ୍ତୁତ ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍ ଚାଳକ କୈନ୍ଦ୍ରିକ ଜ୍ଞାନକୌଶଳରେ ସମୃଦ୍ଧ ଯାହାକି ଅତୁଳନୀୟ ଚାଳନା ଅନୁଭୂତି ପ୍ରଦାନ କରେ ଏବଂ ଏଥିରେ ଥିବା ଅଟୋମୋବାଇଲ ରାସ୍ତାର ପ୍ରତ୍ୟକ୍ଷ ଘଟଣାର ସୂଚନା ପ୍ରଦାନ କରେ । ଶୁଭାରମ୍ଭ ପାଇଁ ସ୍ୱତନ୍ତ୍ର ରୂପେ ତିଆରି ହୋଇଥିବା ଉକ୍ତ ଗାଡ଼ି ଉଚ୍ଚ ସହରୀକରଣ, ଉନ୍ନତ ଏବଂ ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍‌ର ବ୍ୟକ୍ତିତ୍ୱକୁ ପ୍ରଦର୍ଶନ କରୁଛି ।'ସମ୍ପୂର୍ଣ୍ଣ ନୂତନ ବିଏମଡବ୍ଲ୍ୟୁ ୩ ସିରିଜ୍ ଦୁଇଟି ଡ଼ିଜେଲ ଭାରିଆଣ୍ଟରେ ଶୋରୁମ ମୂଲ୍ୟ ଯଥାକ୍ରମେ ବିଏମଡବ୍ଲ୍ୟୁ ୩୨୦ଡି ସ୍ପୋର୍ଟ ମାତ୍ର ୪୧,୪୦,୦୦୦ ଟଙ୍କାରେ ଏବଂ ବିଏମଡବ୍ଲ୍ୟୁ ୩୨୦ଡି ଲକ୍ଜୁରୀ ଲାଇନ୍ ମାତ୍ର ୪୬,୯୦,୦୦୦ ଟଙ୍କାରେ ଉପଲବ୍ଧ ହେଉଥିବାବେଳେ ଏହାର ପେଟ୍ରୋଲ ଭାରିଆଣ୍ଟ ବିଏମଡବ୍ଲ୍ୟୁ ୩୩୦ଆଇ ସ୍ପୋର୍ଟର ଶୋରୁମ ମୂଲ୍ୟ ଯଥାକ୍ରମେ ୪୭,୯୦,୦୦୦ଟଙ୍କା ରହିଛି ଯାହାକି ଆଞ୍ଚଳିକ ରୂପେ ଉତ୍ପାଦିତ ହେଉଛି ।

# ବାଟଲା ହାଉସ୍ ଏବଂ ସୁପର ୩୦ର ଅଭିନେତ୍ରୀ ମୃଣାଲ ଠାକୁର ନିଜ ଫିଟ୍‌ନେସ୍‌ର ଶ୍ରେୟ ହ୍ରିତିକ ରୋଶନ ଏବଂ ଜନ୍ ଆବ୍ରାହମଙ୍କୁ ଦେଇଛନ୍ତି

ଭୁବନେଶ୍ୱର : ସୁନ୍ଦରୀ ଅଭିନେତ୍ରୀ ମୃଣାଲ ଠାକୁର ଯିଏକି ବାଟଲା ହାଉସ୍ ଏବଂ ସୁପର ୩୦ ହିନ୍ଦି ଚଳଚିତ୍ର ମାଧ୍ୟମରେ ସଫଳତାର ଶୀର୍ଷରେ ପହଂଚିଛନ୍ତି। ନିଜର ଅଭିନୟ କୌଶଳ ଏବଂ ନିଖୁଣ ତ୍ୱଚା ପାଇଁ ପ୍ରଶଂସାର ପାତ୍ରି ହୋଇଛନ୍ତି । ଟାଟା ସ୍କାଏ ଫିଟ୍‌ନେସ୍ ର ଫିଟ ଏବଂ ଫେମସ ଚାଟ୍ ସୋ ରେ ମୃଣାଲ ଠାକୁର ନିଜର ଫିଟନେସର ସିକ୍ରେଟ ବିଷୟରେ ସୁଚନା ଦେଇଛନ୍ତି ଏବଂ କିଭଳି ହ୍ରିତିକ ରୋଶନ ଏବଂ ଜନ୍ ଆବ୍ରାହମ ତାଙ୍କ ପରି ଦୀର୍ଘମିଆଦି ସ୍ୱାସ୍ଥ୍ୟ କୁ ଆପଣେଇବା ପାଇଁ ପରାମର୍ଶ ଦେଇଛନ୍ତି । ନିଜର ଫିଟନେସ ବିଷୟରେ ସୁଚନା ଦେଇ ମୃଣାଲ ଠାକୁର କହିଛନ୍ତି ଯେ ସୁଟିଙ୍ଗ ସେଟରେ ବ୍ୟସ୍ତ ଥାଇ ମଧ୍ୟ ସେ କିଭଳି ନିଜର ଖାଦ୍ୟ ପେୟରେ ସଂନ୍ତୁଳନ ରକ୍ଷା କରନ୍ତି ଏବଂ ସେ ଆହୁରି ମଧ୍ୟ କହିଛନ୍ତି ଯେ ହ୍ରିତିକ ରୋଶନ ଏବଂ ଜନ୍ ଆବ୍ରାହମ ଦୁଇଜଣ ଗୋଟିଏ ମନ୍ତ୍ର କୁ ପାଳନ କରିଥାନ୍ତି- ଖାଦ୍ୟପେୟ ଫିଟନେସର ମୁଖ୍ୟ ଆବଶ୍ୟକୀୟ ଅଂଶ ଅଟେ । ସେ ମଧ୍ୟ ସୁଟିଙ୍ଗ ସେଟରେ ଜାଣିବାକୁ ପାଇଲେ ହ୍ରିତିକ ରୋଶନ ନିଜର ଫିଟନେସ ପାଇଁ ଖୁବ ସମର୍ପିତ ସୁପର ୩୦ରେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ୭କେଜି ଓଜନ କମାଇବାର ଥିଲା ଏବଂ ସେଥିପାଇଁ ସେ ସିଝା ବ୍ରୋକୋଲି ଏବଂ ଚିକେନ ବିନା ଲୁଣରେ ଖାଉଥିଲେ । ଯେତେବେଳେ ସେ ଟାଇମ ପାଉଥିଲେ ସଙ୍ଗେ ସଙ୍ଗେ ସେ ଜିମ୍‌ରେ ଯୋଗ ଦେଉଥିଲେ । ତାଙ୍କର ନିଜର ଫିଟନେସ ପ୍ରତି ସମର୍ପଣ, ମତେ ବେଶ୍ ପ୍ରଭାବିତ କରିଥିଲା ତାଙ୍କ ପରି ହେବାକୁ। ଏହା ଛଡା ମୃଣାଲ ଠାକୁର ଆହୁରି ମଧ୍ୟ କହିଛନ୍ତି ବାଟଲା ହାଉସ୍ ରେ ନିଜର ସହଯୋଗୀ ଷ୍ଟାର ଜନ୍ ଆବ୍ରାହମ ସବୁବେଳେ ସୁଟିଙ୍ଗ ସେଟରେ ବହୁତ ଗୁଡିଏ ଫିଟନେସ ଟିପସ୍ ଦେଇଥାନ୍ତି । ଏହି ଦୁଇ ଜଣ ଙ୍କ ଠାରୁ ଫିଟନେସ୍ ବାବଦରେ ଏକ ଗୁରୁତ୍ୱପୂର୍ଣ୍ଣ ଟିପସ୍ ପାଇଲି ଯେ ଫିଟନେସ ପାଇଁ ସବୁବେଳେ ଭଲ ଏବଂ ସୁଷମ ଖାଦ୍ୟ ଖାଇବା ଜରୁରି ଅଟେ । ଆସନ୍ତା ୧ ସେପ୍ଟେମ୍ବର ୨୦୧୯ ରେ ମୃଣାଲ ଠାକୁର ଙ୍କ ଇଂଟରଭ୍ୟୁ ଟାଟା ସ୍କାଏ ଫିଟନେସ ସେସନରେ ପ୍ରସାରିତ ହେବ। ଏହାଛଡା ଟାଟା ସ୍କାଏ ମୋବାଇଲ ଆପ ମାଧ୍ୟମରେ ମଧ୍ୟ କୌଣସି ଠାରେ କୌଣସି ସମୟରେ ଫିଟନେସ ବାବଦରେ ତଥ୍ୟ ପାଇପାରିବେ ।

# ଭୁବନେଶ୍ୱର ଫେରିଲା ରେଡ୍ ଏଫ୍ଏମର କଲେଜ କେ ଟସନବାଜ୍

ଭୁବନେଶ୍ୱର: ଭାରତର ସର୍ବବୃହତ ତଥା ସର୍ବାଧିକ ପୁରସ୍କାର ପାଇଥିବା ୯୩.୫ ରେଡ୍ ଏଫ୍ଏମ୍ ପୁଣି ଥରେ ଭୁବନେଶ୍ୱରକୁ ଫେରାଇ ଆଣିଛି 'କଲେଜ କେ ଟସନବାଜ୍' କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମ ଜରିଆରେ କଂପାନି କଲେଜର ଶ୍ରେଷ୍ଠ ପ୍ରତିଭାମାନଙ୍କ ପ୍ରସାର କରୁଛି। ଏହି ଅଭିଯାନ ୨୭ଟି ସହରର ବିଭିନ୍ନ କଲେଜରେ ଅନୁଷ୍ଠିତ ହେବ। ରେଡ୍ ଏଫ୍ଏମ୍ ପକ୍ଷରୁ ଦ୍ୱିତୀୟ ଶ୍ରେଣୀ ସହରର କଲେଜ ଛାତ୍ରଛାତ୍ରୀଙ୍କୁ ସାରା କଲେଜ ସମ୍ମୁଖରେ ସେମାନଙ୍କ ନୃତ୍ୟ, ଗୀତ ଏବଂ ଅଭିନୟ ପ୍ରତିଭାକୁ ପ୍ରଦର୍ଶନ କରିବାର ସୁଯୋଗ ପ୍ରଦାନ କରିବ। ରେଡ୍ ଏଫ୍ଏମର ମୋବାଇଲ୍ ସେଂଟର ପ୍ରତି ସହରର ଶ୍ରେଷ୍ଠ ୧୦-୧୫ କଲେଜରେ ପହଂଚି ବିଚାରକ ମଣ୍ଡଳୀଙ୍କ ସାମ୍ନାରେ ଶତାଧିକ ଛାତ୍ରଛାତ୍ରୀଙ୍କ ଅଡିସନ କରାଉଛି। ଛାତ୍ରଛାତ୍ରୀମାନେ ଏସଏମଏସ ଜରିଆରେ ପଂଜୀକରଣ କରିପାରିବେ ଏବଂ ସେମାନଙ୍କ ପ୍ରତିଭା, ଷ୍ଟେଜ୍ ଉପରେ ଅଭିନୟ ଓ ଏକ୍ସ ଫ୍ୟାକ୍ଟରକୁ ନେଇ ସେମାନଙ୍କୁ ଚୟନ କରାଯିବ। ଏହି ଅଭିଯାନରେ କଂପାନି ପକ୍ଷରୁ ଭୁବନେଶ୍ୱର ସମେତ ଦେଶର ପ୍ରମୁଖ ସହର ଯଥା ଭୋପାଲ, ଅମୃତସର, ଲକ୍ଷ୍ନୌ, କାନପୁର, ବାରାଣାସୀ, ଡେରାଡୁନ, ଆହ୍ଲାବାଦ, ଜୟପୁର, ଯୋଦ୍ଧପୁର, ସିଲିଗୁଡ଼ି, ଆସାନସୋଲ, ଗୌହ୍ୱାଟି, ପାଟନା, ଜାମସେଦପୁର, ଅହମ୍ମଦାବାଦ, ସୁରଟ, ବରୋଦା, ରାଜକୋଟ, ପୁନେ, ନାଗପୁର, ନାସିକ, ଔରଙ୍ଗାବାଦ ଓ ଜମ୍ମୁରେ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ଚୟନ କରାଯିବ। ଏହି ଅଭିଯାନ ସଂପର୍କରେ ମିସ୍ ନିଶା ନାରାୟଣନ, ସିଓଓ ଓ ନିର୍ଦ୍ଦେଶିକା, ରେଡ୍ ଏଫ୍ଏମ୍ ଓ ମ୍ୟାଜିକ୍ ଏଫ୍ଏମ୍ କହିଛନ୍ତି ଯେ, 'ରେଡ୍ଏଫ୍ ହେଉଛି ଏକ ଯୁବ କୈନ୍ଦ୍ରୀକ ବ୍ରାଣ୍ଡ୍ ଏବଂ ଏହି ଅଭିଯାନ ସେମାନଙ୍କ ସହିତ କଂପାନିର ସମ୍ପର୍କକୁ ଆହୁରି ଦୃଢ଼ କରିବ।

# ମୋଟୋରୋଲା ୱାନ୍ ଆକ୍ସନ୍‌ର ଶୁଭାରମ୍ଭ

ଭୁବନେଶ୍ୱର: ମୋଟୋରୋଲା ପକ୍ଷରୁ ଭାରତରେ ଏହାର ମୋଟୋରୋଲା ୱାନ୍ ଆକ୍ସନ୍‌ର ଉପଲବ୍ଧତା ଘୋଷଣା କରାଯାଇଛି । ମୋଟୋରୋଲା ପରିବାରରେ ହୋଇଥିବା ଏହି ନୂତନ ସଂଯୋଗ, ଗ୍ରାହକମାନଙ୍କୁ ସେମାନଙ୍କ ଦୁନିଆକୁ କ୍ୟାପ୍‌ଚର୍ କରିବାକୁ ଓ ଏହାକୁ ଏକ ବୃହତ ସ୍କ୍ରିନ୍‌ରେ ଦେଖିବା ନିମନ୍ତେ ସୁଯୋଗ ପ୍ରଦାନ କରୁଛି। ମୋଟୋରୋଲା ୱାନ୍ ଆକ୍ସନ୍ ବ୍ୟବହାରକାରୀଙ୍କୁ ଏକ ସ୍ମାର୍ଟ ଓ ସୁରକ୍ଷିତ ଆଣ୍ଡ୍ରଏଡ୍ ୱାନ୍ ସଫ୍ଟୱେୟାର ଅନୁଭୂତି ପ୍ରଦାନ କରୁଛି। ମୋଟୋରୋଲା ୱାନ୍ ଆକ୍ସନ୍‌ର ଆକର୍ଷଣୀୟ ଡେନିମ୍ ବ୍ଲୁ ଭ୍ୟାରିଆଣ୍ଟର ବିକ୍ରି ଫ୍ଲିପ୍‌କାର୍ଟରେ ଅଗଷ୍ଟ ୩୦ ମଧ୍ୟାହ୍ନ ୧୨ଟାରୁ ଉପଲବ୍ଧ ହେଉଛି। ଫ୍ଲିପ୍‌କାର୍ଟ ଓ ଜିଓ ବ୍ୟବହାରକାରୀଙ୍କ ପାଇଁ ଚମତ୍କାର ଶୁଭାରମ୍ଭ ଅଫର୍ ସହିତ ମୋଟୋରୋଲା ୱାନ୍ ଆକ୍ସନ୍‌ର ମୂଲ୍ୟ ୧୩,୯୯୯ଟଙ୍କା ରହିଛି । ମୋଟୋରୋଲା ୱାନ୍ ଆକ୍ସନ୍ ହେଉଛି ଇଣ୍ଡଷ୍ଟ୍ରିର ପ୍ରଥମ ଅଲଟ୍ରା-ୱାଇଡ଼ ଆକ୍ସନ୍ କ୍ୟାମେରା, ଯେଉଁଥିରେ ଗ୍ରାହକମାନେ ଫୋନ୍‌କୁ ଭୂଲମ୍ବ ଭାବେ ଧରି ମଧ୍ୟ ଲ୍ୟାଣ୍ଡସ୍କେପ୍‌ରେ ଭିଡିଓ ସୁଟ୍ କରିପାରିବେ। ଗ୍ରାହକଙ୍କ ଭିଡିଓ ଗୁଡ଼ିକୁ ସୁନ୍ଦର ଚିତ୍ରଗୁଡ଼ିକ ସହାୟତା ପ୍ରଦାନ କରିବ। ସେଥିପାଇଁ ମୋଟୋରୋଲା ୱାନ୍ ଆକ୍ସନ୍‌ର ଟ୍ରିପଲ୍ କ୍ୟାମେରା ସିଷ୍ଟମ୍‌କୁ ଧନ୍ୟବାଦ। ଏଥିରେ ରହିଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେଣ୍ଟ (ଏଆଇ), ଯାହାଦ୍ୱାରା ଗ୍ରାହକମାନେ ଫୋଲ୍ଡ ନକରି ସେମାନଙ୍କ କାହାଣୀକୁ ବ୍ରେଥ୍‌ଟେକିଂ ୨୧:୯ କ୍ୟାମେରା ଭିଜନ୍ ଡିସ୍‌ପ୍ଲେରେ ଦେଖିପାରିବେ। ଏହା ଏକ ଆକର୍ଷଣୀୟ ଡିଜାଇନ୍, ଯାହା ଧରିବା ଓ ହାତରେ ବ୍ୟବହାର କରିବାକୁ ସହଜ କରିଥାଏ।ମୋଟୋରୋଲା ୱାନ୍ ଆକ୍ସନ୍‌ର ଟ୍ରିପଲ୍ କ୍ୟାମେରା ସେଟ୍ ଅପ୍ ହେଉଛି ଇଣ୍ଡଷ୍ଟ୍ରିର ପ୍ରଥମ ୧୧୭° ଅଲ୍‌ଟ୍ରା-ୱାଇଡ୍ ଆକ୍ସନ୍ ଭିଡିଓ କ୍ୟାମେରା, ଯାହାଦ୍ୱାରା ଗ୍ରାହକମାନେ ଫ୍ରେମ୍‌ରେ ଚାରି ଗୁଣ ଅଧିକ ଫିଟ୍ ହେଉଥିବା ଉତ୍କର୍ଷ ପ୍ରଦାନକାରି ଭିଡିଓ ରେକର୍ଡ କରିପାରିବେ। ହାର୍ଡୱେୟାର୍ ଓ ସଫ୍ଟୱେୟାର୍ ଆବିଷ୍କାରର ଏକ ସ୍ୱତନ୍ତ୍ର ମିଶ୍ରଣ ମାଧ୍ୟମରେ, ମୋଟୋରୋଲା ଫୋନ୍‌କୁ ଭୂଲମ୍ବ ଭାବେ ଧରି ମଧ୍ୟ ଅଲଟ୍ରା-ୱାଇଡ଼ ଭିଡିଓ ସୁଟ୍ କରି ଫିଲ୍ମକୁ ଚମତ୍କାର କରାଇବାରେ ସକ୍ଷମ କରାଉଛି। ଏହା ପରିଶେଷର କଥା ନୁହେଁ ଯେ, ୨.୦ ମ୍ୟୁଏମ୍ ପିକ୍ସେଲ୍ ଜ୍ଞାନକୌଶଳ ତୀକ୍ଷ୍ଣତା ପାଇଁ ଚାରି ଗୁଣ ଅଧିକ ଆଲୋକ ସୂକ୍ଷ୍ମତା ସହିତ ଯେକୌଣସି ପରିସ୍ଥିତିରେ ବ୍ରାଇଟର୍ ଭିଡିଓ ପ୍ରଦାନ କରୁଛି।

## ବୌଦ୍ଧରେ ଆରମ୍ଭ ହେବ ଚାଇଲ୍ଡ ଲାଇନ୍ ସେବା

ବୌଦ୍ଧ: ବୌଦ୍ଧ ଜିଲା ସମେତ ଓଡିଶାର ୬ ଟି ଜିଲାରେ ଖୁବ୍ ଶିଘ୍ର ଆରମ୍ଭ ହେବାକୁ ଯାଉଛି ଚାଇଲ୍ଡ ଲାଇନ ସେବା । ଏ ନେଇ ଜିଲାରେ ଶିଶୁ ସୁରକ୍ଷା ଉପରେ କାମ କରୁଥିବା ଅଂଶୀଦାରମାନଙ୍କୁ ନେଇ ଏକ ସମନ୍ୱୟ ବୈଠକ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଯୋଗଦେଇ ଜିଲାପାଳ ଜିଲାର ଜନଗହଳିପୂର୍ଣ୍ଣ ସ୍ଥାନ ଏବଂ ସ୍କୁଲ କାନ୍ଥମାନଙ୍କରେ ଚାଇଲ୍ଡ ଲାଇନ ୧୦୯୮ ବିଷୟରେ ସୂଚନା ଲେଖାଯିବାର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଓ ଶିଶୁମାନଙ୍କୁ ସମସ୍ତ ପ୍ରକାର ନିର୍ଯ୍ୟାତନାରୁ ସୁରକ୍ଷା ଦେବାପାଇଁ ସମସ୍ତ ଅଧିକାରୀଙ୍କୁ ଯତ୍ନବାନ ହେବାପାଇଁ କହିଥିଲେ ।

# କର୍ଣ୍ଣାଟକ ରେଟିଂ ଫ୍ରେମୱାର୍କର ଶୀର୍ଷରେ ମଣିପାଲ ଏକାଡେମୀ ଅଫ ହାୟର ଏଜୁକେଶନ



ଭୁବନେଶ୍ୱର : ମଣିପାଲ ଏକାଡେମୀ ଅଫ ହାୟର ଏଜୁକେଶନ କର୍ଣ୍ଣାଟକ ର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ରୁପେ କର୍ଣ୍ଣାଟକ ରେଟିଂ ଫ୍ରେମୱାର୍କ ୨୦୧୮-୧୯ ଦ୍ୱାରା ଯୋଗ୍ୟ ବିବେଚିତ ହୋଇଛି । ଏହି ସମ୍ମାନ ଦ୍ୱିତୀୟ ଥର ପାଇଁ ମଣିପାଲ ଏକାଡେମୀ କୁ ମିଳିଛି । ମଣିପାଲ ଏକାଡେମୀ ର ପ୍ରୋ ଚାନସେଲର ଡଃ ଏଚ ଏସ ବଲ୍ଲାଲ ଓ ଗୁଣବତା ନିର୍ଦ୍ଦେଶକ ଡଃ କ୍ରିଷ୍ଟୋଫର ସୁଧାକର ଏକ ସମାରୋହରେ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଡଃ ସି ଅଶ୍ୱଥ ନାରାୟଣ ଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ବାଙ୍ଗାଲୁରୁ ଠାରେ ଉଚ୍ଚଶିକ୍ଷା ବିଭାଗ ଓ କର୍ଣ୍ଣାଟକ ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଦ୍ୱାରା ମଙ୍ଗଳବାର ଦିନ ଏହି ରେଟିଂ ପ୍ରକାଶ କରାଯାଇଥିଲା । ଏମ୍ଏଏଚ୍ଇ ୧୦୦୦ରୁ ୮୪୧ ସ୍କୋର ପାଇଛି । ଏହି ରେଟିଂରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ ମାନଙ୍କ ବ୍ୟାପକ ମୂଲ୍ୟାୟନ କରାଯାଇଛି। ଏଥିରେ ରାଜ୍ୟ ପ୍ରାଇଭେଟ ଓ ଡିମଡ୍ ବିଶ୍ୱବିଦ୍ୟାଳୟ ସାମିଲ ।ଏହି ସର୍ଭେ ଇଣ୍ଡିଆନ ସେଂଟର ରେ ଏକାଡେମିକ ଏକ୍ସେଲେନ୍ସ ର ଅନୁସନ୍ଧାନଓ ବିଶ୍ଲେଷଣ ବିଭାଗ ଦ୍ୱାରା କରାଯାଇଛି। ପ୍ରୋ ଚାନସେଲର ଡଃ ବଲ୍ଲାଲ କହିଛନ୍ତି, 'ଏମ୍ଏଏଚ୍ଇ ସବୁ ବିଶ୍ୱବିଦ୍ୟାଳୟ ମାନଙ୍କ ମଧ୍ୟରେ ଶୀର୍ଷରେ ଥିବାରୁ ଏବଂ ୫ଟି ତାରକା ପାଇଥିବାରୁ ଆମେ ଗର୍ବିତ । ଆମକୁ ଏହି ସ୍ଥାନ ବଜାୟ ରଖିବା ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକ ଙ୍କୁ କଠିନ ପରିଶ୍ରମ କରିବାକୁ ହେବ ।'ଏନ୍ଆଇଆରଏଫ୍ ର୍‌ୟାକିଂ ଢଂଚାରେ କର୍ଣ୍ଣାଟକ ଷ୍ଟେଟ ୟୁନିଭର୍ସିଟି ରେଟିଂ ଫ୍ରେମୱାର୍କ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟରେ ଗୁଣବତା ମୁଲ୍ୟାଙ୍କନ କରିଥାଏ । ଏନ୍ଆଇଆରଏଫ୍ ରାଷ୍ଟ୍ରୀୟ ର୍‌ୟାକିଂ ରେ ମଣିପାଲ ଏକାଡେମୀ କୁ ୯ମ ସ୍ଥାନ ମିଳିଥିଲା । ଏକାଧିକ ଅନ୍ୟ ର୍‌ୟାକିଂ ଏଜେନ୍ସି ମଧ୍ୟ ୨୦୧୯ ରେ ପ୍ରସ୍ତୁତ ସର୍ଭେ ଅନୁସାରେ ମଣିପାଲ ଏକାଡେମୀ କୁ ୪ର୍ଥ ଥର ପାଇଁ ଦେଶର ଶ୍ରେଷ୍ଠ ପ୍ରାଇଭେଟ୍ ବିଶ୍ୱବିଦ୍ୟାଳୟ ବିବେଚନା କରିଛନ୍ତି । ଟାଇମସ୍ ହାୟର ଏଜୁକେଶନ ୱାର୍ଲ୍ଡ ୟୁନିଭର୍ସିଟି ର୍‌ୟାକିଂ ଏବଂ କ୍ୟୁଏସ ସର୍ଭେ ଦ୍ୱାରା ଏହି ବିଶ୍ୱବିଦ୍ୟାଳୟ ଉଚ୍ଚ ପ୍ରଶଂସିତ ହେଇଛି ।

# ନବ ନିଯୁକ୍ତ ଓଡ଼ିଶା କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷଙ୍କୁ ବାରିପଦାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା

ବାରିପଦା: ଅଗଷ୍ଟ ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ଜନତା ଦଳର ନେତାମାନଙ୍କୁ ରାଜ୍ୟର ବିଭିନ୍ନ ନିଗମ, ବୋର୍ଡ଼, ପରିଷଦ ଆଦିର ଅଧ୍ୟକ୍ଷ ପଦ ପଦବୀରେ ଥଇଥାନ ଉପରେ ମୋହର ଲଗାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ତାଲିକାରେ କେତେକ ହାରିଥିବା ନେତାଙ୍କ ସହ ଟିକଟରୁ ବଂଚିତ ହୋଇ ଦଳପ୍ରତି ଆନୁଗତ୍ୟ ପ୍ରଦର୍ଶନ କରିଆସୁଥିବା ନେତାମାନଙ୍କ ନାମ ରହିଛି । ଏମାନଙ୍କ ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲାରେ ସାଧାରଣ ବର୍ଗଙ୍କ ନିମନ୍ତେ ସଂରକ୍ଷିତ ରହିଥିବା ଏକମାତ୍ର ୩୪ନଂ ମୋରଡ଼ା ନିର୍ବାଚନ ମଣ୍ଡଳୀର ଆଶାୟୀ ପ୍ରାର୍ଥୀ ଭାବେ ଜଣାଶୁଣା ଦେବାଶିଷ ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ଓଡ଼ିଶା କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ପଦବୀରେ ନିଯୁକ୍ତି ପ୍ରଦାନ କରିଛନ୍ତି । ଆଜି ଓଡ଼ିଶା କୃଷି ଶିଳ୍ପ ନିଗମର ନବ ନିଯୁକ୍ତ ଅଧ୍ୟକ୍ଷ ତଥା ମୟୂରଭଞ୍ଜ ଜିଲ୍ଲା ବିଜେଡ଼ି ସଭାପତି ଶ୍ରୀ ମହାନ୍ତି ଭୁବନେଶ୍ୱରରୁ ଆସି ବାରିପଦା ପ୍ରଦକ୍ଷଣ ଗୃହରେ ପହଁଚିବା ପରେ ତାଙ୍କୁ ବିଜେଡ଼ି ପକ୍ଷରୁ ଏକ ଏକ ଖୋଲା ଜିପ୍ ରେ ବିଶାଳ ବାଇକ୍ ଶୋଭାଯାତ୍ରାରେ ବିଜେଡ଼ିର ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନକୁ ପାଛୋଟି ଅଣାଯାଇଥିଲା । ଏହି ସମୟରେ ତାଙ୍କ ସହିତ ମୋରଡ଼ା ବିଧାୟକ ରାଜକିଶୋର ଦାସ, ପୂର୍ବତନ ଜିଲ୍ଲା ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ସଂସ୍ଥାର ଅଧ୍ୟକ୍ଷ ଡ଼ା. ଦେବାଶିଷ ମାର୍ଣ୍ଡି, ଜିଲ୍ଲା ଯୁବ ବିଜେଡ଼ି ସଭାପତି ଜିତେନ୍ଦ୍ର ମହାନ୍ତି ପ୍ରମୁଖ ସାମିଲ ଥିଲେ ଏବଂ ରାସ୍ତାରେ ବିଜୁ ଗୋଲେଇରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ ।

# ଡା. ଏସ୍ ସି ଦାଶ ସମ୍ମାନୀତ



ଭୁବନେଶ୍ୱର: କିମ୍‌ସର ପ୍ରଫେସର ଏମିରେଟସ୍ ତଥା ଖ୍ୟାତି ସଂପନ୍ନ ଯକୃତ ବିଶେଷଜ୍ଞ ଡା. ସୁରେଶ ଚନ୍ଦ୍ର ଦାଶଙ୍କୁ ଫେଲୋ ଅଫ୍ ଦି ଇଣ୍ଡିଆନ୍ ସୋସାଇଟି ଅଫ୍ ଟ୍ରାନ୍‌ପ୍ଲାଣ୍ଟେସନ୍ (ଫିସଟ୍) ସମ୍ମାନରେ ସମ୍ମାନୀତ କରାଯାଇଛି। ନିକଟରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏସିଆନ୍ ସୋସାଇଟି ଅଫ୍ ଟ୍ରାନ୍‌ସପ୍ଲାଣ୍ଟେସନ୍ (କାଷ୍ଟ-୨୦୧୯) ଅବସରରେ ଡା ଦାଶଙ୍କୁ ସମ୍ମାନୀତ କରାଯାଇଛି। ଏମ୍‌ସ ଓ ଆମେରିକାରେ ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ଜୀବନ ବ୍ୟାପୀ ସାଧନା, ଗବେଷଣା ଏବଂ ବୈଜ୍ଞାନିକ ପ୍ରକାଶନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଡା. ଦାଶ ସଂପ୍ରତି କିମ୍‌ସର ପ୍ରଫେସର ଏମିରେଟସ୍ ତଥା ନେଫ୍ରୋଲୋଜି, ଡାୟାଲିସିସ୍ ଏବଂ ଟ୍ରାନ୍‌ପ୍ଲାଣ୍ଟେସନ୍ ବିଭାଗର ବରିଷ୍ଠ ପ୍ରଫେସର ଭାବେ କାର୍ଯ୍ୟରତ। ଡା ଦାଶ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏ କି ନେପାଳର କାଠମାଣ୍ଡୁସ୍ଥିତ ବୀର ହସ୍‌ପିଟାଲ୍‌ରେ ହେମୋଡାୟାଲିସିସ୍ ସେଣ୍ଟର ଆରମ୍ଭ କରିଥିଲେ। ଏଥି ପାଇଁ ତାଙ୍କ ନେପାଳଗୌରବ ସମ୍ମାନରେ ମଧ୍ୟ ସମ୍ମାନୀତ କରାଯାଇଛି।

# ଗୋପପୁର ଗୁଣିଆଙ୍କୁ ନିର୍ଯ୍ୟାତନା ମାମଲା

ଗଞ୍ଜାମ:ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଗୋପପୁର ଗ୍ରାମରେ ଗ୍ରାମବାସୀଙ୍କ ଦ୍ୱାରା ବିବେଚିତ ୬ ଜଣ ଗୁଣିଆଙ୍କୁ ନିର୍ଯ୍ୟାତନା ଓ ଆକ୍ରମଣ ଅଭିଯୋଗରେ ଆଜି ଆଉ ୫ ଜଣଙ୍କୁ ଗିରଫ କରିଛି ପୋଲିସ । ଫଳରେ ମାମଲାରେ ଗିରଫଦାରୀ ସଂଖ୍ୟା ୩୪ ରେ ପହଂଚିଛି । ସୂଚନା ମୁତାବକ, ଗତ ୩୦ ତାରିଖରେ ଏହି ଗ୍ରାମର ହରି ନାହାକ, ସନ୍ୟା ନାହାକ, ରଙ୍କ ନାହାକ, ଦୁର୍ଯ୍ୟ ନାହାକ, ଯୋଗୀ ନାହାକ, ଯୋଗିନ୍ଦ୍ର ନାହାକଙ୍କୁ ଗୁଣି କରୁଥିବା ଅଭିଯୋଗରେ ଗ୍ରାମବାସୀ ସ୍ୱଷ୍ଟ ଦିବା ଲୋକରେ ସଂଘବଦ୍ଧ ଭାବେ ଆସି ଗାଁ ଦାଣ୍ଡରେ ନିସ୍ଥୁକ ମାଡ଼ ମାରିବା ସହ ସେମାନଙ୍କର ଦାନ୍ତ ଭାଙ୍ଗି ବିଷ୍ଟା ଖୁଆଇଥିଲେ । ପୋଲିସ ଖବର ପାଇ ଗାଁରେ ପହଂଚି ଆହତ ମାନଙ୍କୁ ଖଲ୍ଲିକୋଟ ଡାକ୍ତରଖାନାରେ ଭର୍ତି କରିଥିଲା । ଖଲ୍ଲିକୋଟ ଥାନା ପକ୍ଷରୁ ଏ ସଂକ୍ରାନ୍ତରେ ୨୫୬/୧୯ ରେ ଏକ ମାମଲା ରୁଜୁ ହୋଇଥିଲା । ଘଟଣା ଦିନ ହିଁ ଏଥିରେ ଜଡ଼ିତ ଥିବା ୨୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା ।

## ଭାରତରେ ଶୁଭାରମ୍ଭ ହେଲା ସାମସଙ୍ଗ ଗ୍ୟାଲେକ୍ସି ନୋଟ ୧୦ ଓ ଗ୍ୟାଲେକ୍ସି ୧୦+

ଭୁବନେଶ୍ୱର : ଭାରତର ସବୁଠାରୁ ବୃହତ୍ତ କୁମର ଇଲେକଟ୍ରୋନିକ ଓ ସ୍ମାର୍ଟଫୋନ ବ୍ରାଣ୍ଡ ସାମସଙ୍ଗ ପକ୍ଷରୁ ଆଜି ଗ୍ୟାଲେକ୍ସି ନୋଟ ୧୦ ଓ ଗ୍ୟାଲେକ୍ସି ୧୦+ର ଶୁଭାରମ୍ଭ କରାଯାଇଛି । ଏହା ଦୁଇଟି ଆକର୍ଷଣୀୟ ଏଡ୍‌ଂ ଶକ୍ତିଶାଳୀ ଫ୍ଲାଗସିପ ଡିଭାଇସ ଅଟେ, ଯାହାକି ଆଗାମୀ ପିଢିର ଉତ୍ପାଦକତା ଓ ସୃଜନଶୀଳତାକୁ ପରବର୍ତ୍ତି ସ୍ତରକୁ ନେବାରେ ସାହାଯ୍ୟ କରିବ । ଏହାର ବୈଶିଷ୍ଟ୍ୟତା ଦୃଷ୍ଟି କୋଣରୁ ଗ୍ୟାଲେକ୍ସି ନୋଟ ୧୦ ଦୁଇଟି ସାଇଜରେ ଆସୁଛି ।

# ପାନ ଆଫ୍ରିକା ର୍‌ୟାଲିରେ ହିରୋ ମୋଟୋସ୍ପୋର୍ଟସ୍ ଆଗରେ

ଭୁବନେଶ୍ୱର : ବିଶ୍ୱର ସର୍ବବୃହତ ଦୁଇ ଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପର ହିରୋ ମୋଟୋସ୍ପୋର୍ଟସ୍ ଟିମ ଚଳିତ ପାନ ଆଫ୍ରିକା ର୍‌ୟାଲି ୨୦୧୯ ରେ ଜୋକ୍ୱିମ ରୋଡ୍ରିଗ୍ୟୁ ଙ୍କ ଦ୍ୱିତୀୟ ପର୍ଯ୍ୟାୟରେ ବିଜୟ ସହ ଆଗରେ ରହିଛି । ଦ୍ୱିତୀୟ ପର୍ଯ୍ୟାୟର ଶେଷ ସୁଦ୍ଧା ଜୋକ୍ୱିମ ର୍‌ୟାକିଂ ର ଶିର୍ଷରେ ରହିଥିଲେ ତାଙ୍କର ସାଥି ସିଏସ୍ ସନ୍ତୋଷ ର୍‌ୟାଙ୍କ ଟେବୁଲରେ ଦଶମ ସ୍ଥାନରେ ରହିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମାର୍ଦ୍ଧ ସୁଧା ପ୍ରତିଭାବାନ ଜୋକ୍ୱିମ ୧୪୫ କିମି ର ଦୁରତ୍ୱ କୁ ସମ୍ପୂର୍ଣ୍ଣ କରି ହିରୋ ମୋଟୋସ୍ପୋର୍ଟସ୍ ଟିମ ର୍‌ୟାଲି ଜିତି ଥିଲେ । ପୂର୍ବରୁ ସେ ପ୍ରୋ-ଲିଗ୍ ରେ ମଧ୍ୟ ବିଜୟ ଲାଭ କରିଛନ୍ତି । ସେହିଭଳି ସନ୍ତୋଷ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଜରିଆରେ ଟିମ କୁ ପରବର୍ତୀ ପର୍ଯ୍ୟାୟରେ ପହଂଚାଇଛନ୍ତି । ଦ୍ୱିତୀୟ ପର୍ଯ୍ୟାୟରେ ସେ ଏକାଦଶ ସ୍ଥାନରେ ରହି ମୋଟାମୋଟି ଭାବେ ର୍‌ୟାକିଂ ରେ ଶ୍ରେଷ୍ଠ ୧୦ସ୍ଥାନ ମଧ୍ୟରେ ସ୍ଥାନିତ ହୋଇଛନ୍ତି । ପ୍ରତିଯୋଗୀ ଙ୍କ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ର୍‌ୟାଲି ଆଉ ଏକ ସ୍ମରଣୀୟ ଦିବସ ଥିଲା । ର୍‌ୟାଲି ର ତୃତୀୟ ପର୍ଯ୍ୟାୟରେ ପ୍ରତିଯୋଗୀ ଙ୍କ ପାଇଁ ବେଶ ଚ୍ୟାଲେଫୁର୍ଣ୍ଣ ହେବ । କାରଣ ଏଥିରେ ପ୍ରତିଯୋଗୀ ଦୀର୍ଘ ୪୫୦କିମି ର ଦୂରତ୍ୱରେ ଗାଡି ଚାଳନା କରିବାକୁ ପଡିବ । ଏ ସମ୍ପର୍କରେ ହିରୋ ମୋଟୋସ୍ପୋର୍ଟସ୍ ଟିମ ର୍‌ୟାଲିର ଚାଳକ ଜୋକ୍ୱିମ ରୋଡ୍ରିଗ୍ୟୁ କୁହନ୍ତି ଆଜିର ଦିନ ମୋ ପାଇଁ ଶ୍ରେଷ୍ଠ ଥିଲା । ପ୍ରତିଯୋଗୀତାରେ ପ୍ରଥମରୁ ମୁଁ ଆଗରେ ରହି ମୋଠାରୁ ଆଗରେ ଥିବା ପ୍ରତିଯୋଗୀଙ୍କୁ ଅତିକ୍ରମ କରିବାକୁ ଚେଷ୍ଟା କରିଥିଲି, କିନ୍ତୁ ସେ ସମୟରେ ଧୂଳୀ ର ମାତ୍ରା ଏତେ ରହିଥିଲା ଯେ, ସେଥିରେ କିଛିବି ଦେଖିବା କଷ୍ଟକର ହେଉ ଅତିକ୍ରମ କରି ରିପୁଏଲିଂ ପଏଂଟରେ ଦ୍ୱିତୀୟ ସ୍ଥାନରେ ପହଂଚିଲି, କିନ୍ତୁ କେତେକ ବୈଷୟିକ ସମସ୍ୟା ପାଇଁ ସେମାନେ ଦ୍ୱିତୀୟ ପର୍ଯ୍ୟାୟକୁ ବାତିଲ କରିଥିଲେ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 &
Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray